ବର୍ଷ-୨୬, ସଂଖ୍ୟା-୪୬
ଭୁବନେଶ୍ୱର
୧୬, ଫେବୃଆରୀ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 46
Bhubaneswar
16 February, 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କିଷାନଙ୍କ ବିଧ୍ୱଂସୀ ବ୍ୟାଟିଂ

# ଆଗୁଆ ଉଠିଲା ପ୍ରଭୁ ଲିଙ୍ଗରାଜଙ୍କ ମହାଦୀପ

ଭୁବନେଶ୍ୱର,୧୫।୨(ମହାଭାରତ): ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମହାଦୀପ ଉଠିଛି। ମହାଦୀପ ଉଠିବା ପାଇଁ ପୂର୍ବରୁ ରାତି ୧୦ଟା ରଖାଯାଇଥିଲା। କିନ୍ତୁ ସମସ୍ତ ନୀତିକାନ୍ତି ଶ୍ରୀଘ୍ର ସମାପନ କରାଯାଇଥିବାରୁ ଏହା ରାତି ୮ଟା ୩୮ ମିନିଟରେ ଉଠିଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ମହାଦୀପ ଉଠିଥିବାରୁ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଦେଖାଯାଇଛି। ମହାଦୀପ ଉଠିଲା ପରେ ଭକ୍ତମାନେ ବ୍ରତ ଭାଙ୍ଗିଛନ୍ତି। ଆଜି ରାଜ୍ୟପାଳ ହରିବାବୁ କୁମ୍ଭମପତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ କରିଛନ୍ତି।

ଶ୍ରୀଲିଙ୍ଗରାଜ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଛି ଏବଂ ଏହି ଦିବ୍ୟଦୃଶ୍ୟକୁ ଅବଲୋକନ କରିବାକୁ ଭକ୍ତମାନେ ଭାବ ଓ ଆବେଗର ସହ ଅପେକ୍ଷା କରିଥିଲେ। ଶିବ ପଞ୍ଚାକ୍ଷରୀରେ ଏକାମ୍ରକ୍ଷେତ୍ର କମ୍ପି ଉଠିଥିଲା। ଏଥି ସହିତ ବ୍ରତଧାରୀମାନେ ବ୍ରତ ଭାଙ୍ଗିଛନ୍ତି। ଶିବରାତ୍ରି ପାଇଁ ଏକାମ୍ର କ୍ଷେତ୍ର ଆଜି ଦିନସାରା ଚଳଚଞ୍ଚଳ ହୋଇଉଠିଥିଲା। ଭକ୍ତିମୟ ପରିବେଶରେ ଭାରତର ଅନ୍ୟତମ ଶୈବ ପୀଠ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ର ଉଚ୍ଛୁଳି ପଡିଛି। ଶନିବାର ରାତିରୁ ଭକ୍ତମାନେ ଲିଙ୍ଗରାଜ ଦର୍ଶନ ପାଇଁ ଧାଡି ବାନ୍ଧି ଅପେକ୍ଷା କରିଥିଲେ। ଆଜି ଦିନତମାମ ମହାଦେବଙ୍କ ଦର୍ଶନ ଲାଗି ରହିଥିଲା ଏବଂ ସନ୍ଧ୍ୟାରୁ ଭଜନ ସମାରୋହ ସାଙ୍ଗକୁ ରାତିରେ ମହାଦୀପ ଦର୍ଶନ ପାଇଁ ଭିଡ ହୋଇଥିଲା। ଏଥିପାଇଁ ମନ୍ଦିର ପ୍ରଶାସନରୁ ଆରମ୍ଭ କରି ବିଏମ୍‌ସି ଓ କମିସନରେଟ୍ ପୁଲିସ ପକ୍ଷରୁ ସବୁ ପ୍ରସ୍ତୁତି ଚୂଡାନ୍ତ ହୋଇସାରିଥିଲା। ଜାଗର ପାଇଁ ସମଗ୍ର ଏକାମ୍ର କ୍ଷେତ୍ର ସମେତ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଲିଙ୍ଗରାଜ ମନ୍ଦିର ମୁଖ୍ୟ ଫାଟକ ଠାରୁ ଆରମ୍ଭ ହୋଇ ବଡେଇବାଙ୍କ ଛକ ପର୍ଯ୍ୟନ୍ତ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ପୂର୍ବ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ ଭୋର ସାଢ଼େ ୩ଟାରେ ପ୍ରଭୁ ଲିଙ୍ଗରାଜଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହୋଇଥିଲା। ଏହା ପରେ ପ୍ରଭୁ ଲିଙ୍ଗରାଜଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି କରାଯାଇଥିଲା।



# ଓଡ଼ିଶା ପୋଲିସର ଅପରେସନ 'ସାଇବର କବଚ୍'

## ସାଇବର ଅପରାଧୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୫।୨(ମହାଭାରତ): ସାଇବର ଅପରାଧ ନେଟୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅଭିଯାନ 'ଅପରେସନ ସାଇବର କବଚ୍' ଜାରି ରହିଛି। ଆଜି ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଠକେଇ ପାଇଁ ବ୍ୟବହାର ହେଉଥିବା 'ବେନାମୀ ବ୍ୟାଙ୍କ ଆକାଉଣ୍ଟ'ଏବଂ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।ଆଜି ସମଗ୍ର ରାଜ୍ୟରେ ମୋଟ ୭୩ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ୍ ଯାଞ୍ଚ କରାଯାଇଛି।

ପୋଲିସ ୩ଟି ନୂତନ ସାଇବର ମାମଲା ରୁଜୁ କରିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହା ବ୍ୟତୀତ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସାଇବର ଅପରାଧରେ ସହାୟତା କରୁଥିବା ୫୧ ଜଣ ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ଜାରି କରାଯାଇଛି।ଏହି ଅଭିଯାନରେ ବୌଦ୍ଧ ଜିଲ୍ଲାରେ ୪୫ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯିବା ସହ ୧ଟି ନୂତନ ମାମଲା ରୁଜୁ କରାଯାଇଛି ଏବଂ ୪୫ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି। ସେହିପରି ମାଲକାନଗିରି ଜିଲ୍ଲାରେ ୨୦ଟି ମବେନାମୀ ଆକାଉଣ୍ଟ୍ ଯାଞ୍ଚ କରାଯାଇ ୧ଟି ନୂତନ ମାମଲା ରୁଜୁ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ୨ଟି ବେନାମୀ ଆକାଉଣ୍ଟ୍ ଯାଞ୍ଚ କରାଯାଇଛି। ପୂର୍ବରୁ ରୁଜୁ ହୋଇଥିବା ମାମଲା ସହ ୨ଟି ଲିଙ୍କ୍ ମିଳିବା ପରେ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।ସେହିପରି କଟକ (ଟଚଡ଼) ରେ ୬ଟି ମ୍ୟୁଲ୍ ଆକାଉଣ୍ଟ୍ ଯାଞ୍ଚ ସହ ୧ଟି ନୂତନ ମାମଲା ରୁଜୁ କରାଯାଇ ୬ ଜଣଙ୍କୁ ନୋଟିସ୍ ଦିଆଯାଇଛି।ଏହି ଅଭିଯାନରେ ଜିଲ୍ଲା ଏସ.ପି. ଏବଂ ଡି.ସି.ପି. ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସାଇବର ଟିମ୍ ସାମିଲ ହୋଇଥିଲେ।ସାଇବର ଅପରାଧୀଙ୍କ ଆର୍ଥିକ ଭିତ୍ତିଭୂମିକୁ ନଷ୍ଟ କରିବା ଏହି 'ସାଇବର କବଚ୍' ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଜନସାଧାରଣଙ୍କ ଡିଜିଟାଲ୍ ସୁରକ୍ଷା ପାଇଁ ଓଡ଼ିଶା ପୋଲିସ ସର୍ବଦା ସଂକଳ୍ପ ବଦ୍ଧ।

# ମହାଶିବରାତ୍ରିରେ ମହାବିଜୟ

କଲମ୍ବୋ,୧୫।୦୨(ଏଜେନସି): ବିଶ୍ୱକପ୍‌ରେ ଭାରତର ଦବ୍‌ଦବା ଜାରି ରହିଛି। ଆଜି ଜାଗରରେ ଚିରପ୍ରତିଦ୍ୱନ୍ଦୀ ପାକିସ୍ତାନ ବିରୋଧରେ ଜମାଣିଆ ବିଜୟ ହାସଲ କରିଛି ଭାରତ। ଏହି ମହାମୁକାବିଲା କଡ଼ା ଟକ୍କର ହେବା ଭଳି ଲାଗୁ ଥିଲେ ହେଁ ଭାରତୀୟ ବୋଲରମାନେ ଏହାକୁ ଏକତରଫା କରିଦେଇଛନ୍ତି। ଇଶାନ କିଶନଙ୍କ ବିଧ୍ୱଂସୀ ବ୍ୟାଟିଂ ପରେ ବୋଲରମାନେ ଟିମ୍ ଇଣ୍ଡିଆର ବୋଲରମାନେ ପାକିସ୍ତାନୀ ଦଳକୁ ୧୧୪ ରନରେ ଅଲଆଉଟ କରିଛନ୍ତି। କଲମ୍ବୋର ଆର. ପ୍ରେମଦାସା ଷ୍ଟାଡିୟମରେ ପ୍ରଥମେ ବ୍ୟାଟିଂ କରି ଭାରତ ୧୭୫ ରନ କରିଥିବା ବେଳେ ପାକିସ୍ତାନ କେବଳ

## ଭାରତ ୧୭୫/୭, ପାକିସ୍ତାନ ୧୧୪

୧୧୪ ରନରେ ସମସ୍ତ ୱିକେଟ ହରାଇଥିଲା। ଭାରତ ପାକିସ୍ତାନକୁ ୬୧ ରନରେ ପରାସ୍ତ କରିଛି। ଇଶାନ କିଶାନ ୭୭ ରନର ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ, ତା'ପରେ ଅକ୍ଷର ପଟେଲ ଏବଂ ଅନ୍ୟ ସମସ୍ତ ବୋଲରଙ୍କ ଦମଦାର ପ୍ରଦର୍ଶନ ଥିଲା। ଏହି ବିଜୟ ସହ ଭାରତ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ନିଜର ଦବଦବା ବଜାୟ ରଖିବା ସହ ସୁପର-୮ ପର୍ଯ୍ୟାୟ ପାଇଁ ନିଜର ସ୍ଥାନ ପକ୍କା କରିଛି।

ଟି-୨୦ ବିଶ୍ୱକପ୍ ଇତିହାସରେ ଅଷ୍ଟମ ଥର ପାଇଁ ଭାରତ ପାକିସ୍ତାନକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମ ଓଭରରେ ହିଁ ଅଭିଷେକ ଶର୍ମା ଖାତା ଖୋଲି ପାରି ନ ଥିଲେ। ଏହା ପରେ ପାକିସ୍ତାନ ବୋଲରଙ୍କ ଉପରେ କାଉଣ୍ଟର





ଆଟାକ୍ କରିଥିଲେ ଇଶାନ କିଶନ। ଆଉ ତାଙ୍କୁ ସହଯୋଗ ଦେଇଥିଲେ ତିଳକ ବର୍ମା। ଇଶାନ ବିସ୍ଫୋରକ ବ୍ୟାଟିଂ କରି ୨୭ ବଲରୁ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ। ଇଶାନ ଓ ତିଳକ ଦ୍ୱିତୀୟ ୱିକେଟରେ ୮୭ ରନ ଯୋଡି ଭାରତର ସ୍ଥିତି ମଜବୁତ କରିଥିଲେ। ତେବେ ଇଶାନ କିଶନ ଆଉଟ୍ ହେବା ଭାରତକୁ ବଡ ଝଟକା ଲାଗିଥିଲା। ଇଶାନ ୪୦ ବଲରୁ ୧୦ ଚୌକା ଓ ୩ ଛକା ସହ ୭୭ ରନ କରିଥିଲେ। ଏହା ପରେ ଭାରତର ରନ ଗତି ଧିମା ପଡିଥିଲା। ଉସ୍ମାନ ତାରିକ ଭାରତୀୟ ବ୍ୟାଟରଙ୍କୁ ବଡ ସଟ୍ ଖେଳିବାକୁ ଦେଇ ନ ଥିଲେ। ତିଳକ ବର୍ମା ୨୪ ବଲରୁ ୧୫ ରନ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ବଲରେ ବଡ ସଟ୍ ଖେଳିବା ପ୍ରୟାସରେ ଆଉଟ୍ ହୋଇଥିଲେ। ସୂର୍ଯ୍ୟକୁମାର ଯାଦବ ୩୨ ରନ କରିଥିଲେ ହେଁ ମନ୍ଥର ପିଚ୍ ପାଇଁ ଦ୍ରୁତ ବ୍ୟାଟିଂ କରି ପାରି ନ ଥିଲେ। ଶିବମ ଦୁବେ ୧୭ ବଲରୁ ୨୭ ରନ କରିଥିଲେ। ରିଙ୍କୁ ସିଂ ୪ ବଲରୁ ୧୧ ରନ କରି ଅପରାଜିତ ଥିଲେ। ଶେଷରେ ଭାରତ ୭ ୱିକେଟ୍ ହରାଇ ୧୭୫ ରନ କରି ପାରିଛି।

୧୭୬ ରନ୍‌ର ପିଛା କରୁଥିବା ପାକିସ୍ତାନ ଦଳ ଭାରତୀୟ ବୋଲରଙ୍କ ଘାତକ ଆକ୍ରମଣ ଆଗରେ ତିଷ୍ଠି ପାରିନଥିଲା। ପାୱାରପ୍ଲେ ସୁଦ୍ଧା ଦଳ ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହରାଇ ଚାପରେ ପଡ଼ିଯାଇଥିଲା। ଓପନର ଫରହାନ (୦), ଆୟୁବ (୬), ସଲମାନ ଆଘା (୬), ବାବର ଆଜମ (୫) ରନ୍ କରି ସଅଳ ଆଉଟ୍ ହୋଇଥିଲେ। ବାବର ଆଜମ ପୁଣିଥରେ ପ୍ରମାଣ କଲେ ଯେ ସେ ଟି-୨୦ ଦଳରେ ସ୍ଥାନ ପାଇବାକୁ ଯୋଗ୍ୟ ନୁହଁନ୍ତି। ସେ ମାତ୍ର ୫ ରନ୍ କରିଥିଲେ। ଉସମାନ ଖାନ ୪୪ ରନ୍ କରିଥିବା ବେଳେ ଶାହିନ ଆଫ୍ରିଦି ୨୩ ରନ୍ କରି ଅପରାଜିତ ରହିଥିଲେ। ପାକିସ୍ତାନର ପ୍ରଦର୍ଶନ ଏତେ ଖରାପ ଥିଲା ଯେ, ଉସମାନ ଏବଂ ଶାହିନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟାଟସମ୍ୟାନ୍ ୨୦ ରନ୍ ମଧ୍ୟ ଛୁଇଁ ପାରିନଥିଲେ। ପାକିସ୍ତାନ ମାତ୍ର ୧୮ ଓଭରରେ ୧୧୪ ରନ୍ କରି ଅଲ୍-ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ଜସପ୍ରୀତ ବୁମରା (୨), ହାର୍ଦ୍ଦିକ ପାଣ୍ଡ୍ୟା (୨), ଅକ୍ଷର ପଟେଲ (୨), ବରୁଣ ଚକ୍ରବର୍ତ୍ତୀ (୨) ୱିକେଟ ନେଇଥିଲେ।

# ପ୍ରସିଦ୍ଧ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କ ବିୟୋଗ

ଭୁବନେଶ୍ୱର,୧୫।୨(ମହାଭାରତ): ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକ ଆଉ ନାହାନ୍ତି। ଆଜି ସନ୍ଧ୍ୟା ୬ଟା ୧୮ ମିନିଟରେ ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଗତ ୧୩ ତାରିଖ ଦିନ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ଆଇସିୟୁରେ ଚିକିତ୍ସାଧୀନ ଥିଲେ। ଗତ ୧୨ ତାରିଖ ଦିନ ସେ ଭୁବନେଶ୍ୱରରେ ଏକ ସାହିତ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ତୁରନ୍ତ ରାଜଧାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ତାଙ୍କୁ ମସ୍ତିଷ୍କାଘାତ ହୋଇଥିବା ଜଣାପଡିଥିଲା ଏବଂ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଆସନ୍ତାକାଲି ଗୀତା ପଟ୍ଟନାୟକଙ୍କର ଅନ୍ତିମ ସଂସ୍କାର କଟକର ସତୀଚୂଢଉରାରେ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

ଗୀତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ବିଶିଷ୍ଟ ବ୍ୟକ୍ତି ବିଶେଷ।



ସୂଚନାଯୋଗ୍ୟ, ୧୯୫୪ ମସିହା ଡିସେମ୍ବର ୧୦ ତାରିଖରେ ଗୀତା ପଟ୍ଟନାୟକ ଜନ୍ମଗ୍ରହଣ କରିଥିଲେ। ସ୍ୱର୍ଗତ ସୁରେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ ଓ ହେମଲତା ପଟ୍ଟନାୟକଙ୍କ ଝିଅ ଗୀତା ପ୍ରଥମେ ରେଡ଼ିଓରୁ ଲତା ମଙ୍ଗେସକରଙ୍କ ଗୀତ ଶୁଣି ନିଜେ ନିଜେ ଗାଇବାକୁ ଉଦ୍ୟମ କରିଥିଲେ। ୧୯୭୫ ମସିହାରେ କଟକ କଳା ବିକାଶ କେନ୍ଦ୍ରରେ ଯୋଗ ଦେଇ ସଙ୍ଗୀତ ଶିକ୍ଷା ନେଇଥିଲେ। ସେ ରଘୁ ନନ୍ଦ, ରାଖାଲ ଚନ୍ଦ୍ର ମହାନ୍ତି ଓ ବାଳକୃଷ୍ଣ ଦାସଙ୍କ ଠାରୁ ସେ ସଂଗୀତ ଶିଖିଥିଲେ। କଳା ବିକାଶ କେନ୍ଦ୍ରରେ ୬ ବର୍ଷ ଶିକ୍ଷା ଗ୍ରହଣ କରି ସେଠାରୁ ସଙ୍ଗୀତ ଭୂଷଣ ପାସ୍ କରିଥିଲେ। ୧୯୭୧ ମସିହାରେ ଆକାଶବାଣୀର ଜଣେ ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀର ମାନ୍ୟତା ପାଇଥିଲେ। ସେଠାରେ ତାଙ୍କର ପ୍ରଥମ ଗୀତ ଥିଲା ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁ ତଟ୍ଟ। ଏହା ପରେ ଅକ୍ଷୟ ମହାନ୍ତିଙ୍କ ପ୍ରଥମ ଗୀତ ଗାଇଥିଲେ ବିଜେନ ବଜାଏ ବେଣୁଟ୍ଟ , ଯାହା ବେଶ୍ ଲୋପ୍ରିୟ ହୋଇଥିଲା। ପରେ ପରେ ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନେକ ଗୀତ ଗାଇଥିଲେ।

ସେ ମାତ୍ର ପନ୍ଦର ବର୍ଷ ବୟଷରେ 'ଅଦିନ ମେଘ' ଚଳଚ୍ଚିତ୍ରରେ ପ୍ରଥମ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ଗୀତ ଗାଇଥିଲେ। ଦିଲ୍ଲୀ ପିସିସି ଆକାଶବାଣୀରେ କଣ୍ଠଦାନ କରିଥିଲେ। କେବଳ ଓଡ଼ିଆ ଭାଷା ନୁହେଁ ବରଂ ହିନ୍ଦୀ, ଗୁଜରାଟି, ରାଜସ୍ଥାନୀ ଓ ମରାଠୀ ଭାଷାରେ ମଧ୍ୟ ଗୀତ ଗାଇଛନ୍ତି। ସେ ଭଜନ, ଜଣାଣ, ପଲ୍ଲୀଗୀତ, ଛାନ୍ଦ, ଚମ୍ପୁ, ଆଧୁନିକ ଗୀତ ଓ ବିଭିନ୍ନ ଚଳଚ୍ଚିତ୍ରରେ କଣ୍ଠଦାନ କରି ଓଡ଼ିଶାରେ ନୁହେଁ ଭାରତ ବାହାରେ ମଧ୍ୟ ସଫଳତା ଅର୍ଜନ କରିଛନ୍ତି ।

'ଯାଯାବର' ଚଳଚ୍ଚିତ୍ରର ଫୁର କିନା ଉଡ଼ିଗଲା ବଣି, ମନ ମୋର। 'ନାଗଫାଶ' ଚଳଚ୍ଚିତ୍ରର ନଦୀ ଫେରେ ସାଗରକୁ। 'ତଅପୋଇ'ଚଳଚ୍ଚିତ୍ରର ଭିଣେଇ ବାବୁ ଭିଣେଇ ବାବୁ ପଇଡ଼ରେ ପାଣି ଡାବୁ ଡାବୁ। 'ଆହୁତି' ଚଳଚ୍ଚିତ୍ରର ହୃଦୟକୁ କରିଦିଅ ପାନ୍ଥଶାଳା। 'ଅଦିନ ମେଘ ' ଚଳଚ୍ଚିତ୍ରର ଏଇ ଆମରି ଗାଆଁ। 'ସଂସାର' ଚଳଚ୍ଚିତ୍ରର ଆଲୋ କଳାଶାରୀ କିଏ ତୋ ଶୁଆ, ଜାଇଫୁଲରେ ଟ.. । 'ଅକ୍ଷିତୃତୀୟା' ଫିଲ୍ମରେ 'ଏଇ ତାର ଭରା ଜହ୍ନ ରାତି ଟ. ଗୀତଟି ବେଶ୍ ଲୋକପ୍ରିୟ ହୋଇଥିଲା।

# ହଜାର ଏକର ଜମିରେ ପ୍ରତିଷ୍ଠା ହେବ ଇଣ୍ଡଷ୍ଟ୍ରିଆଲ ହବ୍ : ଧର୍ମେନ୍ଦ୍ର

ସମ୍ବଲପୁର,୧୫।୨(ମହାଭାରତ): ଭାରତୀୟ ଶିଳ୍ପ ମହାସଂଘ(ସିଆଇଆଇ) ପକ୍ଷରୁ ସମ୍ବଲପୁର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଧିକ ପରିବର୍ତ୍ତନଶୀଳ ପଦକ୍ଷେପର ଶୁଭାରମ୍ଭ କରାଯାଇଛି ଯାହା ପଶ୍ଚିମ ଓଡ଼ିଶାରେ ଶିକ୍ଷା, ଦକ୍ଷତା, ଉଦ୍ୟୋଗିକତା ଓ ବଜାର-ପରିଚାଳିତ କୃଷି ବିକାଶକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପଗୁଡ଼ିକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ହୀରାକୁଦ ସ୍ଥିତ ଇକୋ ରିଟ୍ରିଟ ରିସର୍ଟଠାରେ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ଶିଳ୍ପ ନେତୃବୃନ୍ଦ, ନୀତି ନିର୍ମାତା, ଉଦ୍ୟୋଗୀ ଓ ଯୁବପିଢ଼ିଙ୍କୁ ସମ୍ବୋଧିତ କରି ମନ୍ତ୍ରୀ ଶ୍ରୀ ପ୍ରଧାନ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା କ୍ଷେତ୍ରରେ ଶିଳ୍ପ-ନେତୃତ୍ୱାଧୀନ ଦକ୍ଷତା ବିକାଶ ଓ ଉଦ୍ଭାବନର ମହତ୍ୱକୁ ଆଲୋକପାତ କରିଛନ୍ତି।

ଶ୍ରୀ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି ଯେ, ଶିକ୍ଷା ଓ ସଶକ୍ତିକରଣ ମଧ୍ୟରେ ରହିଥିବା ସଂଯୋଗକୁ ସୁଦୃଢ଼ କରିବା ଦ୍ୱାରା ତାହା ପଶ୍ଚିମ ଓଡ଼ିଶାରେ ଯୁବପିଢ଼ିଙ୍କୁ ସଶକ୍ତ କରିବ ଏବଂ ଆଂଚଳିକ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। "ଆମ ସରକାର ଟିୟର ୨ ଓ ଟିୟାର ୩ ସହରଗୁଡ଼ିକର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। ସମ୍ବଲପୁର ଏକାଧିକ ବିକାଶମୂଳକ ପଦକ୍ଷେପରୁ ବହୁମାତ୍ରାରେ ଉପକୃତ ହେବାକୁ ଯାଉଛି। ଏଥିସହିତ ସେ ରାଉରକେଲା-ରାଂଚି ରୋଡ୍ କରିଡରର ପୁନଃନିର୍ମାଣ ପ୍ରସ୍ତାବଗୁଡ଼ିକର ଘୋଷଣା କରିଥିଲେ ଏବଂ ଭବିଷ୍ୟତର ଶିଳ୍ପଗୁଡ଼ିକ ପାଇଁ ୧୦୦୦ ଏକରର ଶିଳ୍ପ ଜମି ପ୍ରସ୍ତୁତ କରିବା ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୁଭାରମ୍ଭ ହୋଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକରେ ସେଂଟ୍ରାଲ ଲାଇବ୍ରେରୀରେ



ସିଆଇଆଇ ଏଜୁକେଶନ ଟୁ ଏମ୍ପ୍ଲୋୟମେଂଟ(ଇ୨ଇ) କ୍ୟାରିୟର ଲାଉଞ୍ଜ, ସିଆଇଆଇ ମଡେଲ କ୍ୟାରିୟର ସେଂଟର, ସିଆଇଆଇ ନ୍ୟାଶନାଲ କୌଶଳ କେନ୍ଦ୍ର, ସମ୍ବଲପୁର, ସିଆଇଆଇ ସିଇଏଲ ଓଡ଼ିଶା ଏଂଟରପ୍ରେନ୍ୟୋରସ ଡେଭ୍‌ଲପମେଂଟ ଫୋରମ ଏବଂ ଓଡ଼ିଶାରେ ସିଆଇଆଇ ସିଇଏଲ ମାଇକ୍ରୋ ଆଣ୍ଡ ସ୍ମଲ ଏଂଟରପ୍ରେନ୍ୟୋରସ ପ୍ରୋଜେକ୍ଟ ଆଦି ସାମିଲ ରହିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ଅବସରରେ ଫସଲ, ମତ୍ସ୍ୟଚାଷ ଓ ଦୁଗ୍ଧ ଜାତୀୟ ସାମଗ୍ରୀ ଜୀବିକା ପ୍ରଣାଳୀର ବଜାର-ନେତୃତ୍ୱାଧୀନ ପରିବର୍ତ୍ତନ ପାଇଁ ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଓଡ଼ିଶା ୟୁନିଭର୍ସିଟି ଅଫ୍ ଆଗ୍ରିକଲ୍‌ଚର ଆଣ୍ଡ ଟେକ୍ନୋଲୋଜି(ଓୟୁଏଟି) ଏବଂ ସିଆଇଆଇ ଫୁଡ୍ ଆଣ୍ଡ ଆଗ୍ରିକଲ୍‌ଚର ସେଂଟର ଅଫ୍ ଏକ୍ସିଲେନ୍ସ(ଏଫ୍‌ଏସିଇ) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନର୍ଜୀ ଆଂଚଳିକ ଶିଳ୍ପ ଇକୋସିଷ୍ଟମକୁ ମଜବୁତ କରିବା ପାଇଁ ଏମ୍‌ଏସ୍‌ଏମ୍‌ଇଗୁଡ଼ିକ ସହିତ ବୃହତ ଶିଳ୍ପଗୁଡ଼ିକୁ ସଂଯୋଗ କରିବାର ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, "ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବା ପାଇଁ ଶିଳ୍ପକୁ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଦକ୍ଷତା ବିକାଶ କ୍ଷେତ୍ରରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ପଡ଼ିବ।" ଓଡ଼ିଶା-ଜାପାନ ସହଭାଗିତାକୁ ହାଇଲାଇଟ କରି ସେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶାରୁ ପ୍ରାୟ ୧୦୦୦ ଛାତ୍ରଛାତ୍ରୀ ଜାପାନରେ ନିଯୁକ୍ତି ହାସଲ କରିଛନ୍ତି ଏବଂ ସେ ରାଜ୍ୟ ଶିକ୍ଷା ବିଭାଗ ସହ ସହଯୋଗରେ ଏଭଳି ଆନ୍ତର୍ଜାତୀୟ ସୁଯୋଗଗୁଡ଼ିକୁ ବିସ୍ତାର କରିବା ପାଇଁ ଆହ୍ୱାନ କରିଛନ୍ତି।

ଏହାପୂର୍ବରୁ ସିଆଇଆଇ ୱେଷ୍ଟ ଓଡ଼ିଶା ଜୋନାଲ କାଉନ୍ସିଲର ଅଧ୍ୟକ୍ଷ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ ଲିମିଟେଡର ଅଧ୍ୟକ୍ଷ ଓ ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଅନୀଲ କୁମାର ସିଂହ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରତିନିଧି ଓ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ସମୟରେ ୫୦ ଜଣ ହିତାଧିକାରୀଙ୍କୁ ନିଯୁକ୍ତିପତ୍ର ବିତରଣ କରାଯାଇଥିଲା। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ଓଡ଼ିଶା ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି ସିଆଇଆଇର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନର୍ଜୀଙ୍କ ଦ୍ୱାରା ପରିଚାଳିତ ଏକ ଯୋଗାଯୋଗ ଅଧିବେଶନ ସହ ଶେଷ ହୋଇଥିଲା, ଯେଉଁଠାରେ ସେ ସିଆଇଆଇ ସିଇଏଲ୍ ସମ୍ବଲପୁର ଏଂଟରପ୍ରେନ୍ୟୋରସ୍ ଡେଭ୍‌ଲପମେଂଟ ଫୋରମ ସହ ଜଡ଼ିତ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ସହ ଆଲୋଚନା କରିଥିଲେ।

ସମ୍ବଲପୁରସ୍ଥିତ ଡିଷ୍ଟ୍ରିକ୍ଟ ଏମ୍ପ୍ଲୋଏମେଂଟ ଏକ୍ସଚେଞ୍ଜ ଠାରେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ସିଆଇଆଇ ମଡେଲ କ୍ୟାରିୟର ସେଂଟର, ସମ୍ବଲପୁରର ଔପଚାରିକ ଭାବେ ଶୁଭାରମ୍ଭ କରାଯାଇଥିଲା। ମୋଟ ୧୨୦ ଜଣ ପ୍ରାର୍ଥୀ ଭାରତବ୍ୟାପୀ ବିଭିନ୍ନ ନିଯୁକ୍ତି ସୁଯୋଗ ଅଧିନରେ ନିଯୁକ୍ତିପତ୍ର ଗ୍ରହଣ କରିଥିଲେ। ସେହିପରି ୧୭ ଜଣ ପ୍ରାର୍ଥୀଙ୍କୁ ଜାପାନରେ ଏବଂ ୫ ଜଣ ପ୍ରାର୍ଥୀଙ୍କୁ ଡେନ୍‌ମାର୍କରେ ଚାକିରି ପାଇଁ ଚୟନ କରାଯାଇଥିଲା।



# ଜୀବନଚର୍ଯ୍ୟା





## ଆଳୁ ମଖନି



**ଆବଶ୍ୟକୀୟ ସାମଗ୍ରୀ :** ଆଳୁ, ଜିରା, କାଜୁ, ହଳଦୀ ଗୁଣ୍ଡ, ଗରମ ମସଲା, ଲଙ୍କା ଗୁଣ୍ଡ , ଦହି, କ୍ଷୀର, ଅଦା, ରସୁଣ, ଫ୍ରେଶ୍ କ୍ରିମ, ତେଲ, ଘିଅ ଓ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ ଅଦା, ରସୁଣ ଓ କାଜୁକୁ ମିଶାଇ ପେଷ୍ଟ ତିଆରି କରନ୍ତୁ । ସେହିପରି ଅଳ୍ପ କିଛି କାଜୁ ଭାଜି ରଖନ୍ତଓ ଆଳୁକୁ ଫ୍ରାଏ କରନ୍ତୁ । ଏଗୁଡିକୁ ବେଶୀ ଲାଲ୍ କରିବେ ନାହିଁ । ଆଳୁ ଗୋଲ୍ଡେନ କଲର ହୋଇଆସିଲେ ଏହାକୁ ଏକ ପ୍ଲେଟକୁ ବାହାର କରନ୍ତୁ ।

ଏହାପରେ ଅନ୍ୟ ଏକ କଡେଇରେ ଘିଅ ଗରମ କରି ଜିରା ପକାନ୍ତୁ । ଜିରା ଫୁଟିଗଲା ପରେ ସେଥିରେ ଭଜା କାଜୁ, ହଳଦୀ ଗୁଣ୍ଡ, ଗରମ ମସଲା, ଲଙ୍କା ଗୁଣ୍ଡ ଓ ଅଦା ରସୁଣ କାଜୁ ପେଷ୍ଟ ପକାଇ ଦୁଇ ମିନିଟ୍ ପର୍ଯ୍ୟନ୍ତ କଷନ୍ତୁ । ଏହାପରେ ଫ୍ରାଏ କରି ରଖିଥିବା ଆଳକୁ ପକାଇ ଆଉ କିଛି ସମୟ ମସଲାକୁ କଷନ୍ତୁ ।

ମସଲା ଭଲ ଭାବେ କଷି ହୋଇଗଲେ ଗ୍ୟାସର ଆଞ୍ଚ ଧିମା କରି ଦହି, କ୍ଷୀର, ପାଣି , ଅଳ୍ପ ଫ୍ରେଶ କ୍ରିମ୍ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାନ୍ତୁ । ସିଝିବା ପାଇଁ ଏହାକୁ ୩ ମିନିଟ୍ ଛାଡି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ଆଳୁ ମଖନି' ।

## ଖବର

# ଲୈଲା ମଜନୁପରେ ହୀର ରାଞ୍ଝା ଫିଲ୍ମ ଆଣୁଛନ୍ତି ଇମତିଆଜ୍ ଅଲି




ଇମତିଆଜ୍ ଅଲି ହିନ୍ଦୀ ସିନେମାକୁ ଏବେ କିଛି ସୁନ୍ଦର ଲଭଷ୍ଟୋରୀ ଦେଇଛନ୍ତି । ପୂର୍ବରୁ ଜବ୍ ଓ୍ୱି ମେଟ୍ ଏବଂ ଲୈଲା ମଜନୁ ଭଳି ଫିଲ୍ମ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଥିଲେ ଇମତିଆଜ୍ ଅଲି । ସେ ଏବେ ଦର୍ଶକଙ୍କ ପାଇଁ ଆଉ ଏକ ଲଭଷ୍ଟୋରୀ ଆଣିଛନ୍ତି ଏବଂ ଏକତା କପୁରଙ୍କ ସହିତ ହାତ ମିଳାଇଛନ୍ତି । ୨୦୧୮ ମସିହାରେ ଇମତିଆଜ୍ ଅଲି ଏବଂ ଏକତା କପୁର ଏହାଠି ମିଶି ଲୈଲା ମଜନୁ ତିଆରି କରିଥିଲେ ।ଯାହା ପୁଣି ଥରେ ରିଲିଜ୍ ହୋଇ ବଡ଼ ହିଟ୍ ହାସଲ କରିଥିଲା । ଏବେ ସେମାନେ ପୁଣି ଏକାଠି ହୀର ରାଞ୍ଝାର ଏକ ଲଭଷ୍ଟୋରୀ ଆଣିଛନ୍ତି । ଏହି ଫିଲ୍ମ ସମ୍ପର୍କରେ ଭାଲେ□ାଇନ୍ସ ଡେ'ରେ ଘୋଷଣା କରାଯାଇଥିଲା । ଏଥିସହ ଇମତିଆଜ୍ ଅଲି ଏକ ଭିଡିଓ ସେୟାର କରିଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ ଷ୍ଟାରମାନଙ୍କ ନାମ ସାମ୍ନାକୁ ଆସି ନାହିଁ ।ଫେବୃଆରୀ ୧୪ରେ ହୀର ରାଞ୍ଝା ଘୋଷଣା କରିବା ସହ କ୍ୟାପସନରେ ଲେଖିଛନ୍ତି ଯେ, କିଛି ପ୍ରେମ କାହାଣୀ କେବେ ଶେଷ ହୁଏ ନାହିଁ । ଲୈଲା ମଜନୁଠୁ ହୀର ରାଞ୍ଝାପର୍ଯ୍ୟନ୍ତ ଏହି ଐତିହ୍ୟ ଜାରି ରହିବ ।ଖୁବଶୀଘ୍ର ସୁଟିଂ ଆରମ୍ଭ ହେବ ବୋଲି ନିର୍ମାତାମାନେ ଘୋଷଣା କରିଥିଲେ । ଏହି ଫିଲ୍ମରେ ହିର ଏବଂ ରାଞ୍ଝା ଭୂମିକାରେ କିଏ ଅଭିନୟ କରିବେ ତାହା ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ ।ଇମତିଆଜ୍ ଅଲି ଘୋଷଣା ସୋସିଆଲ ମିଡିଆ ୟୁଜର୍ସଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିଲା । ସୋସିଆଲ ମିଡିଆରେ ଘୋଷଣା ହେବା ପରେ ୟୁଜର୍ସ ଅନେକ ପ୍ରତିକ୍ରିୟା ଦେଉଛନ୍ତି । ତଥାପି, ନିର୍ମାତାମାନେ ମୁଖ୍ୟ ଭୂମିକାରେ କାହାକୁ କାଷ୍ଟ କରୁଛନ୍ତି ତାହା ସମୟ ହିଁ କହିବ । ୨୦୨୪ରେ ଏହି ଫିଲ୍ମଟି ହଲରେ ପୁଣି ରିଲିଜ୍ ହୋଇଥିଲା । ଯାହା ୧୧.୫୦ କୋଟି ଟଙ୍କା ରୋଜଗାର କରିଥିଲା ।

## ପ୍ରତି ଗୁରୁବାର ତୁଳସୀ ଗଛ ମୂଳେ କ୍ଷୀର ଢାଳନ୍ତୁ





ନକାରାତ୍ମକ ଶକ୍ତିର ପ୍ରଭାବ ରହିଲେ ଆର୍ଥିକ ସମସ୍ୟାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ୟା ଦେଖାଯାଏ । ତେବେ ଘରୁ ନକାରାତ୍ମକ ଶକ୍ତିକୁ ଦୂର କରି ସକାରାତ୍ମକ ଶକ୍ତି ସଞ୍ଚାର କରିବା ପାଇଁ ବାସ୍ତୁଶାସ୍ତ୍ରରେ ଅନେକ ଉପାୟ ରହିଛି । ତା'ହେଲେ ଆସନ୍ତୁ ଜାଣିନେବା ସେହିପରି କିଛି ଉପାୟ ସଂପର୍କରେ, ଯାହା ଘରର ସୁଖଶାନ୍ତିକୁ ବଜାୟ ରଖିବାରେ ସାହାଯ୍ୟ କରେ ।

୧. ପ୍ରତି ଗୁରୁବାର ତୁଳସୀ ଗଛକୁ ଅଳ୍ପ କ୍ଷୀର ଅର୍ପଣ କରନ୍ତୁ ବା ଏହାର ମୂଳରେ ଢାଳନ୍ତୁ । ଏହାଦ୍ୱାରା ଘରେ ଲକ୍ଷ୍ମୀ ବାସ କରିଥା'ନ୍ତି ଓ ଆର୍ଥିକ ସମସ୍ୟା ସୁଧୁରିଥାଏ ।

୨. କିଛି ଘରେ ସର୍ବଦା କଳିଝଗଡ଼ା ଲାଗି ରହେ । ଆପଣଙ୍କ ଘରେ ବି ଏହି ସ୍ଥିତି ଅଛି କି ? ତା'ହେଲେ ପ୍ରତିଦିନ ପାଣିରେ ଅଳ୍ପ ଲୁଣ ମିଶାଇ ଘର ପୋଛନ୍ତୁ । ଏହାଦ୍ୱାରା ନକାରାତ୍ମକ ଶକ୍ତି ନଷ୍ଟ ହୋଇଯିବ ଏବଂ ପରିବାରର ସଦସ୍ୟଙ୍କ ମଧ୍ୟ ପ୍ରେମ ଓ ଶ୍ରଦ୍ଧା ବଢ଼ିବ ।

୩. ପ୍ରତ୍ୟେକ ଦିନ ଶିବ ଲିଙ୍ଗରେ ଜଳ ସହିତ ଅଳ୍ପ କ୍ଷୀର ମିଶାଇ ଅଭିଷେକ କରନ୍ତୁ । ତେବେ ପାତ୍ରରେ ଅଳ୍ପ ଟିକେ କ୍ଷୀର ମିଶା ପାଣି ବଞ୍ଚାଇ ରଖନ୍ତୁ । ଏହାକୁ ଘରର ମୁଖ୍ୟ ଦ୍ୱାରର ଦୁଇ ପାର୍ଶ୍ୱରେ ଢାଳନ୍ତୁ । ଏହାଦ୍ୱାରା ଘରୁ ନକାରାତ୍ମକ ଶକ୍ତି ଦୂର ହୋଇଥାଏ ।

୪. ପ୍ରତି ଦିନ ସଂଧ୍ୟାରେ ଓସ୍ତ ଗଛ ମୂଳରେ ପାଣି ଦିଅନ୍ତୁ । ପାଣିରେ ଅଳ୍ପ ଟିକେ କ୍ଷୀର ବି ମିଶାନ୍ତୁ । ଏହାପରେ ଦୀପ ଲଗାଇ ମନରେ ଯାହା ଅଛି ତାକୁ ସ୍ମରଣ କରି ଓସ୍ତ ଗଛକୁ ୫ ଥର ପରିକ୍ରମା କରନ୍ତୁ । ଏପରି କଲେ ଆପଣଙ୍କ ଇଚ୍ଛା ପୂରଣ ହୋଇଥାଏ ଓ ଘରେ ସୁଖଶାନ୍ତି ବିରାଜମାନ କରନ୍ତି ।

## ରୁଦ୍ରାଭିଷେକ କଲେ ସୁଖଶାନ୍ତି ମିଳିଥାଏ



ଲୋକମାନେ ଦେବତାଙ୍କୁ ଫଳ, ଫୁଲ ନୈବେଦ୍ୟ ଅର୍ପଣ କରି ପୂଜା ଅର୍ଚ୍ଚନା କରିଥାନ୍ତି । ଯାହାର ସୁଫଳ ମିଳିଥାଏ ବୋଲି ଅନେକ ମତବ୍ୟକ୍ତ କରିଥାନ୍ତି । ଯଦି ଶିବଲିଙ୍ଗକୁ ରୁଦ୍ରାଭିଷେକ କରାଯାଏ ଏବଂ ତାର ଫଳ ସୁନିଶ୍ଚିତ ମିଳିଥାଏ ବୋଲି ଅନେକ ଜ୍ୟୋତିଷବିଦ୍ ପ୍ରକାଶ କରିଛନ୍ତି । ଆସନ୍ତୁ ଜାଣିବା ଭଗବାନ ମହାଦେବଙ୍କୁ କଣ ଅଭିଷେକ କଲେ କ'ଣମିଳିଥାଏ । ଯଦି କେହି ବ୍ୟକ୍ତି ସୁନାରେ ତିଆରି ଶିବଲିଙ୍ଗକୁ ଅଭିଷେକ କରେ ସେ ସର୍ବସିଦ୍ଧି ପ୍ରାପ୍ତ କରିଥାଏ । ସେହିଭଳି ରୂପାରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୌଭାଗ୍ୟ ବୃଦ୍ଧି ହୋଇଥାଏ । ପିତଳରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସୁଖ ଶାନ୍ତି ମିଳିଥାଏ । ପାରଦରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସମସ୍ତ ସୌଭାଗ୍ୟ ଅର୍ଜନ ପ୍ରାପ୍ତ ହୋଇଥାଏ । କର୍ପୂରରେ ତିଆରି ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସବୁ ପ୍ରକାର ମଙ୍ଗଳ ହୋଇଥାଏ । ଲୁହାରେ ନିର୍ମିତ ଶିବ ଲିଙ୍ଗକୁ ଜଳାଭିଷେକ କଲେ ବ୍ୟକ୍ତି ଶତ୍ରୁକୁ ପରାସ୍ତ କରିବା ସହ ନିଜେ ବିଜୟୀ ହୋଇଥାଏ । ଚନ୍ଦନରେ ନିର୍ମିତ ଶିବଲିଙ୍ଗକୁ ଧନଲାଭ କରିପାରିବ । ଫୁଲରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଭୂ-ସମ୍ପତ୍ତିର ଅଧିକାରୀ ହୋଇପାରିବେ । ମିଶ୍ରି ବା ଚିନିରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ଅଭୀଷ୍ଟ ପୂରଣ ହୁଏ । ବାଉଁଶରେ ନିର୍ମିତ ଶିବଲିଙ୍ଗକୁ ରୁଦ୍ରାଭିଷେକ କଲେ ସନ୍ତାନ ପ୍ରାପ୍ତ କରିପାରିବେ । ଦୁବରେ ତିଆରି ଶିବ ଲିଙ୍ଗକୁ ରୁଦ୍ରାଭିଷେକ କଲେ ଦୁର୍ଘଟଣାରୁ ରକ୍ଷା ମିଳିଥାଏ ।

## ଜୀବନ ସହ ଜଡିତ ଅନେକ ସମସ୍ୟାର ସମାଧାନ ହଳଦୀ



ଭାରତୀୟ ବ୍ୟଞ୍ଜନରେ ହଳଦୀର ମୁଖ୍ୟ ଭୂମିକା ରହିଛି । ଭାରତୀୟ ମସଲାରେ ହଳଦୀର ଅନେକ ମହତ୍ତ୍ୱ ରହିଛି । ହଳଦୀ ବିନା ଯେକୌଣସି ବ୍ୟଞ୍ଜନ ଅଧୁରା । ଏହା ବ୍ୟଞ୍ଜନର ରଙ୍ଗ ବଢାଇବା ସହ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ହିତକର । ହଳଦୀର ଅନେକ ସ୍ୱାସ୍ଥ୍ୟଗତ ଗୁଣ ରହିଛି । ହଳଦୀ ରୋଗ ପ୍ରତିରୋଧକ କ୍ଷମତା ମଧ୍ୟ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଜ୍ୟୋତିଷଶାସ୍ତ୍ରରେ ମଧ୍ୟ ହଳଦୀର ଅନେକ ମହତ୍ତ୍ୱ ରହିଛି । ହଳଦୀ କେବଳ ଏକ ମସଲା ନୁହେଁ ବରଂ ଗ୍ରହ ସମ୍ବନ୍ଧୀୟ ସମସ୍ୟା ମଧ୍ୟ ଦୂର କରିଥାଏ । ଏହା ଆର୍ଥିକ ସମସ୍ୟା ମଧ୍ୟ ଦୂର କରିଥାଏ ।

ଜାଣନ୍ତୁ ହଳଦୀ ସମ୍ବନ୍ଧୀୟ କିଛି ବିଶେଷ ଜ୍ୟାତିଷ



ଉପାୟ :

୧. ପ୍ରତି ଗୁରୁବାର ଦିନ ଘରେ ହଳଦୀ ପାଣି ଛିଞ୍ଚନ୍ତୁ । ଏହିଭଳି କଲେ ମା' ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ଏବଂ ଘରକୁ ସକାରାତ୍ମକ ଶକ୍ତି ପ୍ରବେଶ କରିଥାଏ ।

୨. ଯଦି କୌଣସି ଜରୁରୀ କାମ ପାଇଁ ବାହାରକୁ ଯାଉଛନ୍ତି ତାହେଲେ ହଳଦୀର ତିଳକ ଲଗାଇ ଘରୁ ଯାଆନ୍ତୁ । ଏହା ଶୁଭ ବୋଲି କୁହାଯାଏ । ହଳଦୀ ତିଳକ ଲଗାଇ ଗଲେ ସବୁ କାର୍ଯ୍ୟ ସିଦ୍ଧି ହୋଇଥାଏ ବୋଲି କୁହାଯାଏ ।

୩. ଘରର ଚାରିପଟେ ହଳଦୀରେ ରେଖା ଟାଣି ଦିଅନ୍ତୁ । ଜ୍ୟୋତିଷଶାସ୍ତ୍ରରେ ଏହାକୁ ବହୁତ ଶୁଭ ବୋଲି କୁହାଯାଏ । ଏହିଭଳି କଲେ ଘରକୁ ନକାରାତ୍ମକ ଶକ୍ତି ପ୍ରବେଶ କରିପାରେନାହିଁ ଓ ଘରେ ଥିବା ସକାରାତ୍ମକ ଶକ୍ତି ବଜାୟ ରହେ ।

୪. ଯଦି କେହି ବ୍ୟକ୍ତି ମାନସିକ ସ୍ଥରରେ ଚିନ୍ତିତ ଥାଆନ୍ତି କିମ୍ବା ଅବସାଦଗ୍ରସ୍ତ ଥାଆନ୍ତି ତାହେଲେ ତାଙ୍କୁ ପ୍ରତିଦିନ ହଳଦୀ ପାଣିରେ ସ୍ନାନ କରିବା ଉଚିତ । ଏହାଦ୍ୱାରା ବ୍ୟକ୍ତି ଉର୍ଜାବାନ ଅନୁଭବ କରେ ବୋଲି କୁହାଯାଏ ଏବଂ ସବୁ ପ୍ରକାର ଖରାପ ଚିନ୍ତାରୁ ମଧ୍ୟ ମୁକ୍ତ ହୋଇଥାଏ ।

୫. ଯଦି ଆପଣଙ୍କ କୁଣ୍ଡଳୀରେ ବୃହସ୍ପତି ଗ୍ରହ ଦୁର୍ବଳ ସ୍ଥିତିରେ ଥାଆନ୍ତି ତାହେଲେ ଏବଂ ଆପଣ ବୃହସ୍ପତିଙ୍କୁ ମଜବୁତ କରିବାକୁ ଚାହୁଁଥାନ୍ତି ତାହେଲେ ପ୍ରତିଦିନ ପୂଜା ସମୟରେ ମଣିବନ୍ଧ କିମ୍ବା ବେକରେ ହଳଦୀ ଟୀକା ଲଗାଇବା ଉଚିତ । ଏହା ଦ୍ୱାରା ଗୁରୁ ଗ୍ରହ ମଜବୁତ ହୋଇଥାଏ ।

୬. ହଳଦୀ କେବଳ ଉପଯୋଗ ପାଇଁ ନୁହେଁ ବରଂ ଦାନ ପାଇଁ ମଧ୍ୟ ଶୁଭ ହୋଇଥାଏ । ହଳଦୀ ଦାନ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି କୁହାଯାଏ ।

୭. ଯଦି ରାତିରେ ଶୋଇବା ସମୟରେ ଖରାପ ସ୍ୱପ୍ନ ଆସୁଥାଏ ତାହେଲେ ଗଣ୍ଠି ହଳଦୀରେ ନାଲି ପୂଜା ସୁତା ବାନ୍ଧି ରାତିରେ ଶୋଇବାବେଳେ ମୁଣ୍ଡ ପାଖରେ ରଖି ଦିଅନ୍ତୁ । ଏହି ଉପାୟ ଦ୍ୱାରା ଆଉ ଖରାପ ସ୍ୱପ୍ନ ଆସିବନି ।

## କଳାଜିରାରେ ରହିଛି ଅନେକ ସ୍ୱାସ୍ଥ୍ୟକାରୀ ଗୁଣ

ରୋଷେଇ ଘରେ ବ୍ୟବହୃତ ହେଉଥିବା ମସଲା ଗୁଡିକ ମଧ୍ୟରୁ ଗୋଟିଏ ହେଉଛି କଳାଜିରା । ଏହା ଦେଖିବାକୁ କଳା ରଙ୍ଗର । ଆୟୁର୍ବେଦ ବିଶେଷଜ୍ଞଙ୍କ ମତ ଅନୁସାରେ



କଳାଜିରା ଶରୀରରେ ଅନେକ ରୋଗରୁ ଭଲ କରିଥାଏ । ତା'ହେଲେ ଆସନ୍ତୁ ଜାଣିବା କଳାଜୀରାରୁ ସ୍ୱାସ୍ଥ୍ୟଜନିତ କେଉଁ କେଉଁ ଲାଭ ମିଳିଥାଏ ।

■ ଟାଇପ-୨ ଡାଇବେଟିସ ପୀଡିତ ବ୍ୟକ୍ତି ପ୍ରତିଦିନ କଳାଜିରା ଖାଇବା ଉଚିତ । ଏହାଦ୍ୱାରା ଶରୀରରେ ତିଆରି ହେଉଥିବା ଗ୍ଲୁକୋଜ କମ୍ ହୋଇଥାଏ ଏବଂ ଇନସୁ୍ୟଲିନ୍ ତିଆରି ହେବା କ୍ଷମତା ବଢିଥାଏ । ଆହୁରି ମଧ୍ୟ ଶରୀରରେ ଥିବା ବିଟା ସେଲର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇଥାଏ ।

■ ସପ୍ତାହକୁ ଦୁଇଥର କଳାଜିରା ଖାଇଲେ ହାଇପର୍ ଟେନନ୍ରୁ ମୁକ୍ତି ମିଳିବା ସହିତ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ ।

■ କଳାଜିରାକୁ ପାଣିରେ ଫୁଟାଇ ବାତ ମାରୁଥିବା ରୋଗୀଙ୍କୁ ଏହାର ପାଣି ପିଇବାକୁ ଦିଅନ୍ତୁ । ଦେଖିବେ ବାତ ରୋଗ ଭଲ ହୋଇଯିବ ।

■ କଫ ସମସ୍ୟା ଥିଲେ କଳାଜିରା ତେଲ ଖାଆନ୍ତୁ । ଏହାର ତେଲ ଖାଲି ପେଟରେ ଖାଇଲେ ଅନେକ ରୋଗ ଭଲ ହୋଇଥାଏ ।

■ କଳାଜିରା ତ୍ୱଚା ସମ୍ବନ୍ଧୀୟ ରୋଗକୁ ଠିକ୍ କରିଥାଏ । ଏହାକୁ ଖାଇଲେ ତ୍ୱଚା କୋମଳ ଓ ଉଜ୍ଜ୍ୱଳ ହୋଇଥାଏ ।

■ କଳାଜିରା ତେଲ କେଶରେ ଲଗାଇଲେ କେଶ କଳା ହୋଇଥାଏ ।

■ ଯେଉଁମାନଙ୍କର ଦାନ୍ତରେ ସମସ୍ୟା ରହିଛି କିମ୍ବା ଦାନ୍ତ ପୋକ ଖାଉଛି, ସେମାନେ ରାତିରେ ଶୋଇବା ପୂର୍ବରୁ ତୁଳାରେ କଳାଜିରା ତେଲ ଲଗାଇ ଦାନ୍ତ ମୂଳରେ ଲଗାଇ ଶୁଅନ୍ତୁ । ଦେଖିବେ ଦାନ୍ତରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯିବେ ।

# ସମ୍ବଲପୁରରେ 'ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍'ର ଶୁଭାରମ୍ଭ

ହୀରାକୁଦ/ସମ୍ବଲପୁର, ୧୫।୨(ମହାଭାରତ.): ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ, ଆମକୁ ୨୦୨୬ରୁ ହିଁ ଏପରି ପ୍ରୟାସ କରିବାକୁ ହେବ ଯେପରି ସମ୍ବଲପୁର ଏବଂ ଓଡ଼ିଶାର ପ୍ରତିଭାବାନ ପିଲାମାନେ ବିଶ୍ୱସ୍ତରରେ ମେଡାଲ ଜିତିବେ । ରବିବାର ସମ୍ବଲପୁରର ଐତିହାସିକ ହୀରାକୁଦ ଠାରେ 'ଏମସିଏଲ୍ ହୀରାକୁଦ ଇଣ୍ଟରନ୍ୟାସନାଲ ହାଫ୍ ମାରାଥନ୍ – ୨୦୨୬'ର ଉଦଘାଟନ କରିବା ଅବସରରେ ଏହା କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ।

ସେ କହିଛନ୍ତି ଯେ, ଏହି ମାରାଥନ କେବଳ ଏକ ଦୌଡ଼ ନୁହେଁ, ବରଂ ଏହା ଏକ ଦୃଢ ସଂକଳ୍ପ । ହୀରାକୁଦର ସୁଉଚ୍ଚ ମାଟି ବନ୍ଧ ଉପରେ ଆୟୋଜିତ ଏହି ଭବ୍ୟ ମାରାଥନରେ ଚଳିତ ବର୍ଷ ଦେଶ-ବିଦେଶର ୧୦ ହଜାରରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଓ ଯୁବସାଥୀ ଅଂଶଗ୍ରହଣ କରିଥିଲେ । ଏଥିରେ ଓଡ଼ିଶା ସମେତ ଅନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ଏବଂ ବିଦେଶରୁ ହଜାର ହଜାର ପ୍ରତିଭାବାନ ଧାବକ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାକୁ ମୁଖ୍ୟତଃ ୨୧ କିମି, ୧୦ କିମି, ୫ କିମି ଏବଂ ୧.୫ କିମି ଭଳି ଚାରୋଟି ଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲା ।

ହୀରାକୁଦର ମନୋରମ ପରିବେଶ ମଧ୍ୟରେ ଆୟୋଜିତ ଏହି ଦୌଡ଼ ସମ୍ବଲପୁରର କ୍ରୀଡ଼ା ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି । ବିଶେଷ କରି ଇଥିଓପିଆ ଏବଂ ନାଇଜେରିଆ ଭଳି ଦେଶରୁ ଆନ୍ତର୍ଜାତୀୟ ଖେଳାଳିମାନେ ମଧ୍ୟ ଏଥିରେ ଯୋଗଦେଇ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ପୁରସ୍କୃତ ମଧ୍ୟ ହୋଇଛନ୍ତି । ଏହାକୁ ଆଗାମୀ ଦିନରେ ଜାରି ରଖିବା ପାଇଁ ଯୋଜନା କରାଯିବ । ଏହି ଅବସରରେ ସେ ମାରାଥନରେ ଭାଗ ନେଇଥିବା ସମସ୍ତ କ୍ରୀଡ଼ାବିତ ଓ ଯୁବସାଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଆୟୋଜକ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍, ଜିଲ୍ଲା ପ୍ରଶାସନ, ଭାରତ ସରକାର ଓ ଓଡ଼ିଶା ସକାରଙ୍କୁ ସାଧୁବାଦ ଜଣାଇଛନ୍ତି ।

ସେ କହିଛନ୍ତି, ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ ମୁଭମେଣ୍ଟ'ର ଆହ୍ୱାନକୁ ଆଜିର ଏହି ମାରାଥନ୍ ସାର୍ଥକ କରୁଛି । ଯେତେବେଳେ ଜଣେ ଯୁବକ ଦୌଡ଼, ସେତେବେଳେ ପୂରା ସମାଜ ଦୌଡ଼ ଏବଂ ଦେଶ ପ୍ରଗତି ପଥରେ ଦୌଡ଼ । ପ୍ରତ୍ୟେକ ନାଗରିକଙ୍କୁ ସୁସ୍ଥ ରଖିବା ପାଇଁ ଦୌଡ଼ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ମାରାଥନ୍ କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ଜଣେ କ୍ରୀଡ଼ାବିତ୍‌ର ପ୍ରକୃତ ସ୍ପୋର୍ଟ୍ସ ମ୍ୟାନ ସ୍ପିରିଟ୍ ବା ଖେଳୁଆଡ଼ ମନୋଭାବକୁ ମଧ୍ୟ ପ୍ରଦର୍ଶିତ କରୁଛି । ଏହି ଭବ୍ୟ ଆୟୋଜନ ସମ୍ବଲପୁରକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଏକ ନୂଆ ଏବଂ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବାରେ ଏକ ଶକ୍ତିଶାଳୀ ମାଧ୍ୟମ ସାଜିବ ।ସମ୍ବଲପୁରର ପରିଚୟ ଆଜି କେବଳ କୃଷିରେ ସୀମିତ ନାହିଁ; ଏହା କୃଷିରୁ ସଂସ୍କୃତି ଏବଂ ପର୍ଯ୍ୟଟନରୁ କ୍ରୀଡ଼ା କ୍ଷେତ୍ରକୁ ବ୍ୟାପିବାରେ ଲାଗିଛି । ଏହି ଆନ୍ତର୍ଜାତୀୟ ମାରାଥନ୍ ମାଧ୍ୟମରେ ବିଶ୍ୱର କୋଣ ଅନୁକୋଣରୁ ଆସିଥିବା ପର୍ଯ୍ୟଟକମାନେ ଆମର ସମୃଦ୍ଧ ସମ୍ବଲପୁରୀ ବସ୍ତ୍ର, କଳା ଏବଂ ନିଆରା ଆତିଥ୍ୟକୁ ଅନୁଭବ କରିବାର ସୁଯୋଗ ପାଇବେ । ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଏହି ପ୍ରୟାସ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ଏବଂ ଭାରତର ସମ୍ମାନକୁ ଆହୁରି ମଜବୁତ୍ କରିବ ।ଶେଷରେ ସେ କହିଛନ୍ତି ଯେ ଭାରତ ୨୦୩୬ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି କରୁଥିବା ବେଳେ, ୨୦୨୬ରୁ ହିଁ ଓଡ଼ିଶାର ପ୍ରତିଭାବାନ ପିଲାମାନେ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ । ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ସମ୍ବଲପୁର ଏବଂ ଓଡ଼ିଶାର ପିଲାମାନେ ଆଗାମୀ ଦିନରେ ଅଲିମ୍ପିକ୍ସ ମେଡାଲ ଜିତି ଦେଶକୁ ଗର୍ବିତ କରିବେ ବୋଲି ସେ ଆଶା ପ୍ରକଟ କରିଛନ୍ତି ।ଉଲ୍ଲେଖନୀୟ ଯେ, ଏହି ମାରାଥନରେ ଓଡ଼ିଶା ସମେତ ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରତିଯୋଗୀମାନେ ସାମିଲ ହୋଇଥିଲେ । ରାଜ୍ୟ ବାହାରୁ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଉତ୍ତର ପ୍ରଦେଶ, ଛତିଶଗଡ଼, ବିହାର, ମହାରାଷ୍ଟ୍ର, ଆନ୍ଧ୍ର ପ୍ରଦେଶ, ହରିୟାଣା, ରାଜସ୍ଥାନ, ମଧ୍ୟ ପ୍ରଦେଶ, ତେଲେଙ୍ଗାନା, ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ, ଆସାମ, ଉତ୍ତରାଖଣ୍ଡ, କେରଳ, ତାମିଲନାଡୁ, ମେଘାଳୟ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଜମ୍ମୁ ଓ କାଶ୍ମୀରର ଧାବକ ନିଜର କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କରିଥିଲେ । ଆନ୍ତର୍ଜାତୀୟ ସ୍ତରରେ ଏହି ମାରାଥନର ଦୃଶ୍ୟପଟ୍ଟ ବେଶ୍ ପ୍ରଭାବଶାଳୀ ରହିଥିଲା, ଯେଉଁଥିରେ କେନିଆ, ଇଥିଓପିଆ, ନାଇଜେରିଆ, ନେପାଳ, ଶ୍ରୀଲଙ୍କା, ଭୁଟାନ, ଜାମ୍ବିଆ, କଙ୍ଗୋ, ୟେମେନ ଏବଂ ସିରିଆ ଭଳି ବିଦେଶୀ ରାଷ୍ଟ୍ରର ଧାବକମାନେ ଅଂଶଗ୍ରହଣ କରିଥିଲେ । ବିଜୟୀ ପ୍ରତିଯୋଗୀଙ୍କୁ ଶ୍ରୀ ପ୍ରଧାନ ପୁରସ୍କୃତ କରିଥିଲେ ।



ଏହି ଭବ୍ୟ କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ଓ ଗ୍ରାମୀଣ ଉନ୍ନୟନ ମନ୍ତ୍ରୀ ରବି ନାୟକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବସେବା ମନ୍ତ୍ରୀ ଶ୍ରୀ ସୂରଜ ସୂର୍ଯ୍ୟବଂଶୀ, ବରଗଡ଼ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ସମେତ ପଦ୍ମଶ୍ରୀ ବିଜେତା ଏବଂ ଗଣମାନ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ହୀରାକୁଦର ମହାନଦୀରେ ବୋଟିଂ କରି ଖୁସିପ୍ରକଟ କରିଥିଲେ ।

## ଆର୍ଯ୍ୟ ସମାଜ ପକ୍ଷରୁ ମହର୍ଷି ଦୟାନନ୍ଦ ଋଷିବୋଧ ଉତ୍ସବ ପାଳିତ

ଭୁବନେଶ୍ୱର, ୧୫।୨(ମହାଭାରତ): ଆର୍ଯ୍ୟ ସମାଜର ପ୍ରତିଷ୍ଠାତା ମହର୍ଷି ଦୟାନନ୍ଦଙ୍କ ଋଷିବୋଧ ଉତ୍ସବ ରବିବାର ପୂର୍ବାହ୍ନରେ ଆର୍ଯ୍ୟ ସମାଜ, ଓଡ଼ିଶା ପକ୍ଷରୁ ସ୍ୱାମୀ ବ୍ରହ୍ମାନନ୍ଦ ଭବନ, ଚନ୍ଦ୍ରଶେଖରପୁରଠାରେ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବିଶିଷ୍ଟ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କହିଲେ ଯେ, ମହର୍ଷି ଦୟାନନ୍ଦ ଆଜକୁ ୨୦୨ ବର୍ଷ ତଳେ ଭାରତବର୍ଷର ଗୁଜୁରାଟ ପ୍ରଦେଶ କାଥିକାବାଡ଼ ଜିଲ୍ଲାର ଟଙ୍କରା ଗ୍ରାମରେ ଏକ ସାମନ୍ତ ବ୍ରାହ୍ମଣ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ । ପବିତ୍ର ଶିବରାତ୍ରୀରେ ଉଜାଗର ରହି ଶିବଙ୍କୁ ଉପାସନା କରିବା ସମୟରେ ସେ ପ୍ରକୃତ ଶିବଙ୍କ ଦର୍ଶନ ପାଇ ବ୍ୟାକୁଳ ହୋଇ ଉଠିଥିଲେ । ମହର୍ଷିଙ୍କ ଜୀବନ ଥିଲା ଏକ ସଂଘର୍ଷମୟ ଜୀବନ । ସତ୍ୟର ଅନୁସନ୍ଧାନ ପାଇଁ ବହୁ ଶାସ୍ତ୍ର ପଢିବା ସହ ଦଣ୍ଡି ବୀରଜାନନ୍ଦଙ୍କ ଭଳି ଗୁରୁହିଁ ତାଙ୍କୁ ଠିକଣା ମାର୍ଗଦର୍ଶନ ଦେଇଥିଲେ । ଭାରତବର୍ଷରେ ପ୍ରଥମ ସ୍ୱରାଜର ବାର୍ତ୍ତା ମହର୍ଷି ଦୟାନନ୍ଦ ହିଁ ଦେଇଥିଲେ । ଆଜିର ଯୁବସମାଜ ଭାରତବର୍ଷର ଗୌରବମୟ ଇତିହାସକୁ ପଢିବାର ଆବଶ୍ୟକତା ରହିଛି ।

ମୁଖ୍ୟ ଅତିଥି ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର ସ୍ୱାମିଜୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ଆଜକୁ ୧୫୦ ବର୍ଷ ତଳେ ଭାରତବର୍ଷରେ ଧର୍ମ ନାମରେ ଚାଲିଥିବା କୁସଂସ୍କାର, ଭ୍ରଷ୍ଟାଚାର, ଅନୀତି, ଅନ୍ୟାୟ ବିରୁଦ୍ଧରେ ମହର୍ଷି ଦୟାନନ୍ଦ ପ୍ରଥମେ ସ୍ୱର ଉତୋଳନ କରିବା ସହ, ମହିଳାମାନଙ୍କୁ ସବୁ କ୍ଷେତ୍ରରେ ସମାନ ଅଧିକାର ପାଇଁ ସେ ତାଙ୍କର ସଂଗ୍ରାମ ଜାରି ରଖିଥିଲେ । ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍ଥା ନୁହେଁ, ଭାରତବର୍ଷରେ ଏକ ସାମାଜିକ ଆନ୍ଦୋଳନ ଥିଲା । ପବିତ୍ର ଶିବରାତ୍ରୀରେ ମହର୍ଷି ପ୍ରକୃତ ଶିବଙ୍କ ଦର୍ଶନ ପାଇ ଯେଉଁ ସଂକଳ୍ପ ନେଇଥିଲେ ତାହା ହିଁ ତାଙ୍କୁ ଭାରତବର୍ଷର ଅନ୍ୟତମ ସଂସ୍କାରବାଦୀ ସନ୍ଥ ଭାବେ ପ୍ରତିଷ୍ଠା ଦେଇଥିଲା ।ଅନ୍ୟତମ ଅତିଥି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର, ସ୍ୱାମିଜୀଙ୍କ ପ୍ରତି ଗଭୀର ଶ୍ରଦ୍ଧା ନିବେଦନ କରି କହିଲେ ଯେ, ବାଳକ ମୂଳ ଶଙ୍କର ଶିବରାତ୍ରୀରେ ଉଜାଗର ରହି ଦେଖିଲେ ଶିବଲିଙ୍ଗ ଉପରେ ମୂଷିକର ଆକ୍ରମଣ, ଅଥଚ ମହାପରାକ୍ରମୀ ଶିବ ସମ୍ପୂର୍ଣ୍ଣ ନୀରବ । ଏହା ହିଁ ମହର୍ଷିଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପଣ୍ଡିତ ବିନୋଦ ବିହାରୀ ଦାସ, ବେଦପାଠ ଓ ସ୍ୱାଗତ ଭାଷଣ ଏବଂ ପ୍ରମୋଦ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ନଳିନୀକାନ୍ତ ରାଉତ ଓ ଭବାନୀକାନ୍ତ ରାଉତ ପରିଚାଳନା କରିଥିଲେ ।



ବିଧାନ ସଭା ପରିସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ସନ୍ଥ କବି ଭୀମ ଭୋଇଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛନ୍ତି ।

## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ

ଭୁବନେଶ୍ୱରଳ, ୧୫।୨(ମହାଭାରତ): ଭାବ, ଭାବନା, କଳ୍ପନା ଓ ଅନୁଭବର ହୃଦୟଗ୍ରାହୀ ପ୍ରକାଶ ହେଉଛି ସାହିତ୍ୟ। ଏହା ଅସ୍ମିତାର ପରିଚୟ। ଏହା ବିସ୍ତୃତ ହେଲେ ସଫଳତା ମିଳେ ବୋଲି ପ୍ରସିଦ୍ଧ ଭାଷାବିଜ୍ଞାନୀ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ମତପ୍ରକାଶ କରିଛନ୍ତି। ଆଜି ପୂର୍ବାହ୍ନରେ ଭୁବନେଶ୍ୱର ସାହିତ୍ୟ ପର୍ବର ଉଦ୍‌ଯାପନ ଉତ୍ସବର ମୁକ୍ତ ଅଧିବେଶନରେ ଆଶୀର୍ବଚନ ଦେଇ ଡ. ପଟ୍ଟନାୟକ ସାହିତ୍ୟର ଦୂତମାନଙ୍କୁ ଅଧିକ ଅଗ୍ରସର ହେବା ପାଇଁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦୁଇଦିନିଆ ସାହିତ୍ୟ ପର୍ବର ଉଦ୍‌ଯାପନ ଉତ୍ସବରେ ଯୋଗଦେଇ ଡ. ପଟ୍ଟନାୟକ ସାହିତ୍ୟ ସେବାରେ ମନୋନିବେଶ କରି ଅସ୍ମିତାର ପ୍ରତିଷ୍ଠା ପାଇଁ ପ୍ରତି ଓଡିଆ କାର୍ଯ୍ୟ କରିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁଲେଖକ ଅଧ୍ୟାପକ ଅଭିରାମ ବିଶ୍ୱାଳ କହିଛନ୍ତି ଯେ ଓଡିଆ ଅସ୍ମିତାର ମୁଖ୍ୟ ଆଧାର ଭାଷା ଏବଂ ଏହା ଔଦ୍ଧତ୍ୟ ନୁହେଁ ବରଂ ଅହଂର ଓଁକାର। ସାହିତ୍ୟ ମୁକ୍ତିର ମାର୍ଗ ଦେଖାଏ ବୋଲି ସେ ପ୍ରକାଶ କରିଥିଲେ। ସମାଜସେବୀ ତଥା ଅନୁବାଦିକା ଶ୍ରୀମତୀ ନମ୍ରତା ଚଢ଼ା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଓଡିଶାରେ ପାଠାଗାର ଆନ୍‌ଦୋଳନକୁ ସୁବିସ୍ତୃତ କରିବା ପାଇଁ ପରାମର୍ଶ ଦେଇଥିବାବେଳେ ପୂର୍ବତନ ମନ୍ତ୍ରୀ ତଥା ରାଜନେତା ପ୍ରସାଦ ହରିଚନ୍ଦନ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ସାହିତ୍ୟ ଆସ୍ଥା ଓ ଆତ୍ମାର ଆଲୋକ ପ୍ରଦାନ କରିଥାଏ। ପାଠକୀୟ ସ୍ୱୀକୃତି ହେଉଛି ଲେଖକୀୟ ଜୟପାଠ ବୋଲି ସେ କହିଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଶ୍ରୀ ରକ୍ଷକ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ ସିଂହ ବକ୍ତବ୍ୟ ରଖିଥିବାବେଳେ ଉପସଭାପତି ମିନତି ଦାଶ (ମାନି) ଧନ୍ୟବାଦ ଅର୍ପଣ କରିଥିଲେ ।

ଏହା ପରେ 'ସମକାଳୀନ ଓଡିଆ କଥାସାହିତ୍ୟ: ଦୃଷ୍ଟିପାତ' ପ୍ରସଙ୍ଗ ଉପରେ କଥାଶିଳ୍ପୀ ମୋନାଲିସା ମିଶ୍ର, ସ୍ୱାଗତିକା ସ୍ୱାଇଁ, ତପନ ମହାପାତ୍ର ଓ ଆଶିଷ ଗଡନାୟକ ଆଲୋକପାତ କରିଥିବାବେଳେ ଅଧିବେଶନକୁ ଅଧ୍ୟାପକ ଆଭାସ ବରାଳ ପରିଚାଳନା କରିଥିଲେ। ସେହିପରି 'ଓଡିଆ ଭାଷା: ଭବିଷ୍ୟତ ଓ ଆହ୍ୱାନ' ପ୍ରସଙ୍ଗ ଉପରେ ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ, ଅଧ୍ୟାପକ ଡ. ସଦାନନ୍ଦ ନାୟକ, ଡ. ଅମ୍ବରୀଶ ଶତପଥୀ ଆଲୋଚନା କରିଥିଲେ ଏବଂ ଡ. ହିମାଦ୍ରିତନୟା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ଣରେ ଆୟୋଜିତ କବି ସମ୍ମିଳନୀ ଓ କବିତା ପାଠୋତ୍ସବରେ ଅଧ୍ୟାପିକା ଡ.ଇପ୍‌ସିତା ଷଡଙ୍ଗୀ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା, ଅନୁଷ୍ଠାନର ଉପସଭାପତି ମିନତି ଦାଶ (ମାନି) ଓ କ୍ଷଣପ୍ରଭା ମହାନ୍ତି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ୬୦ରୁ ଉର୍ଦ୍ଧ୍ୱର୍ କବି ସ୍ୱରଚିତ କବିତା ପାଠ କରିଥିଲେ।

ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନାରେ ଉପସଭାପତି ବିଭୂତି ପାଣିଗ୍ରାହୀ, କେନ୍ଦ୍ରୀୟ ସମିତି ସଦସ୍ୟ ଡ. ନନ୍ଦକିଶୋର ବିଶ୍ୱାଳ, ଡ. ପ୍ରଦୀପ କୁମାର ବାରିକ, ବିଧୁଭୂଷଣ ତ୍ରିପାଠୀ, ସଂଜୟ ମହାନ୍ତି, ଡ. ଅଭୟ ନାରାୟଣ ନାୟକ, ପ୍ରମୋଦ ପ୍ରଧାନ, ସୂର୍ଯ୍ୟ ଦେଓ, ସୁଧୀର ମଉଡମଣି ପ୍ରମୁଖ ସହଯୋଗ କରିଥିଲେ। ।

## ରାଜ୍ୟପାଳଙ୍କ ଲିଙ୍ଗରାଜ ମନ୍ଦିର ଦର୍ଶନ

ଭୁବନେଶ୍ୱର, ୧୫।୨(ମହାଭାରତ); ପବିତ୍ର ମହାଶିବରାତ୍ରି ଅବସରରେ ଓଡ଼ିଶାର ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଭୁବନେଶ୍ୱରର ଶ୍ରୀଶ୍ରୀ ଲିଙ୍ଗରାଜ ମନ୍ଦିର ଦର୍ଶନ କରି ଭଗବାନ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ରାଜ୍ୟବାସୀଙ୍କ ଶାନ୍ତି, ସମୃଦ୍ଧି ଓ କଲ୍ୟାଣ କାମନା କରି ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ.ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ ।

ରାଜ୍ୟପାଳ ମନ୍ଦିର ନିକଟରେ ଆୟୋଜିତ ସାଂସ୍କୃତିକ ମହୋତ୍ସବର ଉଦଘାଟନ କରିଥିଲେ ଏବଂ କଳାକାରମାନଙ୍କ ଦ୍ୱାରା ପରିବେଷିତ ଭକ୍ତିମୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ ।

ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂହ, ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେସନର ମେୟର ସୁଲୋଚନା ଦାସ, ଏକାମ୍ର ସାଂସ୍କୃତିକ ପ୍ରକାଶନୀର ସଭାପତି ତଥା ପୂର୍ବତନ ମନ୍ତ୍ରୀ 1 ସୁରେଶ କୁମାର ରାଉତରାୟ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।

ରାଜ୍ୟପାଳ ପ୍ରକାଶ କରିଛନ୍ତିଯେ, ମହାଶିବରାତ୍ରି ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଜାଗୃତିର ପ୍ରତୀକ ଏବଂ ଏହି ପବିତ୍ର ଅବସର ସମସ୍ତଙ୍କ ମନରେ ଅଧ୍ୟାତ୍ମିକତା ଓ ଆନ୍ତରିକ ଶକ୍ତି ସୃଷ୍ଟି କରୁ ବୋଲି ରାଜ୍ୟପାଳ ଆଶା ପ୍ରକାଶ କରିଛନ୍ତି ।



## ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ କିସ୍‌ର ୨୧୦୦ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୫।୨(ମହାଭାରତ): ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏଥର କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ରୁ ରେକର୍ଡ଼ ସଂଖ୍ୟକ ୨୧୦୦ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ । କୌଣସି ଏକ ବିଦ୍ୟାଳୟରୁ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାରେ କିସ୍ ହେଉଛି ଓଡ଼ିଶା ତଥା ସମଗ୍ର ଭାରତରେ ଏକମାତ୍ର ବିଦ୍ୟାଳୟ । କିସ୍‌ର ସର୍ବାଧିକ ୧୧୦୦ ଛାତ୍ରୀ ଓ ୧୦୦୦ ଛାତ୍ର ମାଟ୍ରିକ ପରୀକ୍ଷା ଦେବେ । ଏହି ସମସ୍ତ ମାଟ୍ରିକ ପରୀକ୍ଷାର୍ଥୀ ଭୁବନେଶ୍ୱର ଚାରୋଟି ପରୀକ୍ଷା କେନ୍ଦ୍ର ଆଇଆରସି ଭିଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୪ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ଆଇଆରସି ଭିଲେଜ ଏସ୍‌ବିଜି ବିଦ୍ୟାମନ୍ଦିରରେ ପରୀକ୍ଷା ଦେବେ । ପ୍ରତିବର୍ଷ ଭଳି ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ପେନ୍ ବଣ୍ଟନ କରିବା ସହ କିଭଳି ଚାପମୁକ୍ତ ହୋଇ ପରୀକ୍ଷା ଦେବେ ସେ ନେଇ ପରାମର୍ଶ ଦେଇଥିଲେ । ଏହି ଅବସରରେ ସେ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଥିଲେ । ଛାତ୍ରଛାତ୍ରୀଙ୍କ ପରିଶ୍ରମ ଓ ନିଷ୍ଠା ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମୟୋଚିତ ମାର୍ଗଦର୍ଶନ ପାଇଁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଅଧିକ ସଂଖ୍ୟକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବେ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଥିଲେ । ସୂଚନାଯୋଗ୍ୟ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତି ବର୍ଷ ମାଟ୍ରିକ ପରୀକ୍ଷାରେ କିସ୍ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛି । ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଛାତ୍ରଛାତ୍ରୀଙ୍କୁ ନେବା ଆଣିବା ନିମନ୍ତେ କିସ୍ ପକ୍ଷରୁ ୮୦ରୁ ଉର୍ଦ୍ଧ୍ୱ ବସ୍ ବନ୍ଦୋବସ୍ତ କରାଯାଇଛି ।

### ରାଜଧାନୀରେ ପୁଣି ବୁଲିଲା ଖଣ୍ଡା, ଜଣେ ଗୁରୁତର

ଭୁବନେଶ୍ୱର, ୧୫।୨(ମହାଭାରତ): ରାଜଧାନୀରେ ପୁଣି ବୁଲିଲା ଖଣ୍ଡା । ପଥରବନ୍ଧ ବସ୍ତିରେ ଚାଲିଲା ଆତଙ୍କ ରାଜ୍ । ଘରୁ ଡାକି ପୁଅ ଆଗରେ ବାପାକୁ ଖଣ୍ଡା ଚୋଟ ମାରିଛନ୍ତି ଦୁର୍ବୃତ୍ତ । ମୁଣ୍ଡରେ ଏକାଧିକ ଚୋଟ ଯୋଗୁ ଗୁରୁତର ଆହତ ହୋଇଛନ୍ତି ପଥରବନ୍ଧ ବସ୍ତିର କାର୍ତ୍ତିକ ନାୟକ । ପୂର୍ବ ଶତ୍ରୁତା ଲାଗି ଆକ୍ରମଣ ହୋଇଥିବା ସୂଚନା ମିଳିଛି । ଖବର ପାଇ ବସ୍ତିରେ ପିସିଆର୍ ଓ ସହିଦ ନଗର ପୋଲିସ ପହଂଚିଥିଲେ । ଆହତ କାର୍ତ୍ତିକଙ୍କୁ କ୍ୟାପିଟାଲ ହସ୍ପିଟାଲ ଭର୍ତ୍ତି କରିଛି ପୋଲିସ । କାର୍ତ୍ତିକଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି । ଘଟଣା ସ୍ଥଳରେ ଚାପା ଉତ୍ତେଜନା ଯୋଗୁ ପୋଲିସ ଫୋର୍ସ ମୁତୟନ କରାଯାଇଛି ।

# ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ ମୁଦ୍ରା ଆଧାରିତ ସାଧାରଣ ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ

ନୂଆଦିଲ୍ଲୀ, ୧୫।୨(ପିଆଇବି): କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଗୁଜରାଟର ଗାନ୍ଧୀନଗରଠାରେ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ ମୁଦ୍ରା (ସିବିଡିସି) ଉପରେ ଆଧାରିତ ଏକ ସ୍ୱଚ୍ଛ, ଆଧୁନିକ ଏବଂ ସରଳ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ)ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲ, କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଏବଂ ଅନ୍ୟ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

କେନ୍ଦ୍ର ଗୃହମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଡିଜିଟାଲ ଇଣ୍ଡିଆ ଏବେ ଖାଦ୍ୟ ଏବଂ ଯୋଗାଣ ବ୍ୟବସ୍ଥା ପର୍ଯ୍ୟନ୍ତ ସମ୍ପ୍ରସାରିତ ହେଉଛି । ସେ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦୀ ଦେଶର ସମ୍ବଳ ଉପରେ ପ୍ରଥମ ଅଧିକାର ଗରିବ, ଦଳିତ, ପଛୁଆ ବର୍ଗ ଏବଂ ଆଦିବାସୀ ସମ୍ପ୍ରଦାୟକୁ ଦେଇଛନ୍ତି । ପୂର୍ବରୁ ଭାରତରେ ୬୦ କୋଟି ଲୋକ ଥିଲେ, ଯେଉଁମାନଙ୍କ ସମଗ୍ର ପରିବାରର ଗୋଟିଏ ବି ବ୍ୟାଙ୍କ ଆକାଉଣ୍ଟ ନଥିଲା, କିନ୍ତୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ବିଶ୍ୱର ଅଧା ଡିଜିଟାଲ କାରବାର ଏବେ ଭାରତରେ ହେଉଛି । ସେହି ଡିଜିଟାଲ ଇଣ୍ଡିଆ ଏବେ ଦେଶର ଗରିବ ଲୋକଙ୍କୁ ସୁଲଭ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇବା କ୍ଷେତ୍ରରେ ପ୍ରବେଶ କରୁଛି । ଶ୍ରୀ ଶାହ କହିଥିଲେ ଯେ, ଏହି ବ୍ୟବସ୍ଥା ଗରିବ ଲୋକଙ୍କୁ ରାସନ ଯୋଗାଇଦେବା ବ୍ୟବସ୍ଥାରୁ ଦୁର୍ନୀତିକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବ ।

ଶ୍ରୀ ଅମିତ ଶାହ କହିଛନ୍ତି ଯେ ସାରା ଦେଶରେ ଯୋଗାଯୋଗ ସମ୍ପ୍ରସାରଣ ସହିତ, ବର୍ତ୍ତମାନ ଗରିବମାନେ ସିଧାସଳଖ ଡିଜିଟାଲ୍ ମାଧ୍ୟମରେ ଖାଦ୍ୟ ଶସ୍ୟ ପାଇବା ସୁନିଶ୍ଚିତ କରିବା ପାଇଁ ବ୍ୟବସ୍ଥା କରାଯିବ । ସେ ମନ୍ତବ୍ୟ ଦେଇଛନ୍ତି ଯେ ଯେପରି ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ଦେଶରେ ଠକେଇ ଏବଂ ଜାଲିଆତିକୁ ସମାପ୍ତ କରିଛି, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ଏହି ପଦକ୍ଷେପ ଆଗାମୀ ଦିନରେ ଏକ ସ୍ୱଚ୍ଛ ବିତରଣ ବ୍ୟବସ୍ଥା ସୁନିଶ୍ଚିତ କରିବ । ଶ୍ରୀ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ସର୍ବନିମ୍ନ ସରକାର, ସର୍ବାଧିକ ଶାସନ' ମନ୍ତ୍ର ଆଜି ଏକ ନୂତନ କ୍ଷେତ୍ରରେ କାର୍ଯ୍ୟକାରୀ ହେଉଛି । କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ଏହି ବିତରଣ ବ୍ୟବସ୍ଥା, ଯାହା ଜ୍ଞାନକୌଶଳର ଏକ ଅନନ୍ୟ ମିଶ୍ରଣ ଏବଂ ଗରିବଙ୍କ ପ୍ରତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ବେଦନଶୀଳତା, ସୁରକ୍ଷିତ ଏବଂ ସ୍ୱଚ୍ଛ ଢଙ୍ଗରେ ଗରିବଙ୍କ ଅଧିକାରର ସୁରକ୍ଷା କରିବାର ଏକ ମାଧ୍ୟମ ହେବ । ସେ ଉଲ୍ଲେଖ କରିଥିଲେ ଯେ ଆଜି 'ଅନ୍ନପୂର୍ଣ୍ଣା' ମେସିନ୍ ମଧ୍ୟ ଉଦଘାଟିତ ହୋଇଛି, ଯାହା ମାତ୍ର ୩୫ ସେକେଣ୍ଡରେ ୨୫ କିଲୋଗ୍ରାମ ଖାଦ୍ୟଶସ୍ୟ ବଣ୍ଟନ କରୁଛି । ଶ୍ରୀ ଶାହ କହିଥିଲେ ଯେ ଆଗାମୀ ୩ରୁ ୪ ବର୍ଷ ମଧ୍ୟରେ ଏହି ବ୍ୟବସ୍ଥା ସମଗ୍ର ଦେଶରେ ଲାଗୁ କରାଯିବ । ସେ କହିଥିଲେ ଯେ ଏହି ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥା ସମ୍ପୂର୍ଣ୍ଣ ସ୍ୱଚ୍ଛ ହେବ ଏବଂ ଏହା କାର୍ଯ୍ୟକାରୀ ହେବା ପରେ ଦେଶର ପ୍ରତ୍ୟେକ ଗରିବ୍ୟକ୍ତି ୫ କିଲୋଗ୍ରାମ ମାଗଣା ଖାଦ୍ୟଶସ୍ୟ ପାଇପାରିବେ । ସେ ଆହୁରି ମଧ୍ୟ କହିଛନ୍ତି ଯେ 'ଅନ୍ନପୂର୍ଣ୍ଣା' ମେସିନ୍ ଉନ୍ନତ ଗୁଣବତ୍ତା, ସଠିକ୍ ପରିମାଣ ଏବଂ ସ୍ୱଚ୍ଛ ବଣ୍ଟନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିବ । ଶ୍ରୀ ଶାହ କହିଥିଲେ ଯେ ଧୀରେ ଧୀରେ ଏହି ବ୍ୟବସ୍ଥା କାଶ୍ମୀରରୁ କନ୍ୟାକୁମାରୀ ଏବଂ ଦ୍ୱାରକା ଠାରୁ କାମାକ୍ଷା ପର୍ଯ୍ୟନ୍ତ ଆମ ବିଶାଳ ଦେଶରେ ଲାଗୁ ହେବା ଉଚିତ ।



ଅମିତ ଶାହ କହିଥିଲେ ଯେ ଆଜି ଦେଶର ୧ ଲକ୍ଷ ୭ ହଜାର ଗ୍ରାମରେ ଯୋଗାଯୋଗ ହୋଇପାରିଛି । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଦେଶର ୮୦ କୋଟି ଲୋକଙ୍କୁ ପ୍ରତି ମାସରେ ବ୍ୟକ୍ତି ପିଛା ୫ କିଲୋଗ୍ରାମ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେଇଛନ୍ତି । ଶ୍ରୀ ଶାହ କହିଥିଲେ ଯେ ଖାଦ୍ୟ ସୁରକ୍ଷା ଏବେ ସ୍ୱଚ୍ଛ ହୋଇଯାଇଛି । ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଜୀ ପ୍ରଧାନମନ୍ତ୍ରୀ ରାସ୍ତାକଡ ବିକ୍ରେତାଙ୍କ ଆତ୍ମନିର୍ଭର ନିଧି (ପିଏମ ସ୍ୱନିଧି) ଯୋଜନାର ଲାଭ ସାରା ଦେଶର ୧ କୋଟି ୯ ଲକ୍ଷ ରାସ୍ତାକଡ ବିକ୍ରେତାଙ୍କୁ ପ୍ରଦାନ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଦୃଢ଼ ନୀତି ମାଧ୍ୟମରେ ମୋଦୀ ସରକାର ଗତ ୧୦ ବର୍ଷ ମଧ୍ୟରେ ୬୦ କୋଟିରୁ ଅଧିକ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି କରିଛନ୍ତି ଏବଂ ୨୭ କୋଟି ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ କହିଥିଲେ ଯେ ମୁଖ୍ୟ ବିରୋଧୀ ଦଳ ଏବଂ ସେମାନଙ୍କ ସରକାର ସବୁବେଳେ ମିଛ କହି ଜନସାଧାରଣଙ୍କୁ ବିଭ୍ରାନ୍ତ କରିଥାନ୍ତି । ଶ୍ରୀ ଶାହ କହିଥିଲେ ଯେ ପୂର୍ବ ସରକାର ସମୟରେ କୃଷି ବଜେଟ୍ ମାତ୍ର ୨୬ ହଜାର କୋଟି ଟଙ୍କା ଥିଲା, ଯାହାକୁ ପ୍ରଧାନମନ୍ତ୍ରୀ ମୋଦୀ ଜୀ ବୃଦ୍ଧି କରି ୧ ଲକ୍ଷ ୨୯ ହଜାର କୋଟି ଟଙ୍କା କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବ ସରକାର ୭୦ ବର୍ଷ ମଧ୍ୟରେ କେବଳ ଥରେ ଋଣ ଛାଡ ଘୋଷଣା କରି କୃଷକମାନଙ୍କୁ ବିଭ୍ରାନ୍ତ କରିଥିଲେ, ଯେତେବେଳେ କି ପ୍ରଧାନମନ୍ତ୍ରୀ ମୋଦୀ ଗତ ୧୦ ବର୍ଷ ଧରି ପ୍ରତ୍ୟେକ କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତିବର୍ଷ ୬୦୦୦ ଟଙ୍କା ସିଧାସଳଖ ଭାବେ ପଠାଉଛନ୍ତି, ଏପରି ଏକ ବ୍ୟବସ୍ଥା ସୃଷ୍ଟି କରିଛନ୍ତି ଯେଉଁଠାରେ କୃଷକମାନଙ୍କୁ ଆଦୌ ଋଣ ନେବାକୁ ପଡିବ ନାହିଁ ।

# ପ୍ରତାରିତ ଚାଷୀ

ପୂର୍ବତନ ଓ ନୂତନ ସରକାର ଚାଷୀ ଓ ଚାଷକୁ ନେଇ ପରସ୍ପର ପ୍ରତି ଦୋଷାରୋପ କରିଚାଲିଥିବାବେଳେ ପ୍ରକୃତରେ ଅନୁଧ୍ୟାନ କଲେ ଯାହା ଜଣାଯାଏ କୌଣସି ସରକାର ଚାଷୀ ସମସ୍ୟା ନେଇ ସମ୍ବେଦନଶୀଳ ନୁହଁନ୍ତି ଓ ଚାଷୀଙ୍କୁ ଆମେ ଅନ୍ନଦାତା କହିଥାଉ ଓ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ସିଂହଭାଗ କୃଷି ଉତ୍ପାଦନରୁ ଆସିଥାଏ । କରୋନା ମହାମାରୀ ସମୟରେ ଚାଷୀକୁଳର ଅକ୍ଳାନ୍ତ ପରିଶ୍ରମ ଓ କୃଷି ଉତ୍ପାଦ ଭାରତର ଅର୍ଥନୀତିକୁ ଯଥେଷ୍ଟ ପରିମାଣରେ ସହାୟତା କରିଥିଲା । କେନ୍ଦ୍ର ସରକାର ପୁଞ୍ଜିପତିମାନଙ୍କ ହାତରେ କୃଷକମାନଙ୍କ ଭାଗ୍ୟ । ଭବିଷ୍ୟତ ଟେକିଦେବା ପାଇଁ ଆଣିଥିବା କଳା ଆଇନ ବିରୋଧରେ ସମଗ୍ର ଭାରତରେ ଯେପରି ବିରାଟ ଚାଷୀ ଆନ୍‌ଦୋଳନ ମୁଣ୍ଡ ଟେକିଥିଲା, ସେ ସମ୍ପର୍କରେ କାହାରିକୁ ଅଛପା ନାହିଁ ।୨୦୧୪ରେ କେନ୍ଦ୍ରରେ କ୍ଷମତା ଦଖଲ କରିଥିବା ମୋଦି ସରକାର ଚାଷୀଙ୍କ ଆୟ ଦୁଇ ଗୁଣା କରିଦେବେ ବୋଲି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ପାଣିରଗାର ଭଳି ବହିଗଲା ଓ ଚାଷୀ ଆଜି ବି ପ୍ରତାରିତ,ଉପେକ୍ଷିତ ଓ ଅବହେଳିତ । ରାଜନୈତିକ ଦଳ କେବଳ ଚାଷୀଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଭୋଟ ନିଅନ୍ତି ଓ ପରିଣାମରେ ଋଣରେ ବୁଡ଼ିଯାଇଥିବା ଚାଷୀ ଆତ୍ମହତ୍ୟାକୁ ଶେଷ ପନ୍ଥା ଭାବରେ ବାଛିନେବାକୁ ବାଧ୍ୟ ହୋଇଥାଏ ଓ ଚଳିତ ଖରିଫ ଋତୁରେ ଚାଷୀମାନେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ସରକାର ସେଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ବ୍ୟବସ୍ଥାଗତ ଶୋଷଣ,ପ୍ରଶାସନିକ ଉଦାସୀନତା ଓ ପ୍ରତିଶ୍ରୁତି ପାଳନରେ ବିଫଳତା ଚାଷୀଙ୍କୁ ନିରୁତ୍ସାହିତ କରିଦେଇଛି । ରାଜ୍ୟରେ ଥିବା ମଣ୍ଡିଗୁଡ଼ିକ ଏବେ ଚାଷୀଙ୍କ ପାଇଁ ନିର୍ଯାତନାର କେନ୍ଦ୍ର ପାଲଟିଛି । ରାଜ୍ୟ ସରକାର ନିର୍ବାଚନ ସମୟରେ ଧାନର ସର୍ବାଧିକ ସହାୟକ ମୂଲ୍ୟ ବୃଦ୍ଧି ଓ କଟନୀ-ଛଟନୀ ବନ୍ଦ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ନାନା ପ୍ରକାର ଆଳ ଦେଖାଇ କ୍ୱିଣ୍ଟାଲ ପିଛା ୫ ରୁ ୭ କିଲୋ କଟନୀ-ଛଟନୀ କରିବା ପରିତାପର ବିଷୟ । ମିଲର ଓ ସ୍ଥାନୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଚାଷୀମାନେ କଠିନ ପରିଶ୍ରମର ମୂଲ୍ୟ ପାଉନାହାଁନ୍ତି ଓ ରାଜ୍ୟର ସବୁ ଚାଷୀଙ୍କୁ ୮୦୦ ଟଙ୍କା ଲେଖାଏଁ ଇନପୁଟ ସବସିଡି ଦେବେ ବୋଲି ସରକାର ଘୋଷଣା କରିଥିଲେ । ନିକଟରେ ସରକାର ଏହି ସବସିଡି ପାଇଁ ଚାଷୀ ପିଛା ସର୍ବାଧିକ ୧୫୦ କ୍ୱିଣ୍ଟାଲ ଧାର୍ଯ୍ୟ କରି ପ୍ରତିଶ୍ରୁତି ଭାଙ୍ଗିଛନ୍ତି । ଅଧିକ ଉତ୍ପାଦନ କରୁଥିବା ଚାଷୀମାନଙ୍କ ପ୍ରତି ଏହା ଦଣ୍ଡ ସ୍ୱରୂପ କହିଲେ ଅତ୍ୟୁକ୍ତି ହେବନାହିଁ । ଚାଷୀମାନଙ୍କୁ ସେମାନଙ୍କର ସମଗ୍ର ଉତ୍ପାଦ ଉପରେ ୩୧୦୦ ଇନପୁଟ ସବସିଡି ଦେବା ପ୍ରତିଶ୍ରୁତିରୁ ସରକାର କାହିଁକି ଓହରି ଯାଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ ଓ ନିକଟରେ କେନ୍ଦ୍ର ସରକାର ଧାନର ସଂଗ୍ରହ ମୂଲ୍ୟ ୬୯ ଟଙ୍କା ବୃଦ୍ଧି କରିଛନ୍ତି । ରାଜ୍ୟରେ ଚାଷୀଙ୍କୁ ଏହି ବର୍ଦ୍ଧିତ ମୂଲ୍ୟ ଦିଆ ନ ଯିବା ପ୍ରତାରଣା ନୁହେଁ କି ? ଧାନ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି । ରାତିସାରା ଚାଷୀଙ୍କୁ ଜଗି ରହିବାକୁ ପଡୁଛି । ଚାଷୀଙ୍କୁ ଠିକ ସମୟରେ ପ୍ରାପ୍ୟ ମଧ୍ୟ ମିଳୁନାହିଁ ଓ ସମୁଦାୟ ଖରିଫ ଧାନ କିଣା ଲକ୍ଷ୍ୟ ୭୩ ଲକ୍ଷ ମେଟ୍ରିକ ଟନ ଧାର୍ଯ୍ୟ ହୋଇଥିବାବେଳେ ମାତ୍ର ୪୧.୯୬ ମେଟ୍ରିକ ଟନ ସଂଗ୍ରହ କରାଯାଇଛି । ରାଜ୍ୟରେ ପାଖାପାଖି ୧୯ ଲକ୍ଷ ୬୫ ହଜାର ଚାଷୀ ପଞ୍ଜିକୃତ ହୋଇଥିବାବେଳେ ୯ ଲକ୍ଷ ୬୫ ହଜାର ଚାଷୀ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି ଓ ସରକାରଙ୍କ ପ୍ରତିଶ୍ରୁତି ପାଳନରେ ବିଫଳତା, ଧାନ ସଂଗ୍ରହରେ ମନ୍ଥର ଗତି,ପ୍ରଶାସନିକ ଅବ୍ୟବସ୍ଥା,ମିଲର - ଅଧିକାରୀ ମଧୁଚନ୍ଦ୍ରିକା ଆଦି ପ୍ରସଙ୍ଗ ଚାଷୀଙ୍କୁ ହତାଶ ଓ ନିରାଶ କରିଛି ଓ ପ୍ରତାରିତ ଅନୁଭବ କରୁଛି ଚାଷୀ ।

# ପୃଥୁଳ ସମ୍ବିଧାନ, ଦୁର୍ବଳ ଜନତା

**ଯୁଧିଷ୍ଠିର ମହାରଣା**

ଆମେ ବିଶ୍ୱର ସବୁଠାରୁ ସର୍ବବୃହତ୍ତ ଓ ପୁରୁଣା ସାମ୍ବିଧାନିକ ଗଣତାନ୍ତ୍ରିକ ରାଷ୍ଟ୍ର । ଇତିମଧ୍ୟରେ ଆମେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିଛେ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଗଣ ଅର୍ଥାତ୍ ଆମ୍ଭେମାନେ ଶକ୍ତିଶାଳୀ ଓ ସର୍ବୋଚ୍ଚ । ସମ୍ଭବତଃ ଏହି ଧାଡ଼ିଟି ଶୁଣିବାକୁ ଭଲ ଲାଗେ ଏବଂ ଏହା କେବଳ ଲିଖିତ ଧାଡ଼ିଟି କହିଲେ ଅତ୍ୟୁକ୍ତି ହେବନାହିଁ । ଗଣତନ୍ତ୍ର ଶାସନର ୭୫ ବର୍ଷ ପରେ ବି ଗଣ କେତେ ଅସହାୟ ଏହା ପ୍ରତିଦିନ ଗଣମାଧ୍ୟମରୁ ଜଣାଯାଏ । ବଜାରରେ ଦୁଇ ପ୍ରକାର ଖାଦ୍ୟ ସାମଗ୍ରୀ ଉପଲବ୍ଧ ଆମ ଦେଶରେ । ଯେତେ ଅଧିକ ଦାମ, ତାର ଗୁଣାତ୍ମକମାନ ସେତେ ଅଧିକ । ପକେଟରେ ପଇସା ନାହିଁ ମାନେ, କମ ଗୁଣାତ୍ମକମାନର ଖାଦ୍ୟ ଆପଣଙ୍କୁ ଖାଇବାକୁ ପଡ଼ିବ । ନକଲି ଖାଦ୍ୟଠାରୁ ଆରମ୍ଭ କରି ନକଲି ଔଷଧର ଏକ ବଜାର ସୃଷ୍ଟି ହୋଇସାରିଛି ଆମ ଦେଶରେ । ବିଭିନ୍ନ ମାନର ସେବା ମଧ୍ୟ ରହିଛି । ଆମ ଦେଶରେ କିଏ ବଞ୍ଚିବାକୁ ସଂଗ୍ରାମ କରୁଛି ତ ପୁଣି କିଏ ଜୀବନକୁ ଉପଭୋଗ କରୁଛି । ଜୀବନକୁ ଉପଭୋଗ କରୁଥିବା ମଣିଷଙ୍କ ସଂଖ୍ୟା ଆମ ଦେଶରେ ଖୁବ କମ୍ । ଏମାନଙ୍କ ଭୋଟରେ ଗଣତନ୍ତ୍ର ପ୍ରତିଷ୍ଠା ହୁଏନି । ପ୍ରତିଟି ଭୋଟରଙ୍କ ଭୋଟର ମୂଲ୍ୟ କିନ୍ତୁ ସମାନ । ଧନୀର ଯେତିକି ଗରିବର ସେତିକି ।




ଗଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ଗଣଙ୍କୁ କେତେ ସମ୍ମାନ ଦିଅନ୍ତି ଏବଂ କେତେ ଗୁରୁତ୍ୱ ଦିଅନ୍ତି ଏକଥା କାହାରିକୁ ଅଛପା ନାହିଁ । ଆମ ରାଜ୍ୟର ନେତାମାନେ କହୁଛନ୍ତି - ପ୍ରଶାସନିକ ଅଧିକାରୀମାନେ କୁଆଡ଼େ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଦେଉନାହାନ୍ତି । ସେଇ ଅଧିକାରୀମାନେ ସାଧାରଣ ଲୋକଙ୍କୁ କିଭଳି ସମ୍ମାନ ଦିଅନ୍ତି ଏକଥା ନିର୍ବାଚିତ ପ୍ରତିନିଧିମାନେ କେବେ ଚିନ୍ତା କରିଛନ୍ତି କି ? ସ୍ୱାଧୀନତାର ୭୯ ବର୍ଷ ପରେ ବି ଲୋକଙ୍କୁ ମୁନ୍ଦେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇପାରୁନି ଫଳରେ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି । ଅନ୍ୟପଟେ ଅସଲି ମଦ ଦୋକାନ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଲୋକଙ୍କ ହାତ ପାହାନ୍ତାରେ ଉନ୍ନତ ମାନର ଅସଲ ମଦ ମିଳୁଛି - ଏହା ହିଁ ଗଣତନ୍ତ୍ର ପ୍ରତିଟି ଆଉ ଏକ ଉପହାସ ।

ବ୍ରିଟେନ, ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ ସଂଘ, କାନାଡ଼ା, ଆୟାରଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଦକ୍ଷିଣ ଆଫ୍ରିକା ଓ ଜାପାନ ଆଦି ଦେଶର ସମ୍ବିଧାନରୁ ନୀତିନିୟମ ଉଦ୍ଧୃତ କରାଯାଇ ସନ୍ନିବେଶିତ କରାଯାଇଛି ଭାରତୀୟ ସମ୍ବିଧାନରେ । ଏତେ ବଡ଼ ଲିଖିତ ସମ୍ବିଧାନ ବିଶ୍ୱରେ ଅନ୍ୟ କୌଣସି ଦେଶରେ ନାହିଁ । ରାଷ୍ଟ୍ରର ରାଜନୈତିକ ବ୍ୟବସ୍ଥା ସମ୍ବନ୍ଧୀୟ ମୌଳିକ ଢ଼ାଞ୍ଚା ଗଠନ କରିଥାଏ ସମ୍ବିଧାନ । ଦେଶବାସୀ କିଭଳି ଶାସିତ ହେବେ ଏବଂ ଜଣେ କିଭଳି ଅନ୍ୟାୟର ଶିକାର ନ ହେବ ସେ ସବୁ ସମ୍ବିଧାନରେ ଲିଖିତ ଭାବରେ ରହିଛି । ୧୯୪୯ ନଭେମ୍ବର ୨୬ ତାରିଖରେ ସମ୍ବିଧାନ ଗୃହୀତ ହୋଇଥିଲେ ବି ଭାରତୀୟ ସମ୍ବିଧାନ ପ୍ରଣୀତ ହୋଇଥିଲା ୧୯୫୦ ଜାନୁଆରୀ ୨୬ ତାରିଖ ଦିନ । ଗଣଙ୍କ ଅଧିକାର କିଭଳି କ୍ଷୁର୍ଣ୍ଣ ନହେବ ସେ ଦିଗକୁ ଗୁରୁତ୍ୱ ଦିଆଯାଇଛି ଆମ ସମ୍ବିଧାନରେ । କିନ୍ତୁ ପ୍ରଶ୍ନ ଉଠୁଛି ଆମ ଦେଶର ସମ୍ବିଧାନ ଖୁବ ପୃଥୁଳ ହୋଇଥିଲେ ମଧ୍ୟ ଗଣ କାହିଁକି ଏତେ ଦୁର୍ବଳ, ପୁଷ୍ଟିହୀନତାର ଶିକାର କାହିଁକି ହେଉଛି ଶିଶୁ ? ସେଇଟା ହିଁ ମୂଳ ପ୍ରଶ୍ନ । ଯେଉଁସବୁ ବିକଶିତ ଦେଶମାନଙ୍କ ସମ୍ବିଧାନରୁ ଆମ ସମ୍ବିଧାନ ପାଇଁ ନୀତି ନିୟମ ଉଦ୍ଧୃତ କରାଯାଇଛି ସେ ସବୁ ଦେଶର କ'ଣ ବିଶୁଦ୍ଧ ପାନୀୟ ଜଳପାଇଁ ଲୋକଙ୍କୁ ରାଜରାସ୍ତାକୁ ଆସିବାକୁ ପଡୁଛି କି ?

ଦୁର୍ନୀତିଗ୍ରସ୍ତ ଶାସନ ପ୍ରଶାସନ ପାଇଁ 'ଛାଟ'ଭାବେ ସ୍ୱୀକୃତ ସିବିଆଇ, ଇଡି ଆଦି ସଂସ୍ଥା ଏବେ କେନ୍ଦ୍ରର ଅସୂୟାମୂଳକ ଓ ଉଦ୍ଦେଶ୍ୟ ପ୍ରଣୋଦିତ ଅସ୍ତ୍ର ରୂପେ ବ୍ୟବହାର ହେଉଛି । ସ୍ୱଚ୍ଛ ଓ ଅବାଧ ନିର୍ବାଚନର ଉତ୍ତରଦାୟିତ୍ୱରେ ଥିବା ସାମ୍ବିଧାନିକ ସଂସ୍ଥା କ୍ଷମତାସୀନ ସରକାରର ହାତବାରିସି ହୋଇପଡୁଥିବାରର ଅଭିଯୋଗମାନ ବଢ଼ିବାରେ ଲାଗିଛି । ଏକ୍ଷେତ୍ରରେ ଅଣଏନଡିଏ ଶାସିତ ରାଜ୍ୟମାନେ ଅଧିକରୁ ଅଧିକ ପ୍ରଭାବିତ ଓ ଅସନ୍ତୁଷ୍ଟ ହେଉଥିବା ଦେଖାଯାଉଛି । ଏପରିକି କେତେକ ରାଜ୍ୟ କେନ୍ଦ୍ର ସହିତ ପ୍ରତ୍ୟକ୍ଷ ମୁକାବିଲା ପାଇଁ ପ୍ରସ୍ତୁତ । କେନ୍ଦ୍ର ରାଜ୍ୟ ସମ୍ପର୍କରେ ସମୀକ୍ଷା ପାଇଁ ଗତ ବର୍ଷ ଉଚ୍ଚକ୍ଷମତା ସମ୍ପନ୍ନ କମିଟି ଗଠନ କରିଥିବା ତାମିଲନାଡୁ ମୁଖ୍ୟମନ୍ତ୍ରୀ ତଥା ଡିଏମକେ ସୁପ୍ରିମୋ ଏମ.କେ. ଷ୍ଟାଲିନ ଏବେ ଆଉ ଦୁଇପାଦ ଆଗକୁ ଯାଇ ଅଣହିନ୍ଦୀ, ବିଶେଷକରି ଦକ୍ଷିଣ ଭାରତୀୟ ଓ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ସମାନ୍ତରାଳ ସମ୍ମାନଜନକ ସର୍ବୋଚ୍ଚ ପୁରସ୍କାରର ବ୍ୟବସ୍ଥା ବିଷୟରେ ଘୋଷଣା କରିଛନ୍ତି । ଆଞ୍ଚଳିକ ଅସ୍ମିତା ଆଧାରରେ ଏହା ଭାରତକୁ ହିନ୍ଦୀ ଓ ଅଣହିନ୍ଦୀ ଆଧାରରେ ଦୁଇଭାଗ କରିଦେବା ଭଳି ହୋଇଛି । ସ୍ୱାଧୀନତା ପରଠାରୁ ଜାତୀୟ ରାଜନୀତିରେ ହିନ୍ଦୀ ଭାଷାଭାଷୀ ଓ ଦକ୍ଷିଣ ଭାରତୀୟ ରାଜ୍ୟମାନଙ୍କରେ ମଧ୍ୟରେ ଯେଉଁ ଅସୂୟାର ମଞ୍ଜିଟିଏ ରୋପିତ ହୋଇ କାଳକ୍ରମେ ଦ୍ରୁମ ପାଲଟି ସାରିଛି ସେଥିରେ ଏବେ ଫଳ ଧରିବା ଆରମ୍ଭ କରିଛି କହିଲେ ଅତିଶୟୋକ୍ତି ହେବନାହିଁ । ସେହିଭଳି 'ବନ୍ଦେ ମାତରମ'କୁ ନେଇ ଯେଉଁ ବିବାଦ ଓ ବିତର୍କ ଉଠିଛି, ତାହା ମାଆକୁ ମଝିରେ ରଖି ସନ୍ତାନମାନେ ଦୁଇପଟୁ ଟଣାଓଟରା କରିବା ଭଳି ପରିବେଶଟିଏ ସୃଷ୍ଟି କରିଛି । କାଳାନ୍ତରର ଏଭଳି ବିତର୍କରୁ ଦୂରେଇ ରହିଥିଲେ ବରଂ ସମ୍ବିଧାନର ମର୍ଯ୍ୟାଦା ରକ୍ଷା ଅଧିକ ହୋଇଥାନ୍ତା ।

ଆମ ସମ୍ବିଧାନ କେନ୍ଦ୍ର ରାଜ୍ୟ ସମ୍ପର୍କ, ସ୍ୱାୟତ୍ତା ଏବଂ ଯୁଗ୍ମ ଦାୟିତ୍ୱ ଓ ଅଧିକାର ବିଷୟ ସ୍ପଷ୍ଟ କରିଛି । ଅଥଚ ରାଜ୍ୟପାଳ ମାନଙ୍କର ଅତିକ୍ରିୟା ଯୋଗୁଁ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହେଉଛି ଏବଂ ଆଞ୍ଚଳିକ ଅସୂୟା ବଢ଼ିବାରେ ଲାଗିଛି । ଯେତେବେଳେ ସଂଘୀୟ ବ୍ୟବସ୍ଥା ଦଳୀୟ ରାଜନୈତିକ ସ୍ୱାର୍ଥ ସାଧନ ଆଗରେ ବଳି ପଡ଼େ, ସାମ୍ବିଧାନିକ ମୂଲ୍ୟବୋଧ କ୍ଷୁର୍ଣ୍ଣ ହୁଏ, ସୁସ୍ଥ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଅବନତି ଦେଖାଦିଏ, ଆଞ୍ଚଳିକ ଦଳ ମାନଙ୍କୁ ବର୍ଷ ବର୍ଷ ଧରି ଅବହେଳା ଓ ପାତରଅନ୍ତରର ସମ୍ମୁଖୀନ ହେବାକୁ ପଡ଼େ ସେତେବେଳେ ପୁଞ୍ଜିଭୂତ ଅସନ୍ତୋଷ ବିରୋଧାଭାସର ରୂପ ନିଏ । ଏବେ ତାହାର ପୁନରାବୃତ୍ତି ଘଟିଛି ବୋଲି କୁହାଯାଇପାରେ । ସ୍ୱାଧୀନତାର ଅମୃତକାଳର ଯାତ୍ରାରେ ଗଣତନ୍ତ୍ର ଓ ସାମ୍ବିଧାନିକ ମୂଲ୍ୟବୋଧ ଆହୁରି ପରିପକ୍ୱ ହେବା କଥା । କିନ୍ତୁ ବିରୋଧାଭାସ କେବଳ ଆମ ସମ୍ବିଧାନ ଉଦଘୋଷିତ ଅଖଣ୍ଡ ଭାରତ ପ୍ରତି ଗୁରୁତ୍ୱର ଆହ୍ୱାନ ସୃଷ୍ଟି କରିଚାଲିଛି । ଗଣତାନ୍ତ୍ରିକ ବ୍ୟବସ୍ଥାରେ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ପୁନର୍ବାର ସରଳ ଓ ପ୍ରାଞ୍ଜଳ ବ୍ୟାଖ୍ୟାନ ଅତ୍ୟାବଶ୍ୟକ ହୋଇପଡ଼ିଛି । ଅନେକ ସମୟରେ ଲାଗୁଛି ଯେପରି ସମ୍ବିଧାନ ପ୍ରଦତ୍ତ ନାଗରିକର ବଞ୍ଚିବାର ମୌଳିକ ଅଧିକାର ହିଁ ଛଡେଇ ନିଆଯାଇଛି । ଏହା ଆମେ ସମସ୍ତେ ମନେ ରଖିବା ଉଚିତ ଯେ ସମ୍ବିଧାନ ପ୍ରଦତ୍ତ ମୌଳିକ ସ୍ୱାଧୀନତାର ସୁରକ୍ଷା ଓ ଏକ ସୁସ୍ଥ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥା ପାଇଁ ସଂଘୀୟ ବ୍ୟବସ୍ଥାର ଭିତ୍ତିଭୂମି ସୁଦୃଢ଼ ରହିବା ଦରକାର ଏହା ହିଁ ହେବ ସମ୍ବିଧାନ ପ୍ରତି ଯଥେଷ୍ଟ ସମ୍ମାନ ଯେଉଁଠି ଏକ ସର୍ବବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଆମ୍ଭ ମାନଙ୍କ ଅଧିକାର ଓ ସ୍ୱାଧୀନତା ସୁରକ୍ଷିତ ରହିଛି ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮,
E-mail : judhister009moharana@gmail.com

# କବି ପ୍ରସନ୍ନ ମିଶ୍ର

**ବାଦଲ ଭୂୟାଁ**

ଆମ ସମୟର ପ୍ରସିଦ୍ଧ ସାହିତ୍ୟିକ ଓ ଅଧ୍ୟାପକ ଡ.ପ୍ରସନ୍ନ କୁମାର ମିଶ୍ର, ଭଦ୍ରକ ଜିଲ୍ଲା ଧାମନଗର ଅନ୍ତର୍ଗତ ପିତେଇପୁର ଗ୍ରାମରେ ଜନ୍ମ ହୋଇଥିଲେ । ଉଚ୍ଚଶିକ୍ଷା ପରେ ସେ ଅଧ୍ୟାପନାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ । ଅଧ୍ୟାପନା ଓ ସାହିତ୍ୟ ସୃଷ୍ଟି ଏକ ସଙ୍ଗେ ଚାଲିଥିଲା । ଖରାରେ ବାଙ୍ଗରା ଲୋକ, ମନିକାର ପ୍ରିୟ, ଟ୍ରକଡାଲାରେ ସନାତନ, ଅଦୃଶ୍ୟ ସଙ୍ଗମ ଆଦି ତାଙ୍କର ପ୍ରସିଦ୍ଧ କବିତା ଗ୍ରନ୍ଥ । ଡ.ମିଶ୍ର ଏକାଧାରରେ କବି, ଔପନ୍ୟାସିକ, ଅନୁବାଦକ, ନାଟ୍ୟକାର, ଶିଶୁ ସାହିତ୍ୟିକ ଓ ପ୍ରାବନ୍ଧିକ । ଜନସେବକ ନାଟକ ପାଇଁ ସେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର । ତେବେ ସେ ନିଜକୁ କବି ଭାବେ ପରିଚିତ କରିବାକୁ ଚାହିଁଥିଲେ । କବିତା ମୋର ଜୀବନ । କବିତା ସବୁ ବେଳେ ଅତୃପ୍ତ । ମହା ଅସନ୍ତୁଷ୍ଟ ଜୀବ । ପରିତୃପ୍ତି ଆସେନାହିଁ କେବେ, ଆସିବାର ସମ୍ଭାବନା ବି ନାହିଁ । ପ୍ରତ୍ୟେକ କବିର ଜୀବନ ଅବସୋସର ସମୁଦ୍ର । ସାହିତ୍ୟରେ ସେ ନିଜ କଥା କହିଛନ୍ତି ପରିବେଶ ଓ ପରିବେଶରେ ଥିବା ଜନତା ଏବଂ ସେମାନଙ୍କର ଶ୍ରଦ୍ଧା ଓ ପ୍ରେମ କଥା କହିଛନ୍ତି ସମାଜ କଥା କହିଛନ୍ତି । ସମାଜର ଊର୍ଦ୍ଧ୍ୱରେ କିଛି ଥିବା ସେ ବିଶ୍ୱାସ କରୁନଥିଲେ । ତେଣୁ ସେ ସଂପର୍କରେ କିଛି କହିବାକୁ ଇଛା କରିନାହାନ୍ତି । ସାହିତ୍ୟ ସହ କଳ୍ପନା ସଂପର୍କିତ । ଏ ପ୍ରସଙ୍ଗରେ ସେ କହିଛନ୍ତି - କଳ୍ପନା ନ ମିଶିଲେ ସାହିତ୍ୟ ହୁଏନା । କିନ୍ତୁ ବ୍ୟକ୍ତିଗତ ଅନୁଭବଟାକୁ ସମଗ୍ର ଜନତା ପାଖରେ ପହଞ୍ଚାଇବାକୁ କଳ୍ପନାର ସାହାଯ୍ୟ ନେବାକୁ ହୁଏ । ଏହା ହିଁ ସାହିତ୍ୟ ସୃଷ୍ଟିର ସର୍ବକାଳୀନ ପରମ୍ପରା ପୁଣି, ବାସ୍ତବତାକୁ ସବୁ କଳ୍ପନାର ଜନ୍ମ । କଳ୍ପନାର କାମ ହେଲା, ଏକ ନୂତନ ବାସ୍ତବତା ତିଆରି କରିବା, ଯାହା ସାଧାରଣ ବାସ୍ତବତାରେ ଉନ୍ନତି ଆଣିବ । କଳ୍ପନା ନଥିଲେ ଜଣେ କବି ଅନ୍ୟାନ୍ୟ ଜୀବନକୁ ସ୍ପର୍ଶ କରିପାରିବନାହିଁ । ନିଜର ବ୍ୟକ୍ତିଗତ ପୃଥିବୀରେ ବନ୍ଦୀ ହୋଇରହିଯିବ । ୨୦୧୪ ଫେବୃଆରୀ ଆଜିର ଦିନରେ କଟକସ୍ଥିତ ମର୍କତନଗର ବାସଭବନରେ ଏହି ପ୍ରସିଦ୍ଧ କବିଙ୍କର ପରଲୋକ ହୋଇଥିଲା ।

୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୯୨୦୪୬୫୨୦୬୫

# ରାଜ୍ୟରେ ସ୍ୱୟଂ ଶାସିତ ଶିକ୍ଷାନୁଷ୍ଠାନ

**ବିକ୍ରମ କେଶରୀ ବିଶ୍ୱାଳ**

ଓଡ଼ିଶାର ଅନ୍ୟତମ ଗୌରବାମହ ପ୍ରାଚୀନତମ ମହିଳା ମହାବିଦ୍ୟାଳୟ କଟକର ଶୈଳବାଳା ମହାବିଦ୍ୟାଳୟରେ ସ୍ୱୟଂଶାସିତ ମାନ୍ୟତା ଦାବିରେ ରିଲେ ଆନ୍ଦୋଳନ ଚାଲିଛି । ପ୍ରତୀକାତ୍ମକ ଭାବରେ ଏହି ବିରୋଧଭାଷ କେତେ ଦିନ ଚାଲିବ ତାହା ତ ଅନ୍ୟ କଥା କିନ୍ତୁ ଅନୁସନ୍ଧାନରୁ ଯାହା ଜଣାପଡ଼ିଛି ସ୍ୱୟଂଶାସିତ କଲେଜ ଦାବି କରୁଥିବା ରାଜ୍ୟର ଦୁଇ ଡଜନରୁ ଊର୍ଦ୍ଧ୍ୱ କଲେଜ ମାନ୍ୟତା ହରାଇ ସାରିଲେଣି । ତଥାପି ନିଜକୁ ସ୍ୱୟଂ ଶାସିତ ବୋଲି ଏଡି କଲେଜ ଗୁଡ଼ିକ ଦାବି କରୁଛନ୍ତି । ବିଡ଼ମ୍ବନା ହେଉଛି କେବଳ ୧ଟି କଲେଜକୁ ଛାଡ଼ି ୨୯ରୁ ୨୭ଟି କଲେଜ ଏବେ ସ୍ୱୟଂ ଶାସିତ ହୋଇ ରହିଛନ୍ତି । ବୈଧ ମାନ୍ୟତା ପ୍ରମାଣପତ୍ର ଅବଧି ଶେଷ ହୋଇ ଯାଇଥିବାରୁ ବସ୍ତୁତଃ ଏହି କଲେଜଗୁଡ଼ିକ ସ୍ୱୟଂଶାସିତ କୁହାଯାଇପାରିବ ନାହିଁ । ଯାହାକୁ ନେଇ ଛାତ୍ର ଓ ଅଭିଭାବକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । କିଛି ଶିକ୍ଷାବିତ ଏହି ଭୟଙ୍କର ଶୈକ୍ଷିକ ଠକେଇ ବିରୋଧରେ ଅଦାଲତ ଯିବାକୁ ସଜବାଜ ହୋଇଛନ୍ତି ।

ସୂଚନା ଅନୁସାରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ମୋଟ ୨୯ ସ୍ୱୟଂଶାସିତ ରହିଛି । ତନ୍ମଧ୍ୟରୁ ୨୭ଟି ଅର୍ଥାତ୍ ୯୩% ମହାବିଦ୍ୟାଳୟର ମାନ୍ୟତା ସରି ଯାଇଛି । ଏପରିକି ସବୁଠି ପ୍ରତିଷ୍ଠିତ ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) କଲେଜ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଦକ୍ଷିଣ ଓଡ଼ିଶା ବିଶ୍ୱବିଦ୍ୟାଳୟ, ଫକୀରମୋହନ ବିଶ୍ୱ ବିଦ୍ୟାଳୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ମୋଟ ୨୭ଟି କଲେଜର ମାନ୍ୟତା ଅବଧି ଶେଷ ହୋଇଥିବା ଜଣାପଡ଼ିଛି ।

ସ୍ୱୟଂଶାସିତ ମାନ୍ୟତା ସରିଯାଇଥିବା ରାଜ୍ୟ ୩୬ଟି ଉଚ୍ଚଶିକ୍ଷା ଓ ବୈଷୟିକ ଶିକ୍ଷାନୁଷ୍ଠାନର ତାଲିକା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ଜାରି କରିବା ପରେ ଉଚ୍ଚଶିକ୍ଷା ବିଭାଗର ଚେତା ପଶିଛି । ୨୯ଟି ସ୍ୱୟଂ ଶାସିତ ମହାବିଦ୍ୟାଳୟ ମଧ୍ୟରୁ ୨୭ଟି ମାନ୍ୟତା ନବୀକରଣ କରିବାକୁ ବିଭାଗ ଜରୁରୀ ବୈଠକ ମଧ୍ୟ ଡାକିଛନ୍ତି । କିଛି ମହାବିଦ୍ୟାଳୟ ମାନ୍ୟତା ନବୀକରଣ ପାଇଁ ଆବେଦନ କରିଥିବାବେଳେ ଅନେକ ଦୀର୍ଘ ବର୍ଷ ଧରି ଆବେଦନ କରୁନାହାନ୍ତି । ମାନ୍ୟତା ନଥିବା ସତ୍ତ୍ୱେ ସ୍ୱୟଂଶାସିତ ଭାବେ ପରୀକ୍ଷା ପରିଚାଳନା କରୁଥିବାରୁ ଏହି ପରୀକ୍ଷାର ବୈଧତା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୟୁଜିସି କିଛି କଠୋର ନିଷ୍ପତ୍ତି ନେଲେ ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି କଳା ବାଦଲ ଛାଇ ଯିବାର ଆଶଙ୍କା ରହିଛି । ଏଣୁ ଏହା ପୂର୍ବରୁ ମାନ୍ୟତା ନବୀକରଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଗୁରୁତ୍ୱାରୋପ କରିଛି । ମାନ୍ୟତା ନଥିବା ମହାବିଦ୍ୟାଳୟର ଅଧ୍ୟକ୍ଷକଙ୍କ ସମେତ ପରୀକ୍ଷା ନିୟନ୍ତ୍ରକଙ୍କ ସହ ବୈଠକ କରିଛି । ବିଭାଗୀୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟତା ନବୀକରଣ ପାଇଁ ଆବେଦନ କରି ନଥିବା ମହାବିଦ୍ୟାଳୟଗୁଡ଼ିକୁ ତାଗିଦ କରାଯିବା ସହ ତୁରନ୍ତ ଆବେଦନ କରିବା ପାଇଁ ପରାମର୍ଶ ଦିଆଯାଇଛି । ଯେଉଁମାନେ ଆବେଦନ କରିଛନ୍ତି, ୟୁଜିସି ଆବଶ୍ୟକ କରୁଥିବା ଅଧିକ ତଥ୍ୟ ଦାଖଲ କରି ମାନ୍ୟତା ନବୀକରଣ କରିବାକୁ କୁହାଯାଇଛି ।

ବିଡ଼ମ୍ବନା ହେଉଛି ମାନ୍ୟତା ନଥାଇ ମଧ୍ୟ ଅନେକ କଲେଜ ନିଜର ପରୀକ୍ଷା ନିଜେ ପରିଚାଳନା କରୁଛନ୍ତି । ୟୁଜିସିର କନଫର୍ମେଣ୍ଟ ଅଫ ଅଟୋନୋମସ ଷ୍ଟାଟସ ଓପନ କଲେଜ ଏବଂ ମେଜର୍ସ ଫର ମେଣ୍ଟେନାନ୍ସ ଅପ ଷ୍ଟାଣ୍ଡାର୍ଡ଼ସ ଇନ ଅଟୋନୋମସ କଲେଜ ନିୟମାବଳୀ, ୨୦୨୩ର ଉଲ୍ଲଙ୍ଘନ କରି ଉକ୍ତ କଲେଜଗୁଡ଼ିକୁ ପରୀକ୍ଷା ଆୟୋଜନ ପାଇଁ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ଅନୁମତି ଦେଉଛନ୍ତି । ୟୁଜିସି ପକ୍ଷରୁ ଏ ନେଇ ବାରମ୍ବାର ତାଗିଦ ସତ୍ତ୍ୱେ ଓ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ପିଲାଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯେକୌଣସି ଜାତିର, ରାଜ୍ୟର ଯୁବ ଓ ଶିକ୍ଷିତ ବର୍ଗଙ୍କ ଭବିଷ୍ୟତ ହେଉଛି ମହାବିଦ୍ୟାଳୟ । ସ୍ୱୟଂଶାସିତ ବ୍ୟବସ୍ଥା ରହିବା ଦ୍ୱାରା ଶିକ୍ଷାନୁଷ୍ଠାନର ଅନେକ ଲାଭ ହୋଇଥାଏ । ଗବେଷଣାଲବ୍ଧ ଜ୍ଞାନ ଶିକ୍ଷାର୍ଥୀମାନେ ବହୁଧା ଭାବରେ ପାଇଥାନ୍ତି । ତେଣୁ ଓଡ଼ିଶାର ଡବଲ ଇଞ୍ଜିନ ସରକାର ରାଜ୍ୟର କୋଟି କୋଟି ଶିକ୍ଷିତବର୍ଗଙ୍କ ଶିକ୍ଷାର ଉନ୍ନତି ନିମିତ୍ତ ସ୍ୱୟଂଶାସିତ ନାମକୁ ମାତ୍ର ନକରି ଅସଲରେ ଶିକ୍ଷାନୁଷ୍ଠାନକୁ କେବଳ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରି ନୁହେଁ ବରଂ ଶିକ୍ଷାନୁଷ୍ଠାନର ବ୍ୟାପକ ବିକାଶ ପାଇଁ ଆଗେଇ ଆସନ୍ତୁ, ଏ ଦାୟିତ୍ୱ ଡବଲ ଇଞ୍ଜିନ ସରକାରଙ୍କ ଠାରୁ ରାଜ୍ୟବାସୀ ଆଶା କରିବା ସ୍ୱାଭାବିକ ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

# ଗର୍ଭନିରୋଧକର ପାର୍ଶ୍ୱ ପ୍ରତିକ୍ରିୟା

**ଡାକ୍ତର ଶୁଭଶ୍ରୀ ମିଶ୍ର**

ପ୍ରାୟତଃ ଅଧିକାଂଶ ମହିଳାଙ୍କ ଭିତରେ ଏକ ପ୍ରଶ୍ନ ଉଠିଥାଏ ଯେ ଗର୍ଭନିରୋଧକ ଔଷଧ ବ୍ୟବହାର କରିବା ନିରାପଦ କି ? ହଁ, ଅଧିକାଂଶ ଗର୍ଭନିରୋଧକ ସାଧାରଣତଃ ମହିଳାଙ୍କ ଶରୀର ପାଇଁ ନିରାପଦ । ତେବେ ପରୀକ୍ଷା ପରେ ସେମାନଙ୍କୁ ଉପଯୁକ୍ତ ଔଷଧ ପ୍ରଦାନ କରାଯାଇଥାଏ । ସେହିପରି କେହି କେହି ପ୍ରଶ୍ନ କରନ୍ତି ଗର୍ଭନିରୋଧର ଉପାୟଗୁଡ଼ିକ ମଧ୍ୟରୁ ଅଧିକ ପ୍ରଭାବଶାଳୀ କେଉଁଟି ? ଗର୍ଭନିରୋଧକ ପାଇଁ ବିଭିନ୍ନ ଉପାୟ ଯଥା କଣ୍ଡୋମ, ହରମୋନାଲ କଣ୍ଟ୍ରାସେପ୍ଟିଭ ପିଲ, କପର ଇଣ୍ଟ୍ରାୟୁଟେରିନ ଡିଭାଇସ ବ୍ୟବହାର କରାଯାଇଥାଏ । ଗର୍ଭଧାରଣକୁ ରୋକିବାରେ ଏସବୁ ୯୯ ପ୍ରତିଶତରୁ ଅଧିକ ଫଳପ୍ରଦ । ସ୍ଥାୟୀ ଗର୍ଭନିରୋଧକ ପଦ୍ଧତିଗୁଡ଼ିକ ହେଉଛି ମହିଳାଙ୍କ ଟ୍ୟୁବେକ୍ଟୋମି ଏବଂ ପୁରୁଷଙ୍କ ଭାସେକ୍ଟୋମି ବା ବନ୍ଧ୍ୟାକରଣ । ଏହିସବୁ ସର୍ଜରି ପଦ୍ଧତି ଅତ୍ୟନ୍ତ ପ୍ରଭାବଶାଳୀ ।

ଏହାର ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ରହିଛି । ସେଗୁଡ଼ିକ ହେଲା ଭିନ୍ନ ଭିନ୍ନ ଗର୍ଭନିରୋଧକର ଭିନ୍ନ ଭିନ୍ନ ପାର୍ଶ୍ୱ ପ୍ରତିକ୍ରିୟା ରହିଛି । କଣ୍ଡୋମ ବ୍ୟବହାରରେ ଆଲର୍ଜିର ଆଶଙ୍କା ଥାଏ । ହର୍ମୋନାଲ ପିଲସ ଖାଇବା ଦ୍ୱାରା ବାନ୍ତି, ମୁଣ୍ଡବିନ୍ଧା, ବ୍ରଣ ଓ ମୁଡ଼ ସ୍ୱିଙ୍ଗ ହେବା ଦେଖାଯାଇଥାଏ । ଇଷ୍ଟ୍ରୋଜେନ ବ୍ୟବହାର ଦ୍ୱାରା ରକ୍ତ ଜମାଟ ବାନ୍ଧିଯାଏ । ଗର୍ଭାଶୟ ଭିତରେ ଲଗାଯାଉଥିବା ଦୁଇ ପ୍ରକାର ଗର୍ଭନିରୋଧକ ଉପକରଣ ୫ରୁ ୧୦ ବର୍ଷ ପର୍ଯ୍ୟନ୍ତ ଦୀର୍ଘକାଳୀନ ଗର୍ଭନିରୋଧକ ଯୋଗାଇଥାଏ କିନ୍ତୁ ଅନିୟମିତ ରକ୍ତସ୍ରାବ କିମ୍ବା ଦାଗ ସୃଷ୍ଟି କରିପାରେ । ଗର୍ଭନିରୋଧକ ଯୋଗୁଁ ସୃଷ୍ଟି ହେଉଥିବା ସମସ୍ୟା ଗୁଡ଼ିକ ହେଉଛି, ଗର୍ଭନିରୋଧକ କାରଣରୁ ଅନିୟମିତ ପିରିଅଡ଼, ହରମୋନ ପରିବର୍ତ୍ତନ ବା ବିରଳ କ୍ଷେତ୍ରରେ ରକ୍ତ ଜମାଟ ବାନ୍ଧିପାରେ । (କ୍ରମଶଃ)

# ଆପଣ ଟିପିଣୀ ଦିଅନ୍ତୁ ମନା ନାହିଁ ମାତ୍ର ଆଗେ ସତ୍ୟ ଅସତ୍ୟ ଠିକକରି ବୁଝି ନିଅନ୍ତୁ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଆପଣ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି, ଆପଣ ଉଚ୍ଚ ଶିକ୍ଷା ପାଇଛନ୍ତି, ଆପଣ ଜଣେ ଶିଳ୍ପପତି, ବଡ଼ ବ୍ୟବସାୟୀ । କୌଣସି ବିଷୟରେ ଭଲ ଭାବରେ ଟିକିନିଖି ନଜାଣି ସେ ବିଷୟରେ ମନ୍ତବ୍ୟ ଦିଅନ୍ତୁ ନାହିଁ, ମାନ ଅପମାନ ସୂତା ଖିଅରେ ଝୁଲୁଛି, ଏବେ କାମେରାରେ, ଫୋନ, ମାଇକ୍ରୋଫୋନରେ ମନ୍ତବ୍ୟ ଦେଉ ଦେଉ ଦୁନିଆ ଜାଣିଯିବେ, ଯହିଁରେ ଘଟଣା ଅସତ୍ୟ ଯଦି ଥାଏ, ମୁହୂର୍ତ୍ତ କରେ ସୁନାମରେ ସୁନାମୀ ଆସିଯିବ । ଶତ୍ରୁର ବାଦୁଡ଼ି ଜାଲ ସର୍ବତ୍ର ବସିଛି । ଆପଣମାନେ ଜାଣନ୍ତି ବାଦୁଡ଼ି ପକ୍ଷୀ ନୁହେଁ, କି ଦିବାଚର ନୁହେଁ, ତାକୁ ବଞ୍ଚିବାକୁ ପଡ଼ିବ ଏ ପାଇଁ ସେ ଖାଦ୍ୟ ଯୋଗାଡ଼କୁ ଯିବ ମାତ୍ର ଜାଲରେ ପଡ଼ିଯାଇପାରେ । ଏପରି ବୁଦ୍ଧିରେ ଜୀବିକା ବୃତ୍ତି ଲିପ୍ତମାନେ କଷ୍ଟ ଭୋଗ କରିବାକୁ ପଡ଼େ । ଦିନଥିଲା ରାଜା, ଜମିଦାର ମାନେ ତାଙ୍କ କାର୍ଯ୍ୟ ବିରୁଦ୍ଧରେ କେହି ମୁଣ୍ଡ ଟେକିଲେ, ସ୍ୱର ଉତ୍ତୋଳନ କଲେ ତାଙ୍କ ଗର୍ଦ୍ଦନ କଟୁଥିଲା । ଚାବୁକ ମାଡ଼ ନାନାଦି ଶାରୀରିକ ଦଣ୍ଡ ମିଳୁଥିଲା । ଛଳନା ବନ୍ଧୁତ୍ୱ ବାନ୍ଧି ମହଲ ଡାକି ଭୋଜନରେ ପାନୀୟରେ କାଳକୂଟ ଦେଇ ପଥ ପରିଷ୍କାର କରୁଥିଲେ ।ରାଜା ତାଙ୍କ କାମନା ତୃପ୍ତି ପାଇଁ ଏକାଧିକ ନାରୀ ସହ ସମୟ ନିତ୍ୟ କାଟିଲେ ବି କିଛି ଯୁବକ ମାନଙ୍କୁ ବର୍ଷ ବର୍ଷ ଧରି ବେଠି ଖଟାଇ ମହଲ, ପୁଷ୍କରିଣୀ, ମନ୍ଦିର କରାଇ, ଯୁବକର ଯୌବନ କାଳ ସ୍ତ୍ରୀ ସଙ୍ଗ ଛେଦ କରାଇ ଦେଉଥିଲେ । ଯେଉଁ କୋଣାର୍କ ମନ୍ଦିର, ତାଜମହଲ ଆଜି ସ୍ୱାମୀ ସ୍ତ୍ରୀ ଯୋଡ଼ି ଦେଖୁଛନ୍ତି, ଆନନ୍ଦ ଅନୁଭବ କରୁଛନ୍ତି, ଟିକେ ଭାବିଲେ, ତାହାର ନିର୍ମାଣ କାଳର ସମୟରେ କେତେ ଯୁବକ କଳାକାର ଶିଳ୍ପୀ ତାଙ୍କ ଯୁବତୀ ପତ୍ନୀଙ୍କ ଠାରୁ କେତେ ଦିନ ବିଚ୍ଛେଦ ନଥିବେ । ରାଜା, ଧର୍ମକୁ ନିଜ ନିୟମରେ ନିଅନ୍ତି, ନେଲେ ବି ତତ୍କାଳୀନ ଜ୍ଞାନୀ ଗୁଣୀ ଆଖି ଥାଇ ଅନ୍ଧ ଅଭିନୟ କରୁଥିଲେ, ରାଜାଚକ୍ଷୁରେ ସୁନ୍ଦରୀ ଗନ୍ତବ୍ୟରେ ଭେଟହେଲେ ସେ ସୁନ୍ଦରୀ ଶିକାର ହେଉଥିଲେ । ସେ ଯେଉଁ ଜାତିର କନ୍ୟା ହେଉ ନା କାହିଁକି ? ସେ ସୁନ୍ଦରୀ ରାଜମହଲ ଦାସୀ, ତାଙ୍କ ସନ୍ତାନ ଦାସୀ ପୁତ୍ର ଦାସ ହେଉଥିଲେ । ଏତିକିରେ କଥା ସରୁନଥିଲା ରାଜାଙ୍କର ଧର୍ମ ଜ୍ଞାନକୁ ସମସ୍ତେ ଡରିହରି ମାନ୍ୟତା ଦେଇ ତାହା ଉତ୍କୃଷ୍ଟ କହି ସାର୍ବଜନୀନ ମାନ୍ୟତା ଦେଉଥିଲେ । ଆମ ଦେଶରେ ପିତୃ କେନ୍ଦ୍ରିକ ଗୋତ୍ର, ଜାତି, ଧର୍ମ ଯେଉଁ କାରଣରୁ ଧାର୍ଯ୍ୟ ଥିଲା ଓ ତାକୁ ପରବର୍ତ୍ତୀ କାଳରେ ଭାରତକୁ ବାରବାର ଆକ୍ରମଣକାରୀମାନେ ଫାଇଦାରେ ନେଇକି ଆଜି ତାଙ୍କ ବଂଶ ବିସ୍ତାର ଚାଲିଛି, ଆମେ ଦୁଇ ଆମର ଦୁଇ ସ୍ଲୋଗାନ ଯାହା କିଛି ବର୍ଷ ଆଗରୁ ପ୍ରଚାର ଚାଲିଥିଲା ସେଥିରେ ସେମାନେ କେବେ ସାମିଲ ହୋଇନାହାନ୍ତି । ହେଲେ ଜନଗଣନା ଯେଉଁ ପ୍ରତି ଦଶ ବର୍ଷରେ ହେବା କଥା ନିୟମ ଅନୁସାରେ ୨୦୨୧ର କ୍ରମ ଆଜି ୨୦୨୬ରେ ପହଞ୍ଚିଲାଣି ଯଦି ଏହା ସୁଚାରୁରୂପେ ନ ହୁଏ, ଅସମ୍ଭାଳ ସ୍ଥିତି ହେବା ଅସମ୍ଭବ ନୁହେଁ, ଯୁଆଡ଼େ ଚାହଁ ଖାଲି ଘର ହିଁ ଘର, ମାଳ ମାଳ ଲମ୍ବା ଚଉଡା ରାସ୍ତା କଳକାରଖାନା, ଶସ୍ୟ କ୍ଷେତ୍ର ବିଲୁପ୍ତ, ଲୋକେ ଖାଇବେ କ'ଣ ? ଧର୍ମ ବଦଳାଇ ଲୋକେ ରାଜ ଅନୁଗୃହିତ ହେଉଥିଲେ, ଏବେ ଦଳ ବଦଳାଇ ରାଜାନୁଗ୍ରହ ପ୍ରାପ୍ତି ଚିନ୍ତା ଗ୍ରାସ କଲାଣି । ଗୀତା ବର୍ଣ୍ଣିତ ବର୍ଣ୍ଣଶଙ୍କର ବେଳକୁ ବେଳ ମାନବଜାତିରେ, ପଶୁରେ, ପକ୍ଷୀରେ, ବୃକ୍ଷଲତାରେ ବଢ଼ି ଚାଲିଲାଣି । ଅନେକ ଜ୍ଞାନୀ ଅଛନ୍ତି କେହି ଆମର ଧର୍ମ ଶାସ୍ତ୍ରକୁ ଥରେ ବି ପଢ଼ି ନାହାନ୍ତି, ପଢ଼ିବାକୁ ଅବସର ପାଉନାହାନ୍ତି । ଇଂରାଜୀ ପାଠ ପଢ଼ା ପ୍ରାଥମିକରୁ ଆରମ୍ଭ ପିଲାମାନଙ୍କର ହେଲାଣି, ସେମାନେ ଆଉ ସେ ପୁରୁଣା ଶାସ୍ତ୍ରକୁ କେମିତି ପଢ଼ିବେ ? ରାଜନୀତିରେ ରାଜା ମୁଖ୍ୟ, ଏବେ ପ୍ରଧାନ ମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ ଆଦି ସେ ପଦବୀରେ ଜମିଦାରୀରେ ସେମିତିକା ନେତା ଛାର ହୋଇ ରହି ଅଛନ୍ତି କିନ୍ତୁ ଧର୍ମ ଜ୍ଞାନର ଜ୍ଞାନୀ ଅଭାବ ବଢ଼ି ବଢ଼ି ଚାଲିଛି ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ୩ ଦିନ ଧରି ଅନ୍ଧାରରେ ନୂଆଗୁଡାବାସୀ, ଟ୍ରାନ୍ସଫର୍ମର ପୋଡିବା ଯୋଗୁଁ ବିଦ୍ୟୁତ ସରବରାହ ବନ୍ଦ



ମାଲକାନିଗିରି, (ମହାଭାରତ) : ଟ୍ରାନ୍ସଫର୍ମର ପୋଡି ଯିବାର ୩ ଦିନ ବିତିଯିବା ପରେ ବି ବିଦ୍ୟୁତ ସଂଯୋଗ ଦିଗରେ ଦୃଷ୍ଟି ଦେଉନି ସେବା ପ୍ରଦାନକାରୀ ସଂସ୍ଥା। ଅନ୍ୟପଟେ ଏଭଳି ସମୟରେ ବିଦ୍ୟୁତ ସଂଯୋଗ ପରିବର୍ତ୍ତେ ପୁରୁଣା ବକେୟା ବିଲ ପୈଠ କରିବାକୁ କହି ନଇଁ ପଡ଼ିବା ବେଳେ ବିଧାଏ ମାରିବା ଭଳି ସ୍ଥିତି ସୃଷ୍ଟି କରିଛି ବିଦ୍ୟୁତ ସେବା ପ୍ରଦାନକାରୀ ସଂସ୍ଥା। ଏଭଳି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ଏମଭି ୭୯ ଗ୍ରାମକୁ ଲାଗି ରହିଥିବା ନୂଆଗୁଡା ଗ୍ରାମରେ। ସୂଚନା ଅନୁଯାୟୀ ଗତ ଗୁରୁବାର ଦିନ ନୂଆଗୁଡା ଗ୍ରାମରେ ଥିବା ଟ୍ରାନ୍ସଫର୍ମରଟି ଅଚାନକ ସଟ ସର୍କିଟ ଯୋଗୁଁ ପୋଡି ଯାଇଥିଲା। ଏହାପରେ ଗ୍ରାମବାସୀ ବିଦ୍ୟୁତ ସରବରାହ ସଂସ୍ଥାକୁ ଅବଗତ କରାଇଥିଲେ। ତେବେ ସେବା ପ୍ରଦାନକାରୀ ସଂସ୍ଥା ପକ୍ଷ୍ୟରୁ ଟ୍ରାନ୍ସଫର୍ମର ଯୋଗାଇ ଦେବା ପରିବର୍ତ୍ତେ କିଛିବର୍ଷ ପୁରୁଣା ବକେୟା ଟଙ୍କା ପୈଠ କରିବା ପରେ ଟ୍ରାନ୍ସଫର୍ମର ମରାମତି କରାଯିବ ବୋଲି କହିଥିବା ଗ୍ରାମବାସୀ କହିଛନ୍ତି। ବିଦ୍ୟୁତ ସେବା ପ୍ରଦାନକାରୀ ସଂସ୍ଥା ପକ୍ଷ୍ୟରୁ ଏଭଳି କୁହାଯିବା ପରେ ଗ୍ରାମବାସୀଙ୍କ ସହ ବିଦ୍ୟୁତ ସେବା ପ୍ରଦାନକାରୀ ସଂସ୍ଥା ମଧ୍ୟରେ ପୁନଃ ଆଲୋଚନା କରାଯାଇ ଗତ କିଛି ବର୍ଷ ଧରି ଗ୍ରାମବାସୀ ନିୟମିତ ବିଲ ପୈଠ କରୁଥିବା ବେଳେ ପୁରୁଣା ବକେୟା ଟଙ୍କା କିସ୍ତି କରି ପୈଠ କରୁଥିବା କହିଥିଲେ। ଏହାପରେ ମଧ୍ୟ ଟ୍ରାନ୍ସଫର୍ମର ମରାମତି ଦିଗରେ ବିଦ୍ୟୁତ୍ ସେବା ପ୍ରଦାନ କାରୀ ସଂସ୍ଥା ଦୃଷ୍ଟି ଦେବା ପରିବର୍ତ୍ତେ ଚାପ ପକାଇ ବଳକା ଟଙ୍କା ପରିଶୋଧ କରିବାକୁ କହାଜାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୂର୍ବରୁ ସରକାରଙ୍କ ପକ୍ଷରୁ ମାଗଣା ବିଦ୍ୟୁତ ଯୋଗାଇ ଦିଆଯିବ କହି ବିଦ୍ୟୁତ ସଂଯୋଗ କରାଯାଇଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ବିଦ୍ୟୁତ ସେବା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଅଚାନକ ସମସ୍ତ ବକେୟା ପୈଠ କରିବାକୁ କୁହାଗଲା। ତେବେ ଗ୍ରାମବାସୀ ଏଥିରେ ସମର୍ଥ ନଥିବାରୁ କିସ୍ତି ଆକାରରେ ପ୍ରଦାନ କରିବାକୁ କହିଥିଲେ । ଯାହା ପ୍ରତ୍ୟକ ମାସ କିଛି କିଛି ଅର୍ଥ ଅତିରିକ୍ତ ଭାବେ ପ୍ରଦାନ କରୁଥିବା କହିଛନ୍ତି। ତେବେ ଅଚାନକ ଏଭଳି ବିଦ୍ୟୁତ୍ ସରବରାହ ବନ୍ଦ କରାଯିବାରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ପରୀକ୍ଷା ରହିଥିବାରୁ ପିଲାମାନେ ପାଠ ବଢ଼ିବାରୁ ବଞ୍ଚିତ ହେଉଛନ୍ତି। ଏଥିସହ ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା ବନ୍ଦ ରହିବା ସହ ମୋବାଇଲ ଚାର୍ଜ କରାଯାଇ ପାରୁନଥିବାରୁ ଗତ ତିନିଦିନ ଧରି ନୂଆଗୁଡା ବାହ୍ୟ ଜଗତ ସହ ଯୋଗାଯୋଗ ବିଛିନ୍ନ ହୋଇ ରହିଛି। ପ୍ରକାଶ ଥାଉକି ୪୦ରୁ ଉର୍ଦ୍ଧ୍ୱ ପରିବାର ବିଶିଷ୍ଟ ନୂଆଗୁଡା ଗ୍ରାମରେ ପ୍ରାୟ ଦୁଇଶହ ଲୋକ ବସବାସ କରୁଥିବା ବେଳେ ଗତ ତିନିଦିନ ଧରି ଗ୍ରାମବାସୀ ଅନ୍ଧାରରେ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେଇ ବିଦ୍ୟୁତ୍ ସେବା ପ୍ରଦାନ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

# କପିଳାସ ପୀଠରେ ମହାଶିବରାତ୍ରୀ ଭକ୍ତିର ସମୁଦ୍ରରେ ବୁଡିଲା ଶୈବଧାମ



ଢେଙ୍କାନାଳ, (ମହାଭାରତ) : ପୁଲିସର ମାତ୍ରାଧିକ କଟକଣା ସେବାୟତ, ସାମ୍ବାଦିକ ଏବଂ ଶ୍ରଦ୍ଧାଳୁ ମାନଙ୍କୁ ଖରାପ ବ୍ୟବହାର ନେଇ କପିଳାସରେ ଅସନ୍ତୋଷ ଦେଖାଦେଇଛି । ପୁଲିସ ସେବାୟତଙ୍କ ବାଟ ଓଗାଳି ପ୍ରବେଶ ଅନୁମତି ନଦେବାରୁ ଶ୍ରୀ ଜୀଉଙ୍କ ନୀତି ବିଭ୍ରାଟ ହୋଇଛି । ୩ ଘଣ୍ଟା ବିଳମ୍ବରେ ନୀତି ହେବା ନେଇ ସବୁ ମହଲରେ ନିନ୍ଦା କରାଯାଇଛି । ଶ୍ରୀ ଜୀଉଙ୍କର ସକାଳ ଧୂପ ୯ ଟା ପରିବର୍ତ୍ତେ ୧୨ ଟାରେ ଶେଷ ହୋଇଛି । ପୁଲିସର ଏଭଳି କାର୍ଯ୍ୟକଳାପକୁ ନେଇ ସେବାୟତ ମାନେ ଧାରଣା ଦେବା ଘଟଣା ଶ୍ରଦ୍ଧାଳୁଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ସୃଷ୍ଟି କରିଛି । ଓଡିଶାର ପ୍ରସିଦ୍ଧ ଶୈବପୀଠ କପିଳାସ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପିବତ୍ର ଜାଗର ଯାତ୍ରା ପାଇଁ ସକାଳ ୫ ଟାରୁ ଦେଓଗାଁରୁ ସେବାୟତ ମାନେ ପୀଠକୁ ଯାଉଥିବା ବେଳେ ଚେକ୍ ଗେଟ୍ ପୁର୍ବରୁ ପୁଲିସ ସେମାନଙ୍କୁ ଅଟକାଇଥିଲା । ସେବାୟତମାନେ ମାନେ ପରିଚୟ ପତ୍ର ଦେଖାଇବା ସତ୍ତ୍ୱେ ମଧ୍ୟ ପୁଲିସ ସେମାନଙ୍କୁ ଯିବାକୁ ଦେଇନଥିଲା । ସେମାନେ ପୁଲିସ ଙ୍କୁ ବହୁତ ବୁଝାଇଲା ପରେ ମଧ ସେବାୟତମାନେ ଉପରକୁ ଗାଡି ନେଇ ଯାଇପାରିବେ ନାହିଁ ବୋଲି ପୁଲିସ କଟକଣା କରିଥିଲା । ଦିର୍ଘ ସମୟ ଧରି ପୁଲିସ ଏବଂ ସେବାୟତଙ୍କ ମଧ୍ୟରେ ଯୁକ୍ତି ତର୍କ ସତ୍ତ୍ୱେ ମଧ ପୁଲିସ ସେମାନଙ୍କୁ ନଛାଡିବାରୁ ସେବାୟତ ମାନେ ଫାଟକ ସମ୍ମୁଖରୁ ଚାଲି ଯାଇ ଦେଓଗାଁ ସେବାୟତ ମଣ୍ଡପରେ ପ୍ରାୟ ୫୦ ରୁ ଉଦ୍ଧ୍ୱର୍ ସେବାୟତ ଧାରଣା ଦେଇଥିଲେ । ଖବର ପାଇ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ବିବୁଧ ଗଡନାୟକ ସେଠାରେ ପହଞ୍ଚି ସେବାୟତ ମାନଙ୍କୁ ବୁଝାସୁଝା କରିଥିଲେ । ସକାଳ ସାଢେ ୮ ଟା ପରେ ସେବାୟତ ମାନେ ମନ୍ଦିରକୁ ଯାଇ ନୀତି କାମ ଆରମ୍ଭ କରିଥିଲେ । ଏହି ପାଳିଆ ସେବାୟତ ମାନଙ୍କ ମଧ୍ୟରେ ସୁଆର ଏବଂ ସୁପକାର ମାନେ ଥିଲେ । ସେମାନେ ମନ୍ଦିରକୁ ଯାଇ ଚକା ପୁଳି ଆଦି ଭୋଗ ପାଇଁ ବିରି ବାଟିବା ଓ ଅନ୍ୟାନ୍ୟ ରୋଷ କାମ କରିଥାନ୍ତି । ସକାଳ ୯ ଟା ସୁଦ୍ଧା ଶ୍ରୀ ଜୀଉଙ୍କ ନିକଟରେ ସକାଳ ଧୂପରେ ଚକାଭୋଗ ଲାଗି କରାଯାଇଥାନ୍ତା । ଏଭଳି ଅଘଟଣ ପାଇଁ ଦୈନନ୍ଦିନ ନୀତି ବିଳମ୍ବ ହୋଇଥିଲା । ସକାଳ ଧୂପ ୯ଟା ପରିବର୍ତ୍ତେ ୧୨ ଟାରେ କରାଯାଇଥିଲା । ମଧ୍ୟାହ୍ନ ଭୋଗ ୧୨ଟା ପରିବର୍ତ୍ତେ ୩ଟାରେ ଏବଂ ଦ୍ୱିପ୍ରହର ଧୂପ ୫ଟାରେ ଲାଗି କରାଯାଇଥିଲା । ଯାହାକୁ ନେଇ ଶ୍ରଦ୍ଧାଳୁ ଓ ସେବାୟତମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖିବାକୁ ମିଳିଥିଲା । ଏପରିକି ପୁଲିସ ବୈଦୁତିକ ଗଣମାଧ୍ୟମର ସାମ୍ବାଦିକ ମାନଙ୍କୁ ଖବର ପ୍ରସାରଣ ପାଇଁ ପୀଠକୁ ଛାଡି ନଥିଲେ । ଜଣକ ପରେ ଅନ୍ୟ ଜଣେ ଜଣେ ଗଣ ମାଧ୍ୟମ ପ୍ରତିନିଧୀ ଏକାଠି ହେବା ପରେ ପୁଲିସ ବାଧ ହୋଇ ସେମାନଙ୍କୁ ଛାଡିଥିଲା । କପିଳାସ ପୀଠରେ ପୁର୍ବରୁ ଏଭଳି କୌଣସି ପୁଲିସର ମାତ୍ରାଧିକ କଟକଣା ପାଇଁ ଅପ୍ରତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା ବୋଲି ସାଧାରଣରେ ଆଲୋଚନା କରାଯାଇଛି । ଏନେଇ ଦେବୋତ୍ତର ବିଭାଗ ପକ୍ଷରୁ ଯାହା ତୃଟି ଥିଲା ସଂଶୋଧନ କରାଯାଇଛି ବୋଲି ଗଣମାଧ୍ୟମକୁ ସୁଚନା ଦେଇଛନ୍ତି ।

# କୃଷ୍ଣପ୍ରସାଦରେ ଶିବ ଜୟନ୍ତୀ ପାଳିତ



କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ଗଡ଼ ଠାରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ୯୦ ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମାଲୁଦ ଉପସେବା କେନ୍ଦ୍ର ସଞ୍ଚାଳିକା ରାଜ ଯୋଗିନୀ ବ୍ରହ୍ମା କୁମାରୀ ରେବତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ, ସମ୍ମାନିତ ଭାବେ ପୂର୍ବତନ ସରପଞ୍ଚ ମିଟୁ ସିଂହସାମନ୍ତ ଯୋଗଦେଇଥିଲେ । ଏହି ଅବସରରେ ଶିବ ଝଣ୍ଡା ଉତୋଳନ କରାଯାଇଥିଲା । ପୁରୁଣା ସଂସ୍କାରକୁ ଈଶ୍ୱରଙ୍କ ନିକଟରେ ଅର୍ପଣ କରି ସ୍ୱ ପରିବର୍ତ୍ତନରେ ବିଶ୍ୱ ପରିବର୍ତ୍ତନ କରିବା ପାଇଁ ଶପଥ ପାଠ କରିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଏକ ନୂତନ ଶାଖା ଗୃହ ପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିକେ ପ୍ରସନ୍ନ, ବିକେ ଦିନେଶ, ବିକେ ପଦ୍ମ, ବିକେ ଶାନ୍ତି, ବିକେ ରାଜ କିଶୋର, ବିକେ ପ୍ରବୀଣ, ବିକେ ନାଲୁ ପ୍ରମୁଖ ସହଯୋଗ କରିଥିଲେ । ତତ ସହିତ ନିକଟସ୍ଥ ବଡ଼ଅଁଳ, ଜାଗିରିକୁଦା, ଖୋଳାମୁହଁ ଆଦି ଗ୍ରାମ ମାନଙ୍କରେ ଶିବ ଝଣ୍ଡା ଉତ୍ତୋଳନ କରାଯାଇଥିଲା । ପ୍ରକାଶ ଥାଉକି ଦୀର୍ଘ ୧ ମାସ ଧରି ଏହି ଶିବ ଜୟନ୍ତୀ ଉତ୍ସବ ଉପସେବା କେନ୍ଦ୍ର ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଇଥିଲା ।

# ଦଶପଲ୍ଲାର ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା ଅନୁଷ୍ଠିତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ ଏ ସି ତଥା ବ୍ଲକ ର ବିଭିନ୍ନ ଶିବ ମନ୍ଦିର ରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ତେବେ ମଧଖଣ୍ଡ ଗ୍ରାମର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ଓ ବିରୁପାକ୍ଷଶ୍ୱର ମନ୍ଦିରଙ୍କ ପ୍ରାଙ୍ଗଣରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ମନ୍ଦିର ରେ ଏକ ମାସ ପୂର୍ବରୁ ପ୍ରତି ଦିନ ସନ୍ଧ୍ୟା ବେଳେ ପ୍ରଭୁ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପାଳନ କରାଯାଏ। ମଧ୍ୟଖଣ୍ଡ ଗ୍ରାମ ର ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଆଜକୁ ୧୨ ବର୍ଷ ଧରି ଦୀପ ଯଜ୍ଞ ପାଳିତ ହୋଇ ଆସୁଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଏଠାରେ ନଦିଆ କୀର୍ତ୍ତନ ର ତାଳେ ତାଳେ ମନ୍ଦିର ଚାରୀ ପାଖରେ ଶ୍ରଦ୍ଧାଳୁ ମାନେ ପରିକ୍ରମା କରାଯାଇଥାଏ ଓ ଦ୍ୱୀପ ପ୍ରଜ୍ୱଳନ ଜାରି ରହିଥାଏ । ଜାଗର ଦିନ ଅଷ୍ଟ ପ୍ରହରୀ ନାମ ଯଂଜ୍ଞ ସହ ଶ୍ରଦ୍ଧାଳୁ ମାନଙ୍କ ହୁଳ ହୁଳି ଓ ନଦୀଆ କୀର୍ତ୍ତନ ର ହରେକୃଷ୍ଣ ହରେରାମ ଶବ୍ଦ ରେ ସାରା ପରିବେଶ ଆଧାତ୍ମିକତାର ସୁଗନ୍ଧ ରେ ପ୍ରକମ୍ପିତ ହୋଇଉଠିଥିଲା। ଉପସ୍ଥିତ ସମସ୍ତ ଗ୍ରାମବାସି ବୃନ୍ଦ ଓ ଆଖ ପାଖ ଅଞ୍ଚଳରୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଙ୍କ ନିମିତ୍ତ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା ।ଆନନ୍ଦ ଉଲ୍ଲାସ ର ସହ ମଧ୍ୟଖଣ୍ଡ ଗ୍ରାମ ବାସି ଏହାକୁ ପାଳନ କରିଥାନ୍ତି। ଦଶପଲ୍ଲା ର ମାଳିସାହି, ଡିହଗାଁ, ତେଣ୍ଡାବାଡି, ଭୋଗ୍ୱାଡି, ଡିହଗାଁ, ଘୋଳାହାଣ୍ଡି ଆଦି ଗ୍ରାମରେ ବଡ଼ ଧୂମଧାମ ରେ ଜାଗର ଯାତ୍ରା ପାଳିତ ହୋଇଛି ।ତେବେ ଏହି ଜାଗର ଦିବସ ରେ ଦଶପଲ୍ଲା ବିଧାୟକ ରମେଶ ବେହେରା ମଧଖଣ୍ଡ ସ୍ଥିତ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର ଠାରେ ଜାଗର ଯାତ୍ରା ରେ ଯୋଗ ଦେଇଥିବାର ଦେଖାଯାଇଥିଲା। ତାଙ୍କ ସହିତ ୧୧ନଂ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ପ୍ରଧାନ,ଦଶପଲ୍ଲା ପୂର୍ବତନ ବ୍ଲକ ଅଧକ୍ଷ ଉପେନ୍ଦ୍ର କୁମାର ସାହୁ, ପୂର୍ବତନ ଜିଲ୍ଲା ପରିଷଦ ଦିଲ୍ଲୀପ କୁମାର ବେହେରା, ମଧଖଣ୍ଡ ପୂର୍ବତନ ସରପଞ୍ଚ ଲୋକନାଥ ପ୍ରଧାନ, ପ୍ରହଲ୍ଲାଦ ପରିଡା, ପ୍ରଶାନ୍ତ ଦାଶ, ହରିଶ୍ଚନ୍ଦ୍ର ଯାନୀ ଓ ଅନ୍ୟାନ୍ୟ କର୍ମୀ ଓ କମିଟି ସଦସ୍ୟ ଉପସ୍ଥିତ ଥିଲେ।

# ପାରାଦୀପରେ ୨୫ତମ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ : ଅକ୍ଷୟ ସୁତାର ଚମ୍ପିୟନ




ପାରାଦୀପ, (ମହାଭାରତ) : ପାରାଦୀପ ଗଲ୍ଫ କ୍ଲବର ବାର୍ଷିକ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ୨୦୨୬ ଚଳିତ ଫେବୃଆରୀ ୧୪ ଓ ୧୫ ତାରିଖ ଦୁଇଦିନ ପର୍ଯ୍ୟନ୍ତ ପାରାଦୀପ ପୋର୍ଟ ଗଲ୍ଫ କୋର୍ସରେ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ପାରାଦୀପ ଗଲ୍ଫ କ୍ଲବ ଦ୍ୱାରା ଆୟୋଜିତ ହୋଇଥିଲା। ପାରାଦୀପ ପୋର୍ଟ ଅଥରିଟି (ପିପିଏ)ର ଉପାଧକ୍ଷ ଟି.ଭେନୁ ଗୋପାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠି ଏବଂ ପାରାଦୀପ ବନ୍ଦର ଟ୍ରାଫିକ ବିଭାଗର ପରାମର୍ଶଦାତା ଏ.କେ. ବୋଷ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ପାରାଦୀପ ଗଲ୍ଫ କ୍ଲବର ଅକ୍ଷୟ ଚନ୍ଦ୍ର ସୂତାର ହ୍ୟାଣ୍ଡିକ୍ୟାପ୍ (୦-୧୦) ବର୍ଗରେ ଚମ୍ପିଅନ୍ ହୋଇଥିଲେ। ଭୁବନେଶ୍ୱର ଗଲ୍ଫ କ୍ଲବର ଡକ୍ଟର ଦେବଦର୍ଶୀ ରଥ ହ୍ୟାଣ୍ଡିକ୍ୟାପ୍ (୧୧-୧୯) ବର୍ଗରେ ଚମ୍ପିଅନ୍ ହୋଇଥିବା ବେଳେ ପାରାଦୀପ ଗଲ୍ଫ କ୍ଲବର ରଞ୍ଜିତ କୁମାର ବୋମାଲି ହ୍ୟାଣ୍ଡିକ୍ୟାପ୍ (୨୦-୨୪) ବର୍ଗରେ ଚମ୍ପିଅନ୍ ଟାଇଟଲ୍ ଜିତିଥିଲେ। ଭୁବନେଶ୍ୱର ଗଲ୍ଫ କ୍ଲବର ଶାଶ୍ୱତ ପଣ୍ଡା ଶ୍ରେଷ୍ଠ ଗ୍ରସ୍ ପୁରସ୍କାର ପାଇଥିଲେ। ପାରାଦୀପ ଗଲ୍ଫ କ୍ଲବର ସଭାପତି ସୁଶୀଲ ଚନ୍ଦ୍ର ନାହାକ, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠି, କ୍ୟାପଟେନ ଏ.ସି.ସୁତାର ଏବଂ ସମ୍ପାଦକ ମନୋଜ କୁମାର ମହନ୍ତ ସଫଳତାର ସହ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ଭାରତର ବିଭିନ୍ନ ସ୍ଥାନରୁ ୭ ଟି ପ୍ରମୁଖ ଗଲ୍ଫ କ୍ଲବର ୭୧ ଜଣ ଗଲ୍ଫ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ।

# କୁଜଙ୍ଗ ସମାଗୋଳ ଉପକାରାଗାରରେ ଆଧାତ୍ମିକ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ /କୁଜଙ୍ଗ, (ମହାଭାରତ) : କୁଜଙ୍ଗ ବ୍ଲକ ଅନ୍ତର୍ଗତ ସମାଗୋଳ ଉପକାରାଗାର ର ଅନ୍ତେବାସୀ ମାନଙ୍କୁ ସମାଜର ମୂଖ୍ୟ ସ୍ରୋତକୁ ଫେରାଇ ଆଣିବା ଉଦ୍ଦେଶ୍ୟରେ ଏକ ଆଧାତ୍ମିକ ସଚେତନତା କାର୍ଯ୍ୟକ୍ରମ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ତଥା ଜେଲର ନନ ଅଫିସିଆଲ୍ ଭିଜିଟର ସ୍ନେହମୟୀ ଆଚାର୍ଯ୍ୟ ଜେଲ ପରିସରରେ ବିଭିନ୍ନ ସମୟରେ ବିବିଧ କାର୍ଯକ୍ରମ କରିଆସୁଛନ୍ତି। ଆଜି ପବିତ୍ର ଜାଗର ପର୍ବର ସ୍ମରଣୀୟ ଦିବସ କୁ ଅଧିକ ସ୍ମରଣୀୟ କରିବା ପାଇଁ ସନ୍ଥ ଶ୍ରୁତି ସାଗରାନନ୍ଦ ସରସ୍ୱତୀ, ମାଳିକା ପ୍ରବଚକ ଦିବାକର ଦାସ ମହାରାଜ, ସାହିତ୍ୟ ଏକାଡେମୀ ପୁରସ୍କୃତ ତଥା ବଳିଷ୍ଠ ପ୍ରତିଭା କବି ପିତାମ୍ବର ତରାଇ, ବ୍ରହ୍ମ ଜଗନ୍ନାଥ ମିଶନର ପ୍ରତିଷ୍ଠାତା କ୍ୟାପଟେନ ଡ଼ଃ ସଞ୍ଜୀବ କୁମାର ମୁଦୁଲି, ବ୍ୟାସ ଫାଉଣ୍ଡେସନ ର ସଭାପତି ତଥା ଶିକ୍ଷକ ନେତା ଡ.ପଣ୍ଡିତ ସିଦ୍ଧେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜେଲ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ଅନେକ ତାତ୍ତ୍ୱିକ କଥା ସୁନ୍ଦର ସୁନ୍ଦର ଗପ ମାଧ୍ୟମରେ ଉପସ୍ଥାପିତ କରିଥିଲେ। ସମଗ୍ର କାର୍ଯକ୍ରମ କୁ ସ୍ନେହମୟୀ ଆଚାର୍ଯ୍ୟ ପରିଚାଳନା କରିଥିବା ବେଳେ, କାରାଗାର ର ଅଧକ୍ଷା ଦୀପ୍ତିମୟୀ ରାଉତ ସମସ୍ତ ସହଯୋଗ କରିବା ସହ ଏପରି କାର୍ଯ କ୍ରମକୁ ପ୍ରଶଂସା କରି ଏପରି କାର୍ଯକ୍ରମର ନିତ୍ୟାନ୍ତ ଆବଶ୍ୟକତା ରହିଛି ବୋଲି କହିଥିଲେ। ସନ୍ଥ ମାନେ ଜେଲର ସୁସ୍ଥ ପରିବେଶ ଓ ଅନ୍ତେବାସୀଙ୍କ ଶୃଙ୍ଖଳିତ ବ୍ୟବହାର ପାଇଁ ଜେଲ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ ଜେଲକୁ ସ୍ୱଧାର ଗୃହ ରୂପେ ତୁଳନା କରିଥିଲେ। ଅନ୍ତେବାସୀ ମାନେ ନିଜ ଭୁଲର ସୁଧାର ଓ ଏହାର ପୁନରାବୃତ୍ତି ନ ହେଉ ବୋଲି ସନ୍ଥ ମାନେ ପରାମର୍ଶ ଦେଇଥିଲେ ।

# ସମବାୟ ସମିତି ପରିଦର୍ଶନ କଲେ କେନ୍ଦ୍ରୀୟ କମିଟି

ବାଲିପାଟଣା, (ମହାଭାରତ): କେନ୍ଦ୍ର ସମବାୟ ବିଭାଗ ଯୁଗ୍ମ ସଚିବ ସିଦ୍ଧାର୍ଥ ଜୈନ ଓ କେନ୍ଦ୍ର ସମବାୟ ବିଭାଗ ନିର୍ଦ୍ଦେଶକ ମୁକେଶ କୁମାରଙ୍କ ନେତୃତ୍ୱରେ ଏକ କେନ୍ଦ୍ରୀୟ ଟିମ୍ ଆଜି ବାଲିପାଟଣା ବ୍ଲକ୍‌ର ୩ ସମବାୟ ସମିତି ପରିଦର୍ଶନ କରିଛନ୍ତି। ଗାରେଡ଼ିପାଞ୍ଚଣ ସେବା ସମବାୟ ସମିତିରେ ଚାଷୀମାନଙ୍କୁ ମିଳୁଥିବା ଋଣ,ସାର ବ୍ୟବସାୟ, ଧାନ ଓ ମୁଗ କ୍ରୟ ବାବଦରେ ବୁଝିଥିଲେ । ଆଉ କିଛି ନୂଆ ବ୍ୟବସାୟ କଲେ, ସମିତି ଆର୍ଥିକ ଦୃଷ୍ଟିକୋଣରୁ ସଶକ୍ତ ହେବ ବୋଲି ପରାମର୍ଶ ଦେଇଥିଲେ। ମଝିହରା ସମବାୟ ସମିତିରେ ଜନଔଷଧି କେନ୍ଦ୍ର, ଋଣ ଲଗାଣ ଓ ଆଦାୟ ଆଦି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଶେଷରେ ସରାଟ ସେବା ସମବାୟ ସମିତିରେ ପହଞ୍ଚି ଡ୍ରୋନ୍‌ରେ ଔଷଧ ସିଞ୍ଚନ, ହାର୍ଭେଷ୍ଟର ବ୍ୟବହାର, ଋଣ ଲଗାଣ ଆଦି ସମ୍ପର୍କରେ କଥା ହୋଇଥିଲେ ।ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାରଥୀ ଶତପଥୀ, ଓଡ଼ିଶା ସମବାୟ ନିବନ୍ଧକ ସିଦ୍ଧାର୍ଥ ଦାସ, ଆଡିସିନାଲ୍ ସେକ୍ରେଟାରି ରୋଜାଲିନ ସେନାପତି, ଉପନିବନ୍ଧକ ଅଳକାନନ୍ଦା ଜେନା, ସହକାରୀ ନିବନ୍ଧକ ପ୍ରିୟବ୍ରତ ପଣ୍ଡା, ଯୁଗ୍ମ ନିବନ୍ଧକ ବିଶ୍ୱପ୍ରକାଶ, ଡିଜିଏମ୍ ସନ୍ଦୀପ ପଟ୍ଟନାୟକ, କ୍ଷେତ୍ର ଅଧିକାରୀ ଦିବ୍ୟରଞ୍ଜନ ପ୍ରଧାନ, ସମବାୟ ସଭାପତି ଅଭିମନ୍ୟୁ ନାୟକ, ଭାରତ ଭୂଷଣ ମହାନ୍ତି, ଦୀପ୍ତିମାନ ପୃଷ୍ଟି, ସମ୍ପାଦକ ସୁଶୀଲ କୁମାର ପଣ୍ଡା, ପ୍ରଭୁପ୍ରସାଦ ଜେନା, ପ୍ରସନ୍ନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ପାରାଦୀପ ବନ୍ଦରର ରେକର୍ଡ : ତାପଜ କୋଇଲା ଖଲାସରେ ଛୁଇଁଲା ନୂତନ ଶିଖର

ପାରାଦୀପ, (ମହାଭାରତ) : ପଣ୍ୟ ପରିଚାଳନାରେ ପାରାଦୀପ ବନ୍ଦର ପ୍ରାଧିକରଣ ସର୍ବ ଭାରତୀୟ ସ୍ତରରେ ରେକର୍ଡ ଭାଙ୍ଗିବା ଧରା ଜାରି ରଖିଛି । ଏହି କ୍ରମରେ ଗୋଟିଏ ଦିନରେ ସର୍ବାଧିକ ତାପଜ କୋଇଲା ଖଲାସ କରି ପାରାଦୀପ ବନ୍ଦର ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି । ଚଳିତ ଫେବୃଆରୀ ୧୪ ତାରିଖରେ ସଫଳତାର ସହ ୪୭ଟି ରେକ୍ ଅନଲୋଡ୍ କରାଯାଇ ୪୧ଟି ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ (ବିଓବିଆରଏନ) ରେକ୍, ୬ଟି ବଗି ଓପନ୍ ହାଇ ସାଇଡେଡ୍ (ବିଓଏକ୍ସଏନ) ରେକ୍ ରୁ ତାପଜ କୋଇଲା ଖଲାସ କରାଯାଇଥିଲା। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସମସ୍ତ କର୍ମଚାରୀ ଓ ସହଯୋଗୀଙ୍କୁ ସେମାନଙ୍କ ଉତ୍ସର୍ଗତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ମାଇଲଖୁଣ୍ଟ କେବଳ ଏକ ସଂଖ୍ୟା ନୁହେଁ ବରଂ ବନ୍ଦରରେ ବର୍ତ୍ତମାନ ଥିବା ନିରନ୍ତର ପ୍ରୟାସ, ଯତ୍ନବାନ ଯୋଜନା ଏବଂ ଦୃଢ଼ କାର୍ଯ୍ୟକ୍ଷମ ଭିତ୍ତିଭୂମିର ଏକ ପ୍ରମାଣ। କାର୍ଯ୍ୟକ୍ଷମ ସମୟକୁ ଅନୁକୂଳତମ କରି ଏବଂ ପଣ୍ୟ ପରିଚାଳନା ପ୍ରକ୍ରିୟାକୁ ସୁଗମ କରି ପାରାଦୀପ ବନ୍ଦର ଭାରତର ଶକ୍ତି ଯୋଗାଣ ଶୃଙ୍ଖଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ କରିଚାଲିଛି।

# ଇଫକୋ ପକ୍ଷରୁ ଗୋ ସେବା କାର୍ଯ୍ୟକ୍ରମ



ପାରାଦ୍ୱୀପ, (ମହାଭାରତ) : ପବିତ୍ର ମହାଶିବରାତ୍ରି ଅବସରରେ ପାରାଦ୍ୱୀପ ଇଫକୋ ସାର କାରଖାନା ପକ୍ଷରୁ କୋ-ପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ ସହାୟତାରେ ଗୋ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପାରାଦ୍ୱୀପ ତାରେଣୀଗଡା ସ୍ଥିତ ମା ଶାରଳା ଗୋ-ସେବା ଆଶ୍ରମ ପରିସରରେ ଥିବା ୨୧୪ ଟି ଗୋ ମାତା ଓ ବୃଷବ ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନଙ୍କୁ ଔଷଧ ଓ ଟିକା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା, କୋ-ପରେଟିଭ ରୁରାଲ ଡେଭଲପମେଣ୍ଟ ଟ୍ରଷ୍ଟ ର ଅଧକ୍ଷ କୁଳମଣି ମାଝୀ, ମାଇକ୍ରୋ ବାୟୋଲୋଜିଷ୍ଟ ଅଫିସର ଅଭ୍ରୋ ଦେ , ମା ଶାରଳା ଗୋ ସେବା ଆଶ୍ରମ ର ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ, ପାରାଦ୍ୱୀପ ପଶୁ ସମ୍ପଦ ଅଧିକାରୀ ଡାକ୍ତର ନିରଞ୍ଜନ ବେହେରା, ବାବା ପ୍ରଶାନ୍ତ ଦାସ , ଗୋଶାଳା ଆଶ୍ରମ ର ସଦସ୍ୟ ଅରୁଣ କୁମାର ଓଝା ପ୍ରମୁଖ ଯୋଗଦେଇ ଗୋ ସେବା ର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ପଶୁ ସମ୍ପଦ ଅଧିକାରୀ ନିରଞ୍ଜନ ବେହେରା ଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଆଶ୍ରମ ପରିସରରେ ରହୁଥିବା ୨୧୪ ଟି ଗୋ ମାତା ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ଔଷଧ ଦେଇ ଚିକିତ୍ସା କରିଥିଲେ। ଏଠାରେ ସୂଚନାଯୋଗ୍ୟ, ପାରାଦ୍ୱୀପ ସ୍ଥିତ ମା ଶାରଳା ଗୋ ସେବା ଆଶ୍ରମ ଗତ ୧୦ ବର୍ଷ ହେଲା ପାରାଦ୍ୱୀପ, ଜଗତସିଂହପୁର ଓ କେନ୍ଦ୍ରାପଡା ଅଞ୍ଚଳରେ ଦୁର୍ଘଟଣାର ଶିକାର ହେଉଥିବା ଗୋ ମାତା ଓ ବୃଷବ ମାନଙ୍କୁ ଆଣି ଚିକିତ୍ସା କରିବା ସହିତ ସେମାନଙ୍କୁ ଆଶ୍ରମ ପରିସରରେ ରଖି ସେବା କରୁଛନ୍ତି। ଗତ ଜାନୁଆରୀ ମାସରେ ମହାନଦୀ ର ଏକ ଟାପୁ ରୁ ଭୋକ ଉପାସରେ ଥିବା ୬୯ ଟି ଗୋ ମାତା ଓ ଷଣ୍ଢ ଙ୍କୁ ଉଦ୍ଧାର କରି ଆଶ୍ରମ ପରିସରରେ ରଖି ସେମାନଙ୍କୁ ଚିକିତ୍ସା କରିବା ସହିତ ଖାଦ୍ୟ ଦେଇ ରଖାଯାଇଛି। ଗୋଶାଳାର ସଦସ୍ୟ ମାନଙ୍କ ଦ୍ୱାରା କରାଯାଉଥିବା ଏହି ମହତ କାର୍ଯ୍ୟକୁ ଇଫକୋ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଉଚ୍ଚ ପ୍ରଶଂସା କରିବା ସହିତ କଥା କହି ପାରୁନଥିବା ଗୋ ମାତା ଙ୍କ ସେବା ହିଁ ପ୍ରକୃତ ସେବା ବୋଲି କହିଥିଲେ । ଶାସ୍ତ୍ରିୟ ମତରେ ଗୋ ମାତା ଙ୍କ ଶରୀରରେ ସମସ୍ତ ଦେବା ଦେବୀ ବାସ କରନ୍ତି, ତେଣୁ ସେମାନଙ୍କ ସେବା ଦେବ ସେବା ବୋଲି ଶ୍ରୀ ବେଉରା ପ୍ରକାଶ କରିଥିଲେ। ସେହିପରି ଗୋଶାଳା ପ୍ରତି ଇଫକୋର ପ୍ରବନ୍ଧ ନିର୍ଦ୍ଦେଶକ କେ.ଜେ.ପଟେଲ ଓ ଇଫକୋ ୟୁନିଟ୍ ମୁଖ୍ୟ ପି.କେ.ମହାପାତ୍ର ଙ୍କ ସହଯୋଗ କୁ ଗୋଶାଳା ସମ୍ପାଦକ ମହନ୍ତ ମହାରାଜ ରମେଶ ଦାସ ପ୍ରଶଂସା କରିବା ସହିତ ଇଫକୋ କାରଖାନା ପ୍ରତ୍ୟେକ ଅସୁବିଧା ସମୟରେ ସହଯୋଗ ର ହାତ ବଢ଼ାଇ ଥିବାରୁ କୃତଜ୍ଞତା ଜଣାଇଥିଲେ।

# କବି ବୃନ୍ଦାବନ ସୁଆରଙ୍କ ଜୟନ୍ତୀ ପାଳିତ୍

ଗଜପତି, (ମହାଭାରତ) : ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଓଡ଼ିଆ ଭଣ୍ଡାରୀ ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ କବି ବୃନ୍ଦାବନ ସୁଆରଙ୍କ ୧୧୨ ତମ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଭୁବନେଶ୍ୱର ଓ ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ ପାରଳାଖେମୁଣ୍ଡିର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇ ଯାଇଛି। ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଗବେଷକ ଉପାନ୍ତ ପହରି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡକ୍ଟର କଲ୍ୟାଣି ମିଶ୍ର, ପ୍ରାବନ୍ଧିକ ହର ପ୍ରସାଦ ସୁଆର, ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା ମଙ୍ଗରାଜ ପ୍ରମୁଖ ମଞ୍ଚାସିନ ଥିଲେ ।ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଉପାନ୍ତ ପ୍ରହରୀ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମହା ଶିବରାତ୍ରି ବିଭିନ୍ନ ଶୈବ ପୀଠ ଚଳ ଚଞ୍ଚଳ

ଆସିକା (ମହାଭାରତ)ଫାଲଗୁନ ମାସ କୃଷ୍ଣ ପକ୍ଷ ଚତୃର୍ଦ୍ଦଶୀ ତିଥିରେ ଶିବରାତ୍ର ପାଳନ କରାଯାଇ ଥାଏ। ପବିତ୍ର ଶିବରାତ୍ର ଉପଲକ୍ଷେ ଆସିକାର ବିଭିଓ ଶୈବ ପୀଠ ରେ ଜାଗର ଅବସରରେ ଭକ୍ତ ଓ ଭଗବାନ ଙ୍କ ମହାମିଳନ ଦେଖିବାକୁ ମିଳିଛି । ଆଜି ଭୋର ସମୟରୁ ମନ୍ଦିର ଦ୍ୱାର ଫିଠା, ମଙ୍ଗଳଆରତୀ, ମଇଲମ, ଅବକାଶ,ବାଲ ଭୋଗ,ସ୍ୱତନ୍ତ୍ର ବେଶଅନୁଷ୍ଠିତ ହୋଇଥିଲା। ମୁନି ମାନଙ୍କ ଦ୍ୱାରା ଅଭିଷେକ, ମଜଣା ନୀତି, ପାର୍ଶ୍ ଦେବତା ପୂଜମ, ବିଲ୍‌ପତ୍ର ଅର୍ପଣ, ହୋମ, ଯଜ୍ଞ, ଆରତୀ, ପୁଷ୍ପାଞ୍ଜଳି, ଅନୁଷ୍ଠିତ ହୋଇଥିଲାୟ ସଂଧ୍ୟାରେ ଆରତୀ,ଉପଚାର ପୂଜା, ଅରଖ, ଦୁଦୁରା, ପଲାଶ,କେତକୀ ପୁଷ୍ପ ମନ୍ଦିର ର ପୂଜକ ମାନେ ମହାଦେବ ଙ୍କ ଠାରେ ଅର୍ପଣ କରୁଛନ୍ତି କ୍ଷ ବିଭିଓ ଶିବ ପୀଠ ରେ ନାମ ସଂକୀର୍ତନ, ଭଂଜନ, ପାଲା, ନାଟକ,ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନେକ ଭକ୍ତ ରୀତିରେ ଅଖଣ୍ଡ ଦୀପ ଜାଳି, ନିଜର ମନ ସ୍କାମନା ପୂର୍ଣ୍ଣ ସକାଶେ ଜାଗର ଦୀପ ଜାଳି ବସିଥାନ୍ତି. ଆସିକା ପୁଡୁଗେଶ୍ୱର ମନ୍ଦିର ଠାରେ ଏକ ଲକ୍ଷ ଆଠ ଦୀପ ଜାଳିବା ସହ ନାମଜଜ୍ଞ, ଘୃତ ଯଜ୍ଞ, ଅଓଯଜ୍ଞ ଅନୁଷ୍ଠିତ ହୋଇଥିଲା ବେଳେ, ସୁବର୍ନେଶ୍ର, ମୁକେ୍‌ତଶ୍ୱର, ତ୍ରିବିଧେଶ୍ୱର, ନୀଳକଣ୍ଠେଶ୍ର, ଚନ୍ଦ୍ରକଣ୍ଠେଶ୍ୱର, ନର୍ମଦେଶ୍ୱର, ବାଲୁଙ୍କେଶ୍ୱର ଆଦି ଶୈବ ପୀଠରେ ଶହ ଶହ ଭକ୍ତଙ୍କ ଆଗମନ ଦେଖିବାକୁ ମିଳିଥିଲା।

## ବାଲିପାଟଣାର ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା

ବାଲିପାଟଣା, (ମହାଭାରତ)ଜାଗର ଯାତ୍ରା ଭକ୍ତି, ଆସ୍ଥା , ଆଧାତ୍ମିକ ଓ ଶ୍ରଦ୍ଧାର ପ୍ରତୀକ। କିମ୍ବଦନ୍ତୀ ଅନୁସାରେ ଜଣେ ଶିକାରୀ ଜଙ୍ଗଲରେ ରାତିରେ ଗଛ ଉପରେ ବସି ଶିକାର ପାଇଁ ଅପେକ୍ଷା କରିଥିଲେ। ସେ ଅଜାଣତରେ ଗଛରୁ ବେଲପତ୍ର ତଳେ ପକାଇ ଦେଇଥିଲେ। ସେଇ ଗଛ ତଳେ ଥିଲା ଶିବଲିଙ୍ଗ।ସେ ରାତି ସାରା ଜଗି ରହିଲେ ଏବଂ ଅଜାଣତରେ ଶିବଙ୍କ ପୂଜା ହେଇଗଲା। ଭଗବାନ ଶିବ ତାଙ୍କ ଭକ୍ତିରେ ପ୍ରସନ୍ନ ହୋଇ ତାଙ୍କୁ ମୋକ୍ଷ ଦେଇଥିଲେ।ଏହି କଥା ଆଧାରରେ ବିଶ୍ୱାସ କରାଯାଏ ଯେ ଶିବରାତ୍ରିରେ ଉଜାଗର ରହି ପୂଜା କଲେ ସବୁ ଆଶା ଓ କାମନା ପୁଣ୍ୟ ଲାଭ ହୁଏ।ପବିତ୍ର ମହାଶିବରାତ୍ରି ଅବସରରେ ସମଗ୍ର ଓଡ଼ିଶାରେ ଶୈବ ପୀଠମାନଙ୍କରେ ଜାଗର ଯାତ୍ରା ଭକ୍ତି ଓ ଆଡମ୍ବର ସହ ପାଳିତ ହେଇଥିଲା। ଏହି ପରି ପକ୍ଷୀରେ ବାଲିପାଟଣା ର ବିଭିନ୍ନ ଶୈବ ପୀଠ ମାନଙ୍କ ରେ ମଧ ଜାଗର ଯାତ୍ରା ମହା ଆଡ଼ମ୍ବରରେ ଅନୁଷ୍ଠିତ ଯାଇଅଛି। ପ୍ରାତଃ ରୁ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ ଲାଗି ବୁଦ୍ଧନାଥ ମନ୍ଦୀର,ସ୍‌ପ୍ନେଶ୍ର ମନ୍ଦୀର, ବାଲୁଙ୍କେଶ୍ୱର ମନ୍ଦୀର,ମୁକ୍ତେଶ୍ୱେର, ନୀଳକଣ୍ଠଶ୍ର,ଗାଲେଶ୍ର ମନ୍ଦୀର ଆଦି ପ୍ରମୁଖ ଶୈବ ପୀଠରେ ହଜାର ହଜାର ସଂଖ୍ୟାରେ ଭକ୍ତ ଙ୍କ ଭିଡ ଦେଖିବାକୁ ମିଳିଥିଲା। ହର ହର ମହାଦେବ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଥିଲା।ମହାଦେବ ଙ୍କ ପୂଜା ଲାଗି ଭକ୍ତମାନେ ଶିବଲିଙ୍ଗରେ ବେଲପତ୍ର, ଫୁଲ,ଓ କ୍ଷୀର ଅର୍ପଣ କରିଥିଲେ।ସନ୍ଧ୍ୟା ସମୟରେ ମନ୍ଦିରଗୁଡ଼ିକ ରେ ଦୀପମାଳା ଓ ବିଭିଓ ଆଲୋକ ସଜାରେ ଅତ୍ୟନ୍ତ ଆକର୍ଷଣୀୟ ହେଇଥିଲା। ରାତିରେ ପାରମ୍ପରିକ ଜାଗର ପୂଜା,ରୁଦ୍ରାଭିଷେକ ଓ ବିଶେଷ ମହାଦୀପ ଉତ୍ସବ ଆୟୋଜିତ ହୋଇଥିଲା। ଏହି ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତ ମାନଙ୍କ ସୁଅ ଛୁଟି ଥିଲାୟ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ମଧ କରାଯାଇଥିଲା।ଭକ୍ତମାନଙ୍କ ସୁରକ୍ଷା ଦୃଷ୍ଟି ରୁ ପୋଲିସ ପ୍ରଶାସନ ପକ୍ଷରୁ ମଧ ବ୍ୟାପକ ବ୍ୟବସ୍ଥା କରଯାଇଥିଲା।

## ମହାଶିବରାତ୍ରୀ ପାଇଁ ଡଙ୍ଗାଯୋର ସହ ବିଭିନ୍ନ ଶୈବପିଠ ଚଳଚଞ୍ଚଳ



ଲାଞ୍ଜିଗଡ଼,(ମହାଭାରତ ):ବାବା ଭୋଳାନାଥ ଶିବଙ୍କର ମୁଖ୍ୟ ପର୍ବ ମହାଶିବରାତ୍ରୀ ପାଇଁ ଡଙ୍ଗାଯୋର ଶ୍ରୀ ଶ୍ରୀ ଶୈଳେଶ୍ୱର ଶୈବପୀଠ ଚଳଚଞ୍ଚଳ ହୋଇ ପଡ଼ିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବନ୍ଧପାରି ପଞ୍ଚାୟତ ସ୍ଥିତ ଡଙ୍ଗାଯୋର ବାମନଟିକ୍ରି ଶ୍ରୀ ଶ୍ରୀ ଶୈଳେଶ୍ୱର ଶୈବପୀଠରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମେତ ଲୋକଙ୍କ ମନୋରଞ୍ଜନ ପାଇଁ ଅଷ୍ଟପ୍ରହରୀ ଦୁଇଦିନ,ଡାନ୍ସ ପ୍ରତିଯୋଗିତା ଦୁଇଦିନ ଏବଂ ନାଟକ ତିନ ଦିନ ହେଉଥିବାବେଳେ ଶନିବାର ସହିତ ଚତୁର୍ଥ ସନ୍ଧ୍ୟାରେ ପହଞ୍ଚି ସାରିଛି। ଉକ୍ତ ଚତୁର୍ଥ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକ ମଞ୍ଚରେ ମୁଖ୍ୟ ଅତିଥିଭାବେ ଲାଞ୍ଜିଗଡ ବ୍ଲକ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଘଠନର ସଭାପତି ମୁଲୁ ମାଝୀ ଯୋଗଦେଇ ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥିଭାବେ କଂଗ୍ରେସ ପାର୍ଟି ଜୁନ-୨ର ସଭାପତି ରାଜେନ୍ଦ୍ର ନାଏକ,ଦଳୀୟ କର୍ମୀ କାର୍ତିକ ହରପାଲ ସମେତ ଆନ୍ୟନ୍ୟ କର୍ମକର୍ତ୍ତା ଯୋଗଦେଇଥିଲେ।ଏହିପରି ୧୬ ତାରିଖ ସୋମବାର ପର୍ଯ୍ୟନ୍ତ ନାଟକ ମଞ୍ଚସ୍ଥ କରିବାପରେ ମହାଶିବରାତ୍ରି ସମ୍ପଓ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।ଡଙ୍ଗାଯୋର ଶୈଳେଶ୍ୱର ଶୈବପିଠ ସହିତ ନିକଟସ୍ଥ ବନ୍ଧପାରି ଚ□ରାପଡ଼ା,କୁକେଲକୁବୁରି, ମଟକେରା,ବୋରିଗାଁ ସମେତ ଅନେକ ଶିବ ମନ୍ଦିରରେ ଗ୍ରାମବାସୀଙ୍କ ସହାୟତାରେ ରଙ୍ଗବେରଙ୍ଗ ଆଲୋକମାଳାରେ ସାଜସଜ୍ଜା କରାଯାଇଥିବା ସହ ଶ୍ରଦ୍ଧାଳୁ ମାନେ ଭିଡ଼ ଜମାଇ ଥିବାର ଦେଖିବାକୁ ମିଳିଛି।

# କ୍ଷୀରୋଦ ଜେନାଙ୍କୁ ପ୍ରାଇଡ୍ ଅଫ ଓଡ଼ିଶା ସମ୍ମାନ ପ୍ରଦାନ




ବାଲିଚନ୍ଦ୍ରପୁର,(ମହାଭାରତ) ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କଳାଶ୍ରୀ ଗ୍ରାମର ଅବସରପ୍ରାପ୍ତ ସୈନିକ କ୍ଷୀରୋଦ ଜେନାଙ୍କୁ ଅର୍ଗସ ନ୍ୟୁଜ୍ ଚ୍ୟାନେଲ ତରଫରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଶାର ମହାମହିମ ରାଜ୍ୟପାଳ ଶ୍ରୀଯୁକ୍ତ ହରିବାବୁ କମ୍ଭମପତି ପ୍ରାଇଡ୍ ଅଫ ଓଡ଼ିଶା ସମ୍ମାନରେ ସମ୍ମାନିତ କରିଛନ୍ତି। ଭାରତୀୟ ସେନାବାହିନୀରୁ ଅବସର ନେବା ପରେ ଶ୍ରୀ ଜେନା ପରିବେଶ ସୁରକ୍ଷା ପାଇଁ ପାଖାପାଖି ୧୦ ଗୋଟି ଗ୍ରାମ ପଂଚାୟତର ବିଭିନ୍ନ ରାସ୍ତା କଡ଼, ଟାଙ୍ଗରଭୂଇଁ ଓ ଲଣ୍ଡାପାହାଡ଼ରେ ୩୦ ହଜାର ରୁ ଉର୍ଦ୍ଧ ବିଭିନ୍ନ ଫଳ ଗଛ ଲଗାଇସାରିଛନ୍ତି। ଅନେକ ଗଛରେ ଏବେ ଫଳ ଫଳିଥିବା ଦେଖାଦେଇଛି। ଏଥିପାଇଁ ତାଙ୍କୁ ସ୍ଥାନୀୟ ଅ□ଳରେ ବିଭିନ୍ନ ଅନୁଷ୍ଠାନ ସମେତ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଗୃହମନ୍ତ୍ରୀ, ଚିଫ ଅଫ ଆର୍ମି ଙ୍କ ଠାରୁ ମଧ ସମ୍ମାନ ମିଳିଛି। ଫଳ ବୃକ୍ଷରୋପଣ ସମ୍ପର୍କରେ ମତାମତ ପ୍ରଦାନ କରି କ୍ଷୀରୋଦ କୁହନ୍ତି ଏହା ଦ୍ୱାରା ଗୋଟିଏ ଗୁଳିରେ ଦୁଇଟି ସୀକାର, ଏହା ପ୍ରକୃତିର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଫଳ ବୃକ୍ଷ ଉପରେ ନିର୍ଭକରି ବଂଚୁଥିବା ମାଙ୍କଡ଼ ଏବଂ ଅନ୍ୟ ପଶୁପକ୍ଷୀ ମାନଙ୍କୁ ଖାଦ୍ୟ ମିଳି ପାରିବ ଏହା ସହିତ ପାହାଡ଼ ପାଦଦେଶରେ ବସବାସ କରୁଥିବା ଜନଜାତିର ଲୋକମାନେ ବିଶେଷ ଉପକୃତ ହୋଇପାରିବେ। ବର୍ତ୍ତମାନ ସେ ପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ସଂଲଗ୍ନ ଅସିହା ପର୍ବତମାଳାର ଷୋଳ ପୁଅ ମାଆଙ୍କ ପାହାଡ଼ ପାଦଦେଶରେ ରହିଥିବା ଟାଙ୍ଗରଭୂଇଁରେ ହଜାର ହଜାର ସଂଖ୍ୟାରେ ବୃକ୍ଷରୋପଣ କରି ଏହାର ସବୁଜିମାକୁ ଫେରାଇଆଣିବା ସହିତ ପୀଠ ସାମଗ୍ରିକ ବିକାଶ ପାଇଁ ଲକ୍ଷ ରଖିଥିବା ବେଳେ ଏଥିପାଇଁ ତାଙ୍କୁ ସ୍ଥାନୀୟ ବିଧାୟକ ଅମର କୁମାର ନାୟ, ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସମାଜସେବୀ ଓ ଭାରତ ବିକାଶ ପରିଷଦ ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗର ହାତ ବଢାଇଛନ୍ତି। ଅନ୍ୟପକ୍ଷେ ବାୟୁ ପ୍ରଦ୍ୟୁଷଣ ଯୋଗୁ ଦୃତଗତିରେ ବଢୁଥିବା ବିଶ୍ୱତାପମାତ୍ରା ଓ ପାଣିପାଗ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏହାର ନିରାକରଣ ପାଇଁ ବୃକ୍ଷରୋପଣକୁ ବିକଳ୍ପ ଭାବେ ବାଛିନେଇଥିବା ପରିବେଶ ବିତ୍ କ୍ଷୀରୋଦ ଜେନାଙ୍କର ଏଭଳି ଉଲ୍ଲେଖନୀୟ ସମାଜସେବା ପାଇଁ ତାଙ୍କୁ ପ୍ରାଇଡ୍ ଅଫ ଓଡ଼ିଶା ସମ୍ମାନ ମିଳିବା ପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଛୁଟିଛି ଶୁଭେଚ୍ଛାର ସୁଅ।

## ମହାପ୍ରଭୁ ଙ୍କ ସନ୍ତୁଷ୍ଟି ପାଇଁ ଲୋକକଳା ପଦର୍ଶନ



ଅସ୍ତରଙ୍ଗ(ମହାଭାରତ) : ପବିତ୍ର ଶିବରାତ୍ର ଓ ଜାଗର, ଭାରତ ବର୍ଷ ରେ ପ୍ରତ୍ୟେକ ଶୈବପୀଠ ରେ ଆଜି ଚଳଚଞ୍ଚଳ ରହିଛି, ପ୍ରତ୍ୟେକ ଶୈବ ପିଠ ରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ, ପାଲା, ହରିନାମ ସଂକୀର୍ତ୍ତନ ଚାଲୁଥିବା ବେଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଦୀପା□ଳ ଦେବିନଦୀ ଅବବାହିକା ରେ ଅବସ୍ଥିତ ସାଧୁ ଗୋସେଇଁ ବାବା ଶୀଧେଶ୍ୱର ଶୈବ ପୀଠ ରେ ଜାଗର ରାତ୍ର ରେ ଦେଖିବାକୁ ମିଳିଥିଲା ଏକ ନିଆରା ଚିତ୍ର, ପ୍ରାଚୀ ଓ ଦେବୀ ନଦୀ ଅବବାହିକା ରେ ଅନେକ ଶୈବ ପୀଠ ରେ ଭିଓ ଭିଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ମହାପ୍ରଭୁ ଶୀଧେଶ୍ୱର ଙ୍କ ପୀଠ ରେ ସନ୍ଧ୍ୟା ଆଳତୀ ସମୟ ରେ ମହାପ୍ରଭୁ ଙ୍କ ସନ୍ତୁଷ୍ଟି ଲାଗି ରାଜ୍ୟ ର ଭିନ୍ନ ଭିନ୍ନ ଜିଲ୍ଲା ରୁ ଆସିଥିବା ଲୋକକଳା ଶିଳ୍ପୀ ମାନେ ଲୋକକଳା ପଦର୍ଶନ କରିଥିଲେ, ବିଶେଷ କରି କେଉଁଝର ଜିଲ୍ଲା ରୁ ଆସିଥିବା ସାନ୍ତାଳୀ ଲୋକକଳା, ବ୍ରହ୍ମପୁର ରୁ ଆସିଥିବା ଯୋଡି ଶଙ୍ଖ ମହୁରୀ, ଘଣ୍ଟ ପାଟୁଆ, ପାରାଦ୍ୱୀପ ରୁ ଆସିଥିବା ମହିଳା ସଂକୀର୍ତନ ମଣ୍ଡଳୀ ସହ ଭିଓ ଭିଓ ଲୋକକଳା ସମସ୍ତ ଙ୍କୁ ମନ୍ତ୍ର ମୁଗ୍ଧ କରିଥିଲା, ରାଜ୍ୟ ରେ ଲୁପ୍ତ ହେଉଥିବା ଲୋକକଳା କୁ ବଞ୍ଚେଇବା ସହ ସ୍ୱତନ୍ତ୍ର ଆଧାତ୍ମିକ ପରିବେଶ ସୃଷ୍ଟି କରିବାକୁ ଏଭଳି ଏକ ନିଆରା କାର୍ଯ୍ୟକ୍ରମ ର ଆୟୋଜିତ ହୋଇଥିଲା ବୋଲି ମନ୍ଦିର ପରିଚାଳନା କମିଟି ର ମୁଖ୍ୟ ମିଟୁ ସ୍ୱାଇଁ ପ୍ରତିକ୍ରିୟା ରଖିଥିଲେ, ସକାଳୁ ମହାପ୍ରଭୁ ଙ୍କ ଦ୍ୱାର ଫିଟା ଯାଇ ମଙ୍ଗଳ ଆରତୀ, ସ୍ନାନ ଅଭିଷେକ ଓ ମଧ୍ୟାହ୍ନ ରେ ଧୂପ ପରେ ସନ୍ଧ୍ୟା ଆଳତୀ ସମୟ ରେ ସ୍ଥାନୀୟ ଲୋକ ମନ୍ଦିର ପ୍ରାଙ୍ଗଣରେ ଦୀପ ଦାନ କରିଥିଲେ, ରାତ୍ର ୮ ଘଟିକା ରେ ମହାପ୍ରଭୁ ଙ୍କ ମହାଦୀପ ଉଠିଥିଲା, ଏହି ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ସ୍ଥାନୀୟ ପାଇଖଳା ଗ୍ରାମ ର ବିଶିଷ୍ଟ ସମାଜସେବୀ ସୁମନ୍ତ ସ୍ୱାଇଁ, ଦୀପାଞ୍ଚଳ ରେ ପ୍ରଥମ କରି ଏହିଭଳି ଲୋକ କଳା, ସଂସ୍କୃତି ଭିତିକ କାର୍ଯ୍ୟକ୍ରମ କୁ ଉପଭୋଗ କରିବା ସହ ମହାପ୍ରଭୁ ଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ।

## ମହା ଶିବରାତ୍ରୀ ପାଳିତ

ବିଷମ କଟକ (ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ପକ୍ଷତେଲେଶ୍ୱର୍ ଶିବ ମନ୍ଦିର ରେ ମହା ଶିବରାତ୍ରୀ ପାଳିତ ହୋଇଯାଇଛି । ଆଜି ମନ୍ଦିରରେ ଭୋର ରୁ ଭକ୍ତ ମାନକ ସମାବେଶ ଦେଖିବାକୁ ମିଳିଥିଲା । ନିୟମଗିରି ପାହାଡର କୁଳୁ କୁଳୁ ଝରଣା ଓ ଗଦଗଦା ଜଳ ପ୍ରପାତ ତଳେ ଥିବା ମହା ଶିବଲିଙ୍ଗ କୁ ଦେଖିବା ଓ ଦର୍ଶନ ପାଇଁ ଓଡିଶା ସହ ପଡୋଶୀ ରାଜ୍ୟ ଆନ୍ଧ୍ର ଓ ଛତିଶଗଡ଼ ରାଜ୍ୟର ବୋହୂ ଶ୍ରଦ୍ଧାଳୁ ମାନଙ୍କ ସମାଗମ ଦେଖିବାକୁ ମିଳିଥିଲା । ରାତ୍ରି ୧୨ ଟା ପରେ ମହା ଦୀପ ଉଠିବ ବୋଲି ମୁଖ୍ୟ ପୂଜକ କୋହିଛନ୍ତି । ମହା ଶିବରାତ୍ରୀ ଅବସରରେ ଭକ୍ତ ମାନଙ୍କ ପାଇଁ ମାଗଣା ପ୍ରାସାଦ ସେବନ ର ମଧ୍ୟ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲ। ସେହିପରି ବିଷମ କଟକ ପୁଲିସ ପକ୍ଷରୁ ଅପ୍ରୀତି କର ପରିସ୍ଥିତି ଏଡାଇ ବାକୁ ପୋଲିସ ମୁତୟନ ଥିଲେ । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଗାଡ଼ି ଷ୍ଟାଣ୍ଡ ସହ ଭକ୍ତ ମାନକ ପାଇଁ ଧାଡ଼ି ଦର୍ଶନ ର ବ୍ୟବସ୍ଥା କରିଥିଲେ । ପ୍ରାୟ ୩୦ ହାଜର ରୁ ଅଧିକ ଭକ୍ତ ସମାଗମ ଥିଲା । ୫ ଦିନ ଧରି ଏହି ଯାତ୍ରା ଚାଲିବ ବୋଲି କମିଟି ର ସଭାପତି ମହେନ୍ଦ୍ର ଚୌହାନ , ବଡ଼ ଗୌଡ଼, ରମେଶ ନାଲା , ଚତ୍ରଭୁଜ ଟାକ୍ରି ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ ।

## ଜିଲ୍ଲାସ୍ତରୀୟ ଦୁଇଦିନିଆ ସାମାଜିକ ସେବା ଶିବିର ଅନୁଷ୍ଠିତ



ଗଜପତି ଜିଲ୍ଲା ରାୟଗଡ ବ୍ଲକ ଅନ୍ତର୍ଗତ ମହେନ୍ଦ୍ରତନୟା ଆଶ୍ରମ ସ୍କୁଲ ଗ୍ରାମ ବିକାଶ କଇଁପୁର ଠାରେ ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଭକ୍ତମାନଙ୍କ ପାଇଁ ପ୍ରସାଦ ପ୍ରସ୍ତୁତି କରିବା ସହ ପ୍ରସିଦ୍ଧ ଶୈବପୀଠ ମହେନ୍ଦ୍ରଗିରି ପର୍ବତ ଶିଖରରେ ମିଠାଅର୍ଣ୍ଣ ବଣ୍ଟନ କରାଯାଇଥିଲା। ପ୍ରଭୁ ଯୁଧିଷ୍ଠିର ଓ ପର୍ଶୁରାମ ମନ୍ଦିର ପ୍ରାଙ୍ଗଣରେ ହଜାର ହଜାର ଭକ୍ତଙ୍କ ସମାଗମରେ ଅତି ଆନନ୍ଦର ସହ ଭକ୍ତ ମାନଙ୍କୁ ପ୍ରସାଦ ବଣ୍ଟନ କରିବାର ଅନୁଭୁତି ନିଆରା ଥିଲା। ଭକ୍ତ ମାନେ ଶୃଙ୍ଖଳା ର ସହିତ ଧାଡି ବାନ୍ଧି ଆସି ପ୍ରସାଦ ସେବନ କରି ନିଜକୁ ଧନ୍ୟମନେ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଶ୍ରୀ ସୁରେନ୍ଦ୍ର କୁମାର ପାତ୍ର ପରିଚାଳନା କରିବା ସହ ମହେନ୍ଦ୍ରତନୟା ଗ୍ରାମ ବିକାଶ ଆଶ୍ରମ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀ ପ୍ରକାଶ କୁମାର ଜେନାଙ୍କ ଓ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଶ୍ରୀ ସଂଜୀବ କୁମାର ଦାସ ସହଯୋଗରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଜୁନିଅର ରେଡ଼କ୍ରସର ପରାମର୍ଶଦାତା ଏବଂ ଭାରତ ସ୍କାଉଟ ଓ ଗାଇଡ଼ ର ସ୍କାଉଟମାଷ୍ଟର ଓ ଗାଇଡ଼ କ୍ୟାପଟେନ ନିରନ୍ତର ପରିଶ୍ରମ କରି ହଜାର ହଜାର ଭକ୍ତଙ୍କୁ ମିଠାଅର୍ଣ୍ଣ ବଣ୍ଟନ କରି ସ୍ଥାନୀୟ ଲୋକଙ୍କର ପ୍ରିୟପାତ୍ର ହୋଇପାରିଛନ୍ତି। ଜିଲ୍ଲା ଜୁନିଅର ରେଡକ୍ରସର ସମ୍ବଳ ସାଧନକର୍ମୀ ଶ୍ରୀ ମୁକ୍ତିକାନ୍ତ ମଲ୍ଲିକ୍, ଜିଲ୍ଲା ସମ୍ବଳ ସାଧନ କର୍ମୀ ଶ୍ରୀ ନୀତେଶ ଲେଙ୍କା ଏବଂ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ଼ ର ଗାଇଡ଼ କ୍ୟାପଟେନ ଦର୍ଶିତା ପଟ୍ଟନାୟକ, ସ୍କାଉଟ ମାଷ୍ଟର ପ୍ରକାଶ ଚନ୍ଦ୍ର ବର୍ଦ୍ଧନ, ସୁବ୍ରତ କୁମାର ନାୟକ, ଅମୀର କାର୍ଜୀ, ଅଭିମନ୍ୟୁ ଗମାଙ୍ଗ,ସନ୍ତୋଷ କୁମାର କଲ୍ୟାଣୀ,କେ. ବାସୁଦେବ ରେଡି ପ୍ରମୁଖ ଯୋଗଦାନ କରି ସେବା ଶିବର କୁ ସଫଳ କରିଥିଲେ। ପରିଶେଷରେ ଜିଲ୍ଲାର ବରିଷ୍ଠ ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସହଯୋଗ ଓ ସାହାଯ୍ୟର ହାତ ବଢ଼ାଇ ଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ଓ ଶିବିର ତରଫରୁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରାଯାଉଛି। ଶେଷରେ ମହାରାଜଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଓ ରେଡ଼କ୍ରସର ସ୍ୱେଚ୍ଛାସେବୀ ମାନେ ଯୋଗଦାନ କରି ଶିବିରକୁ ଆକର୍ଷିତ କରିବା ସହ ସଫଳ କରିଥିଲେ।

## ପୁତୁରା ମାଡ଼ରେ ପିଉସା ଲହୁ ଲୁହାଣ

ଆସିକା (ମହାଭାରତ)ଆସିକା ଥାନା କର୍ଣ୍ଣଳି ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା ପୁତୁରା ମାଡ଼ରେ ପିଉସା ହୋଇଛି ଲହୁ ଲୁହାଣ। ଏନେଇ ଆସିକା ଥାନାରେ ଅଭିଯୋଗ ଆସିକା ପୋଲିସ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଆସିକା ଥାନା ଅଧୀନ କର୍ଣ୍ଣଳି ଗ୍ରାମର ନିଜ ଶ୍ୱଶୁର ଘରକୁ ଗତ ୧୦ତାରିଖ ଦିନ ବିପିନ ବିଷୋୟୀ ଆସିଥିଲେ। ଉକ୍ତ ଦିନ ବିପିନ ବିଷୋୟୀ ଙ୍କ ଶାଳା ମଙ୍ଗୁଲୁ ସ୍ୱାଇଁ ନିଜ ବିଲକୁ ପାଣି ମଡ଼ାଇବା ପାଇଁ ସନ୍ଧ୍ୟା ୫.୩୦ ସମୟରେ ମଙ୍ଗୁଲୁ ସ୍ୱାଇଁ ଙ୍କ ଦାଦା ପୁଅ ଭାଇ କାର୍ତ୍ତିକ ସ୍ୱାଇଁ (୧୮) ମଦ ପିଇ ଉଭୟ ବିପିନ ଓ ମଙ୍ଗୁଲୁ କୁ ଗାଳି ଗୋଲାଜ କରିଥିଲା। ଉଭୟ ପାଟିତୁଣ୍ଡ ପରେ ଘଟଣା ସ୍ଥଳରୁ କାର୍ତ୍ତିକ ଫେରାର ହୋଇଯାଇଥିଲା। ପୁଣି ସନ୍ଧ୍ୟା ୮ଘ□ ସମୟରେ କାର୍ତ୍ତିକ ସ୍ୱାଇଁ ତାର ବାପା ତ୍ରିନାଥ ସ୍ୱାଇଁ (୪୨),ଦୁଃଖିଶ୍ୟାମ ଗୌଡ଼ ମିଶି ମଙ୍ଗୁଲୁ ସ୍ୱାଇଁ ଘରକୁ ଯାଇଥିଲେ ସେଠାରେ ଘର କବାଟ ପଡିଥିବାରୁ ଘରର କବାଟକୁ ଧକ୍କା ମାରି ଭାଙ୍ଗି ଘରେ ପଶି ମଙ୍ଗୁଲୁକୁ ଜୀବନରେ ମାରିଦେବା ଉଦେଶ୍ୟରେ କାର୍ତ୍ତିକ ଏକ କାଠ ଫାଳିଆ ରେ ମଙ୍ଗୁଲୁର ମୁଣ୍ଡ କୁ ଲକ୍ଷ କରି ମାଡ଼ ମାରିଥିଲା। ମଙ୍ଗୁଲୁ ହାତ ଦେଇ ଅଟକେଇ ବାରୁ ତାର ହାତରେ ଭୀଷଣ ମାଡ଼ ହୋଇଥିଲା। ଏହା ଦେଖି ବିପିନ ନିଜ ଶଳା ମଙ୍ଗୁଲୁ କୁ ବଞ୍ଚାଇବାକୁ ଆସିବାରୁ ତ୍ରିନାଥ ଏକ ଛୁରୀରେ ବିପିନ ର ମୁଣ୍ଡକୁ ଆଘାତ କରିଥିଲା ଫଳରେ ମୁଣ୍ଡ ଫାଟି ରକ୍ତ ବୋହିଥିଲା ସେ ଘଟଣା ସ୍ଥଳରେ ପଡ଼ି ଯାଇଥିଲା ପାଟିତୁଣ୍ଡ ଶୁଣି ପଡିଶା ଲୋକ ଆସିବାରୁ ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପରିବାର ଲୋକ ବିପିନ କୁ ଆସିକା ମେଡିକାଲ କୁ ଆଣି ଚିକିତ୍ସା କରାଇଥିଲେ। ଏନେଇ ବିପିନ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ପରେ ଆସିକା ପୋଲିସର ଏସ ଆଇ ଏଲିସ୍ମିତା ଜେନା ଘଟଣାର ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ବଢୁଛି ଲାଖଯୁକ୍ତ ଶଙ୍ଖା ଚୁଡ଼ିର ଆଦର

କଟକ,: ପ୍ରାଚୀନ ସିନ୍ଧୁ ସଭ୍ୟତାରୁ ଆରମ୍ଭ କରି ଆଧୁନିକ ଭାରତୀୟ ସଭ୍ୟତା ପର୍ଯ୍ୟନ୍ତ ନାରୀର ଆଭୂଷଣ ଭାବେ ଶଂଖା ଓ ଚୂଡ଼ିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଭାରତୀୟ ନାରୀ ଶଂଖାକୁ ଅତି ଆଦରର ସହିତ ପରିଧାନ କରିଥାନ୍ତି। ପାରମ୍ପାରିକ ତଥା ଆଧୁନିକ ଚୂଡ଼ି, ଶଂଖା ଓ କଡ଼ାର ଆଦର ଆମ ରାଜ୍ୟର ନାରୀମାନଙ୍କ ମଧ୍ୟରେ ବିଶେଷ ଭାବେ ପରିଲକ୍ଷିତ ହୋଇଥାଏ । ଏହାଛଡ଼ା ମଧ ରାଜସ୍ଥାନୀ ଶଂଖା ଓ ଚୂଡ଼ିର ବ୍ୟବହାର ରାଜ୍ୟରେ ବହୁଳ ଭାବରେ ଦେଖାଯାଇଥାଏ। ସୁଦୂର ରାଜସ୍ଥାନରୁ ଆସିଥିବା ଶଂଖାରୀମାନେ ବହୁବର୍ଷ ଧରି କଟକରେ ଲାଖ ପ୍ରଲେପଯୁକ୍ତ ଶଂଖା ପ୍ରସ୍ତୁତ କରିଥାନ୍ତି, ଯାହାର ରାଜ୍ୟରେ ବେଶ ଚାହିଦା ରହିଛି । ସ୍ଥାନୀୟ ବାଙ୍କାବଜାର ଅଂଚଳରେ କିଛି କାରିଗର ରାଜସ୍ଥାନୀ ଲାଖଯୁକ୍ତ ଶଂଖା ଓ ଚୂଡ଼ି ପ୍ରସ୍ତୁତ କରିଥାନ୍ତି । ଏମାନଙ୍କ ପୂର୍ବପୁରୁଷ ରାଜସ୍ଥାନରୁ ଆସି ଏଠାରେ ଶଂଖା ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ବିଭିନ୍ନ କିସମର ରଂଗ ବେରଂଗ ଶଂଖାରେ ଲାଖର ପ୍ରଲେପ ଦେଇ ଆକର୍ଷଣ କରିବା ସହିତ ଏହାର ବିକ୍ରୟ କରିବା ହେଉଛି ସେମାନଙ୍କର ପୈତୃକ ପେଷା ବୋଲି ଶଂଖା ତିଆରି କାରିଗର ସାଦିକ ମନିହାର କହିଛନ୍ତି । ପିଢ଼ି ପରେ ପିଢ଼ି ଏହା ସେମାନଙ୍କର କୌଳିକ ବୃତ୍ତି । ଲାଖଯୁକ୍ତ ଶଂଖା, ସୁନା ଅଂଳକାରରେ ଲାଖ ଫିଲିଂ, ବିବାହ ଶଂଖା ଗଢ଼ିବା ଏମାନଙ୍କର ଦୈନନ୍ଦିନ ଜୀବିକା । ଏଥିପାଇଁ ସେମାନେ ପ୍ରତ୍ୟେହ ୧୨ଘଣ୍ଟା ପରିଶ୍ରମ କରିଥାନ୍ତି । ଏହାଛଡ଼ା ସହରର ଚୂନଭାଟି ଅଚଳରେ ମଧ କିଛି କାରିଗର ରାଜସ୍ଥାନୀ ଶଂଖା ତିଆରିକୁ କୌଳିକ ବୃତ୍ତି ଭାବେ ଗ୍ରହଣ କରି ପରିବାର ପ୍ରତିପୋଷଣ କରୁଛନ୍ତି । ପୂର୍ବେ ଓଡ଼ିଶାରେ ରାଜସ୍ଥାନୀ ଶଂଖାକୁ "ମାଟି ଶଂଖା" କୁହାଯାଉଥିଲା ବୋଲି



ଶଂଖା କାରିଗର ଦୌଲତ ବିବି କହିଛନ୍ତି। ବୃକ୍ଷରୁ ସଂଗୃହୀତ ହେଉଥିବା ଲାଖକୁ ସୋଧନ କରି ଏଥିରେ ରଂଗ ମିଶ୍ରଣ କରାଯାଇ ପାଗ ପ୍ରସ୍ତୁତ କରାଯାଇଥାଏ। ଉକ୍ତ ପାଗକୁ କାଠିରେ ଲଗାଇ ନିଆଁ ଭାଟିରେ ଗରମ କରାଯାଏ। ବିଭିନ୍ନ ପ୍ରକାରର ରଂଗ ବେରଂଗର ଶଂଖାରେ ଏହି ପ୍ରଲେପକୁ ମିଶ୍ରଣ କରାଯାଇ ଆକର୍ଷଣୀୟ କରାଯାଇଥାଏ। ଶଂଖାକୁ ମନଲୋଭା କରିବା ପାଇଁ ଏଥିରେ ଷ୍ଟୋନ ବସାଯାଇଥାଏ। ଲାଖଶଂଖାର ଯୋଡ଼ି ୧୦୦ଟଙ୍କାରୁ ଆରମ୍ଭ କରି ୧୦୦୦ଟଙ୍କା ପର୍ଯ୍ୟନ୍ତ ରହିଛି । ଏଥିରେ ବସାଯାଉଥିବା ସାଧାରଣ ଷ୍ଟୋନର ଦାମ ୧୦୦ରୁ ୨୦୦ ଟଙ୍କା ମଧ୍ୟରେ ହୋଇଥିବାବେଳେ ଉନ୍ନତମାନର ଷ୍ଟୋନର ଦାମ ୫୦୦ ଟଙ୍କାରୁ ୧୦୦୦ଟଙ୍କା ମଧ୍ୟରେ ରହିଛି । ରାଜ୍ୟରେ ବିଶେଷ କରି ରଜ, ସାବିତ୍ରୀ, ବିବାହ ବ୍ରତ ଏବଂ ଅନ୍ୟାନ୍ୟ ପାର୍ବଣ ଋତୁରେ ଏହି ଶଂଖାର ଅଧିକ ଚାହିଦା ରହିଥାଏ । ବିବାହିତ ମହିଳା ଓ ଯୁବପିଢ଼ିର ଝିଅମାନେ ଏହି ଶଂଖାକୁ ପିନ୍ଧିବାକୁ ବେଶ ପସନ୍ଦ କରିଥାନ୍ତି । ସେହିପରି ଟେଲିଭିଜନ ଧାରାବାହିକର ଅଭିନେତ୍ରୀମାନେ ରାଜସ୍ଥାନୀ ଶଂଖାକୁ ତାଙ୍କ ଚରିତ୍ରରେ ପରିଧାନ ମଧ କରିଥାନ୍ତି । ସଂପ୍ରତି ଏହି କୁଟୀର ଶିଳ୍ପରେ ବହୁ ସମସ୍ୟା ଦେଖାଦେଇଛି । ଆବଶ୍ୟକ ପରିମାଣର କଞ୍ଚା ମାଲ ଓଡ଼ିଶାରେ ଉପଲବ୍ଧ ହେଉନାହିଁ । ପଶ୍ଚିମବଂଗରୁ ଲାଖ, ଫିରୋଜାବାଦରୁ କାଚ, କୋଲକତା ଓ ମୁମ୍ବାଇରୁ ପଥର ସଂଗ୍ରହ କରାଯାଇଥାଏ। ଏହି କଞ୍ଚାମାଲର ଅଭାବ ସାଂଗକୁ ରାଜ୍ୟରେ ଶଂଖାର ବିକ୍ରୟ ପାଇଁ ମଧ ବଜାରର ଅଭାବ ରହିଛି ବୋଲି ବହୁ ଶଂଖା କାରିଗରମାନେ କହିଛନ୍ତି। ରାଜ୍ୟରେ ଏହି କୁଟୀର ଶିଳ୍ପ ସମ୍ବନ୍ଧରେ ଜ୍ଞାନ ଥିବା କାରିଗରଙ୍କ ସଂଖ୍ୟା ବହୁ ନଗଣ୍ୟ । ପରିବାରର ଯୁବପିଢ଼ି ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ଏହି କୌଳିକ ବୃତ୍ତିକୁ ଶିକ୍ଷା ଭାବେ ଗ୍ରହଣ କରିଥାନ୍ତି ମାତ୍ର ଆଜିର ଯୁବପିଢ଼ି ନିଆଁ ଭାଟି ସମ୍ମୁଖରେ ୧୨ଘଣ୍ଟା ବସିବା ସହିତ ଏହି ଶଂଖା ବ୍ୟବସାୟରୁ ସ୍ୱଳ୍ପ ଆୟ ହେଉଥିବାରୁ ଏହାକୁ ଆଉ ଜୀବିକା ଭାବେ ନିର୍ବାହ କରିବାକୁ ପସନ୍ଦ କରୁନାହାନ୍ତି । ରାଜ୍ୟ ସରକାର କଞ୍ଚାମାଲର ସୁବନ୍ଦୋବସ୍ତ କରିବା, ପ୍ରଶିକ୍ଷଣ ବିଦ୍ୟାଳୟ ଖୋଲିବା, ବିକ୍ରୟ ପାଇଁ ବଜାର ସୃଷ୍ଟି କରିବା, ମେଳାରେ କାରିଗରମାନଙ୍କୁ ପ୍ରାଧାନ୍ୟ ଦେବା ଓ କଳା ପ୍ରତି ଜନ ସଚେତନତା ସୃଷ୍ଟି କରିପାରିଲେ, କ୍ରମଶଃ ଲୁପ୍ତ ହୋଇ ଯାଉଥିବା ଏହି କୁଟୀର ଶିଳ୍ପର ଭବିଷ୍ୟତ ଉଜ୍ଜ୍ୱଳମୟ ହୋଇପାରିବ ବୋଲି ଶଂଖା କାରିଗରମାନେ ମତ ପ୍ରକାଶ କରିଛନ୍ତି ।

## ଏଲିଅନ ଅଛନ୍ତି, କିନ୍ତୁ କେଉଁଠି କହିହେବନି: ବାରାକ ଓବାମା



ଆମେରିକା : ପୂର୍ବତନ ଆମେରିକା ରାଷ୍ଟ୍ରପତି ବାରାକ ଓବାମା ପୁଣି ଥରେ ଏଲିଏନ୍ ବିଷୟରେ କହିଛନ୍ତି । ପୃଥିବୀ ବାହାରେ ବ୍ରହ୍ମାଣ୍ଡରେ ଜୀବନର ସମ୍ଭାବନାକୁ ଅସ୍ୱୀକାର କରାଯାଇପାରିବ ନାହିଁ । ଆମେରିକା ସରକାର ନେଭାଡାର ସାମରିକ ଘାଟି ଏରିଆ ୫୧ ରେ ଗୁପ୍ତ ଭାବରେ ଏଲିଏନମାନଙ୍କୁ ଲୁଚାଇ ରଖିଛନ୍ତି ବୋଲି କରାଯାଉଥିବା ଦାବିକୁ ସେ ଖଣ୍ଡନ କରିଛନ୍ତି ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମା ଏକ ପୋଡକାଷ୍ଟ ସାକ୍ଷାତକାରରେ ଏଲିଅନ୍ ବା ଅନ୍ୟ ଗ୍ରହର ଜୀବଙ୍କୁ ନେଇ ଏକ ବଡ଼ ବୟାନ ଦେଇଛନ୍ତି । ଓବାମା ହସି ହସି କହିଛନ୍ତି ଯେ, ଏଲିଅନ୍ ଅଛନ୍ତି, କିନ୍ତୁ ସେ ସେମାନଙ୍କୁ କେବେ ଦେଖିନାହାନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ଆମେରିକା ସରକାର ନିଜର ଗୁପ୍ତ ଆଡ୍ଡା 'ଏରିଆ ୫୧'ରେ କୌଣସି ଏଲିୟନ୍ କୁ ଲୁଚାଇ ରଖିନାହାନ୍ତି । ସେ ମଜାରେ କହିଥିଲେ, "ଯଦି ସେମାନେ କିଛି ଲୁଚାଇଥାନ୍ତେ, ତେବେ ପୂର୍ବତନ ରାଷ୍ଟ୍ରପତି ଭାବେ ମୁଁ ନିଶ୍ଚୟ ଜାଣିଥାନ୍ତି । ବିଶାଳ ବ୍ରହ୍ମାଣ୍ଡରେ ଅନ୍ୟ କେଉଁଠି ଜୀବନ ଥାଇପାରେ, କିନ୍ତୁ ପୃଥିବୀରେ ସେମାନେ ଓହ୍ଲାଇଥିବାର କୌଣସି ପ୍ରମାଣ ନାହିଁ । ଓବାମାଙ୍କର ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି ।

# ପ୍ରତିବନ୍ଧକ ହଟାଅ, ଆମେ କରିବୁ ପରମାଣୁ ଚୁକ୍ତି

ତେହେରାନ: ଆମେରିକା-ଇରାନ ଉତ୍ତେଜନା ବୃଦ୍ଧି ପାଇବା ମଧ୍ୟରେ, ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଚୁକ୍ତି ପରିବର୍ତ୍ତେ ଏକ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ଖବର ସାମ୍ନାକୁ ଆସିଛି । ଇରାନର ଉପ-ବୈଦେଶିକ ମନ୍ତ୍ରୀ ମଜିଦ ତଖ୍ତ ରାଭାଞ୍ଚି ଆମେରିକା ସମ୍ମୁଖରେ ଏକ ସର୍ତ୍ତ ରଖିଛନ୍ତି । ସେ କହିଛନ୍ତି ଯେ, ଯଦି ଆମେରିକା ପ୍ରତିବନ୍ଧକ ହଟାଇବ ତେବେ ଆମେ ଆଲୋଚନା କରିବାକୁ ଇଚ୍ଛୁକ । ଏହାପରେ ଇରାନ ପରମାଣୁ ଚୁକ୍ତି ନେଇ କିଛି ବୁଝାମଣା କରିବା ଉପରେ ବିଚାର କରିପାରେ । ମାଜିଦ ତଖ୍ତ ରାଭାଞ୍ଚି ଗଣମାଧ୍ୟମକୁ କହିଛନ୍ତି, ବଲ୍ ଏବେ ଆମେରିକାର କୋର୍ଟରେ ଅଛି । ଯଦି ଆମେରିକା ଆନ୍ତରିକତା ଦେଖାଏ, ତେବେ ଚୁକ୍ତିର ପଥ ଖୋଲିପାରିବ । ଏହି ସମୟରେ, ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଇରାନକୁ କେବେ ବି ପରମାଣୁ ଅସ୍ତ୍ରଶସ୍ତ୍ର ହାସଲ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ । ସେ କହିଛନ୍ତି ଯେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ବି ଏକ କୂଟନୈତିକ ସମାଧାନ ଖୋଜୁଛନ୍ତି, କିନ୍ତୁ ପରମାଣୁ ଅସ୍ତ୍ରଶସ୍ତ୍ର ଥିବା ଇରାନ ଆଞ୍ଚଳିକ ତଥା ବିଶ୍ୱ ସୁରକ୍ଷା ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରିବ । ରୁବିଓଙ୍କ ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଆମେରିକା ମଧ୍ୟପ୍ରାଚ୍ୟରେ ନିଜର ସାମରିକ ଉପସ୍ଥିତି ବୃଦ୍ଧି କରୁଛି । ରିପୋର୍ଟ ଅନୁଯାୟୀ ଏହି ଅଞ୍ଚଳରେ ଆଉ ଏକ ଆମେରିକୀୟ ବିମାନ ବାହକ ମୁତୟନ କରାଯାଉଛି ।

ଓମାନରେ ଅନୁଷ୍ଠିତ ଏହି ବୈଠକରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଓ ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ୱିଟକଫ ଯୋଗ ଦେଇଥିଲେ । ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନର ମଧ୍ୟ ଏହି ପ୍ରକ୍ରିୟାର ଅଂଶ ଥିଲେ । ତଥାପି, ଆଲୋଚନା ଆନୁଷ୍ଠାନିକ ଭାବରେ ପରୋକ୍ଷ ଥିଲା । ଓମାନ ବୈଠକରେ, ଇରାନ କହିଥିଲେ ଯେ, ଆଲୋଚନାର ପରିସର କେବଳ ପରମାଣୁ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସୀମିତ । ଆରାଘଚି ସ୍ପଷ୍ଟ କରିଥିଲେ, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର, ଆଞ୍ଚଳିକ ବ୍ଲକ କିମ୍ବା ଘରୋଇ ରାଜନୀତି ଉପରେ କୌଣସି ଆଲୋଚନା ହୋଇନାହିଁ । ଆର୍ଥିକ ପ୍ରତିବନ୍ଧକ ହଟାଇ ଦିଆଗଲେ ଇରାନ ଏହାର ପରମାଣୁ ସମୃଦ୍ଧି କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ରଖିବ ବୋଲି ମଧ୍ୟ ଗ୍ୟାରେଣ୍ଟି ଦେବାକୁ ପ୍ରସ୍ତାବ ଦେଇଛି । ଏହାକୁ ୬୦ ପ୍ରତିଶତ ହ୍ରାସ କରିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରିଛି । ୟୁରାନିୟମ ସମୃଦ୍ଧିକୁ ନେଇ ଇରାନ ଓ ଆମେରିକା ମଧ୍ୟରେ ବିବାଦ ଜାରି ରହିଛି । ଇରାନ ଏହାକୁ ନିଜର ଅଧିକାର ବୋଲି କହୁଛି । ଯେତେବେଳେ ଆମେରିକା ତଥା ଏହାର ସହଯୋଗୀମାନେ ଏହାକୁ ପରମାଣୁ ଅସ୍ତ୍ରଶସ୍ତ୍ର ଆଡକୁ ଏକ ପଦକ୍ଷେପ ବୋଲି ବିବେଚନା କରୁଛନ୍ତି । ଆଲୋଚନାର ଗୋଟିଏ ଦିନ ପରେ, ଆରାଘଚି ପୁଣି ଥରେ କହିଥିଲେ, ଇରାନ ୟୁରାନିୟମ ସମୃଦ୍ଧିକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିବାକୁ ପ୍ରସ୍ତୁତ ନୁହେଁ ।

ଜୁଲାଇ ୨୦୧୫ରେ ମିଳିତ ବ୍ୟାପକ କାର୍ଯ୍ୟ ଯୋଜନା ଅଧୀନରେ ଇରାନ ପରମାଣୁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ, ଇରାନ ୟୁରାନିୟମ ସମୃଦ୍ଧିକୁ ୩.୬୭ ପ୍ରତିଶତ ପର୍ଯ୍ୟନ୍ତ ସୀମିତ କରିବାକୁ ଏବଂ ଏହାର ଭଣ୍ଡାରକୁ ୩୦୦ କିଲୋଗ୍ରାମକୁ ହ୍ରାସ କରିବାକୁ ରାଜି ହୋଇଥିଲା । କିନ୍ତୁ, ୨୦୧୮ରେ ଆମେରିକା ଚୁକ୍ତିରୁ ଓହରି ଯିବା ପରେ ଏହି ବ୍ୟବସ୍ଥା ଭାଙ୍ଗି ଯାଇଥିଲା । ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଓ ଇରାନ ମଧ୍ୟରେ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ମଙ୍ଗଳବାର ଫେବ୍ରୁଆରି ୧୭ରେ ସ୍ୱିଜରଲାଣ୍ଡର ଜେନେଭାରେ ହେବାର ଆଶା କରାଯାଉଛି । ଆମେରିକାର ସ୍ୱତନ୍ତ୍ର ଦୂତ ଷ୍ଟିଭ ୱିଟକଫ ଏବଂ ଜାରେଡ କୁଶନର ଅଂଶଗ୍ରହଣ କରିବାର ଆଶା କରାଯାଉଛି । ଏହି ସମୟରେ, ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ, ଇରାନ ସହିତ ଏକ ଚୁକ୍ତି ଜରୁରୀ, ନଚେତ୍ ପରିସ୍ଥିତି ବହୁତ ଗମ୍ଭୀର ହୋଇପାରେ ।

## ବେଙ୍ଗାଲୁରୁରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ବସକୁ ପିଟିଲା ଟ୍ରକ, ୫ ମୃତ

ବେଙ୍ଗାଲୁରୁ : ବେଙ୍ଗାଲୁରୁର ଜିନ୍ଦର ଫ୍ଲାଏଓଭର ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଚାଲିଯାଇଥିବା ଜଣାପଡିଛି । ଏକ ଦ୍ରୁତଗତିରେ ଆସୁଥିବା କାର୍ ଅନିୟନ୍ତ୍ରିତ ହୋଇ ରୋଡ୍ ଡିଭାଇଡର ସହିତ ଧକ୍କା ହୋଇ ସାମ୍ନାରୁ ଆସୁଥିବା କର୍ଣ୍ଣାଟକ ଷ୍ଟେଟ ରୋଡ ଟ୍ରାନ୍ସପୋର୍ଟ କର୍ପୋରେସନ ବସ୍ ସହିତ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ଘଟଣା ସ୍ଥଳରେ ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ପୋଲିସ କହିବା ମୁତାବକ, ବସରେ ମୋଟ୍ ୪୦ ଜଣ ଯାତ୍ରୀ ଥିଲେ, କିନ୍ତୁ କାର ଜୋରଦାର ଧକ୍କା ହେବାରୁ ଏଥିରେ ଥିବା ୫ ଜଣଙ୍କ ଜୀବନ ଚାଲିଯାଇଛି । ବସରେ ଥିବା ଅନେକ ଯାତ୍ରୀଙ୍କୁ ଆଘାତ ଲାଗିଛି । ମୃତକଙ୍କ ପରିଚୟ ଏଯାଏଁ ମିଳିନାହିଁ । ପ୍ରାଥମିକ ତଦନ୍ତରୁ ଜଣାପଡିଛି କି, ଗାଡ଼ିଟି ନିୟନ୍ତ୍ରଣ ହରାଇ ଧକ୍କା ହୋଇଥିବା ଜଣାପଡିଛି । ଆହତଙ୍କୁ ଚିକିତ୍ସା ଚାଲିଛି । ବେଙ୍ଗାଲୁରୁ ପୋଲିସ ଏବଂ ଜରୁରୀକାଳୀନ ସେବା ପହଞ୍ଚି ଆହତଙ୍କୁ ନକଟସ୍ଥ ହସପିଟାଲରେ ଭର୍ତ୍ତି କରିଛି । ମୃତ ଦେହ ବ୍ୟବଚ୍ଛେଦ କରାଯାଉଛି । ସୂଚନା ମିଳିବା ପରେ ପରିବାର ଲୋକ ଜଣାଇଦିଆଯିବ ।

## ବିଏନପିର ବିଜୟ ପରେ ତାରିକ ରହମାନଙ୍କୁ ଫୁଲ ଏବଂ ମିଠା ପଠାଇଲେ ମମତା ବାନାର୍ଜୀ, ଜଣାଇଲେ ଶୁଭେଚ୍ଛା



ଢାକା : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବାଂଲାଦେଶର ସାଧାରଣ ନିର୍ବାଚନରେ ବିଜୟୀ ହେବା ପରେ ତାରିକ ରହମାନଙ୍କୁ ଫୁଲ ଏବଂ ମିଠା ପଠାଇଛନ୍ତି । ତାରିକ ରହମାନ୍ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ନେତା ଏବଂ ତାଙ୍କ ଦଳ ସାମ୍ପ୍ରତିକ ନିର୍ବାଚନରେ ବହୁମତ ହାସଲ କରିଛି । ଢାକାର ଗୁଲସନ ଅଞ୍ଚଳରେ ଥିବା ଦଳର ସଭାପତିଙ୍କ ରାଜନୈତିକ କାର୍ଯ୍ୟାଳୟରେ ବିଏନପି ମିଡିଆ ସେଲ୍ ସଦସ୍ୟ ଅତିକୁର ରହମାନ ରୁମାନ୍ ଉପହାର ଗ୍ରହଣ କରିଛନ୍ତି । ଏହାପୂର୍ବରୁ ମମତା ବାନାର୍ଜୀ ବାଂଲାଦେଶର ଜନସାଧାରଣ ଏବଂ 'ତାରିକ ଭାଇ'ଙ୍କୁ ଅଭିନନ୍ଦନ ଜଣାଇଥିଲେ । ସେ ରମଜାନ ପୂର୍ବରୁ ପଡ଼ୋଶୀ ଦେଶକୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ । ମମତା ବାନାର୍ଜୀ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ, ସେ ବାଂଲାଦେଶର ସମସ୍ତ ଭାଇଭଉଣୀ ମାନଙ୍କୁ ଆଗୁଆ ରମଜାନର ଶୁଭେଚ୍ଛା ଜଣାଇଛନ୍ତି । ସେ ତାରିକ ରହମାନ, ତାଙ୍କ ଦଳ ଏବଂ ଅନ୍ୟାନ୍ୟ ଦଳଗୁଡ଼ିକୁ ବିଜୟ ପାଇଁ ଅଭିନନ୍ଦନ ଜଣାଇଛନ୍ତି । ମମତା ବାନାର୍ଜୀ ମଧ୍ୟ ଭାରତ ଏବଂ ବାଂଲାଦେଶ ମଧ୍ୟରେ ସମ୍ପର୍କକୁ ନେଇ ଆଶା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ସମ୍ପର୍କ ସର୍ବଦା ଭଲ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିବା ଉଚିତ ।

ପୂର୍ବ ପ୍ରଧାନମନ୍ତ୍ରୀ ଶେଖ ହସିନା ପଦରୁ ହଟିବା ପରେ ରାଜନୈତିକ ସ୍ଥିତିରେ ପରିବର୍ତ୍ତନ ହୋଇଛି । ଆଉ କିଛି ମାସ ମଧ୍ୟରେ ବାଂଲାଦେଶରେ ଅଳ୍ପସଂଖ୍ୟକ ହିନ୍ଦୁଙ୍କ ବିରୋଧରେ ହିଂସା ଘଟଣାକୁ ନେଇ ଚିନ୍ତା ଦେଖାଦେଇଛି । ଖବର ଅନୁସାରେ, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାରିକ ରହମାନଙ୍କୁ ଶପଥ ଗ୍ରହଣ ସମାରୋହରେ ସାମିଲ କରିବା ପାଇଁ ନିମନ୍ତ୍ରଣ ପଠାଯାଇଛି । ୧୭ ଫେବ୍ଆରୀରରେ ପ୍ରଧାନମନ୍ତ୍ରୀ ଶପଥ ଗ୍ରହଣ ସମାରୋହତ ଅନୁଷ୍ଠିତ ହେବ ।

## ନିଖୋଜ ଭାରତୀୟ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଆମେରିକା : ଫେବୃଆରୀ ୯ ତାରିଖରୁ ଆମେରିକାରେ ନିଖୋଜ ଥିବା ୨୨ ବର୍ଷୀୟ ଭାରତୀୟ ଛାତ୍ର ସାକେତ ଶ୍ରୀନିବାସୈୟାଙ୍କ ମୃତଦେହ ଆଜି ଉଦ୍ଧାର କରାଯାଇଛି । ଯାହାର ସୂଚନା ସାନ ଫ୍ରାନ୍ସିସ୍କୋର ଭାରତୀୟ କନସୁଲେଟ୍ ଦେଇଛି । କର୍ଣ୍ଣାଟକର ଟୁମାକୁରୁ ଜିଲ୍ଲାର ବାସିନ୍ଦା ସାକେତ ଶ୍ରୀନିବାସୈୟା ବର୍କଲିର କାଲିଫର୍ନିଆ ୟୁନିଭର୍ସିଟିରେ ପୋଷ୍ଟ ଗ୍ରାଜୁଏସନ୍ କରୁଥିବା ଜଣାପଡିଛି । ଶେଷ ଥର ପାଇଁ କାଲିଫର୍ନିଆର ଟିଲଡେନ୍ ଆଞ୍ଚଳିକ ପାର୍କ ପାଖରେ ଥିବା ଏକ ହ୍ରଦ ନିକଟରେ ତାଙ୍କୁ ଦେଖିବାକୁ ମିଳିଥିଲା ।

ସୂଚନାନୁଯାୟୀ, ଭାରତୀୟ କନସୁଲେଟ୍ ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ କହିଛି ଯେ ସ୍ଥାନୀୟ ପୋଲିସ ସାକେତଙ୍କ ମୃତଦେହ ଉଦ୍ଧାର ହେବା ନିଶ୍ଚିତ କରିଛି । ଦୂତାବାସ ତାଙ୍କ ପରିବାର ପ୍ରତି ଗଭୀର ସମବେଦନା ପ୍ରକାଶ କରିଛି । ଦୂତାବାସ ଏହା ମଧ୍ୟ କହିଛି ଯେ, ଏହା ସ୍ଥାନୀୟ ଅଧିକାରୀଙ୍କ ସହିତ ସମନ୍ୱୟ ରଖିବା ସହିତ ମୃତଦେହକୁ ଭାରତ ଫେରାଇ ଆଣିବା ପାଇଁ ସମସ୍ତ ପ୍ରକାରର ସହାୟତା ଯୋଗାଇବ । କନସୁଲେଟର୍ ଅଧିକାରୀମାନେ ପରିବାର ସହିତ ଯୋଗାଯୋଗରେ ଅଛନ୍ତି ଏବଂ ଆବଶ୍ୟକୀୟ ଔପଚାରିକତାରେ ମଧ୍ୟ ସହାୟତା କରୁଛନ୍ତି । ଏହାରି ମଧ୍ୟରେ ସାକେତଙ୍କ ବାପା କହିଛନ୍ତି ଯେ, ତାଙ୍କ ପୁଅ ସହିତ ଶେଷ ଥର ପାଇଁ ଫେବୃଆରୀ ୯ ତାରିଖରେ କଥା ହୋଇଥିଲେ । ତାଙ୍କ ନିଖୋଜ ହେବା ପରେ ପରିବାର ଏବଂ ବନ୍ଧୁଙ୍କ ସହିତ ଯୋଗାଯୋଗ କରିଥିଲେ । କୌଣସି ସୂଚନା ନ ମିଳିବାରୁ ବର୍କଲି ପୋଲିସ ବିଭାଗରେ ଅଭିଯୋଗ କରାଯାଇଥିଲା । ସାକେତଙ୍କ ବାପା-ମା ୧୩ ଫେବୃଆରୀରେ କର୍ଣ୍ଣାଟକ ସରକାରଙ୍କୁ ସାହାଯ୍ୟ ମାଗିଥିଲେ । କର୍ଣ୍ଣାଟକ ସରକାର ବୈଦେଶିକ ମନ୍ତ୍ରଣାଳୟକୁ ହସ୍ତକ୍ଷେପ କରିବାକୁ ଏବଂ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବାକୁ ଅନୁରୋଧ କରିଥିଲେ ।

## ଉଦ୍ଧବ ଠାକରେଙ୍କ ସାନ ପୁଅ ତେଜସ୍ ଠାକରେଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ



ମୁମ୍ବାଇ: ଶିବସେନା (ୟୁବିଟି) ମୁଖ୍ୟ ତଥା ପୂର୍ବତନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ସାନ ପୁଅ ତେଜସ୍ ଠାକରେଙ୍କ ସମ୍ପର୍କରେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ତେଜସ୍ ଠାକରେଙ୍କୁ ମୁମ୍ବାଇର ଗିରଗାଓଁସ୍ଥିତ ସାର୍ ଏଚ୍.ଏନ୍. ରିଲାଏନ୍ସ ଫାଉଣ୍ଡେସନ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଗତ ତିନି ଦିନ ଧରି ସେ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି । ରବିବାର ପୂର୍ବାହ୍ନ ୧୦ଟାରେ ଉଦ୍ଧବ ଠାକରେ ବ୍ୟକ୍ତିଗତ ଭାବରେ ହସ୍ପିଟାଲକୁ ଯାଇ ତାଙ୍କ ପୁଅଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି । ତେଜସ୍ ଠାକରେଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିବା ପରେ ତାଙ୍କୁ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ରଖାଯାଇଛି, ଯାହା ଠାକରେ ପରିବାର ଏବଂ ସମର୍ଥକମାନଙ୍କ ମଧ୍ୟରେ ଚିନ୍ତାର ବାତାବରଣ ସୃଷ୍ଟି କରିଛି ।

ରିପୋର୍ଟ ଅନୁଯାୟୀ, ତେଜସ୍ ଠାକରେଙ୍କୁ ତିନି ଦିନ ପୂର୍ବରୁ ହସ୍ପିଟାଲକୁ ଅଣାଯାଇଥିଲା । ତଥାପି, ତାଙ୍କ ଅସୁସ୍ଥତାର କାରଣ ସମ୍ପର୍କରେ ହସ୍ପିଟାଲ ପ୍ରଶାସନ କିମ୍ବା ଠାକରେ ପରିବାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସୂଚନା ଦିଆଯାଇ ନାହିଁ । ହସ୍ପିଟାଲ ସୂତ୍ର ଅନୁଯାୟୀ କିଛି ଶାରୀରିକ ସମସ୍ୟା ଯୋଗୁ ତାଙ୍କୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଭର୍ତ୍ତି କରାଯାଇଥିଲା । ବର୍ତ୍ତମାନ, ଡାକ୍ତରଙ୍କ ଏକ ସ୍ୱତନ୍ତ୍ର ଦଳ ତାଙ୍କ ସ୍ୱାସ୍ଥ୍ୟ ଉପରେ ନିରନ୍ତର ନଜର ରଖିଛନ୍ତି ଏବଂ ଆବଶ୍ୟକୀୟ ଡାକ୍ତରୀ ପରୀକ୍ଷା କରୁଛନ୍ତି । ଉଦ୍ଧବ ଠାକରେ ଏଚ୍.ଏନ୍. ରିଲାଏନ୍ସ ହସ୍ପିଟାଲରେ ପହଞ୍ଚି ଚିକିତ୍ସା କରୁଥିବା ଡାକ୍ତରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ ଓ ତେଜସ୍ଙ୍କ ସୁସ୍ଥତା ରିପୋର୍ଟ ବିଷୟରେ ପଚାରି ବୁଝିଥିଲେ । ଉଦ୍ଧବ ଠାକରେ ତାଙ୍କ ପୁଅ ସହିତ ପ୍ରାୟ ଗୋଟିଏ ଘଣ୍ଟା ବିତାଇଥିଲେ । ହସ୍ପିଟାଲ ବାହାରେ ସୁରକ୍ଷା ବ୍ୟବସ୍ଥା କଡ଼ା ଥିଲା ଏବଂ କିଛି ଘନିଷ୍ଠ ଶିବସେନା ନେତା ମଧ୍ୟ ସେଠାରେ ପହଞ୍ଚିଥିଲେ ।

ତାଙ୍କ ବଡ଼ ଭାଇ ଆଦିତ୍ୟ ଠାକରେଙ୍କ ପରି, ତେଜସ୍ ଠାକରେ ସକ୍ରିୟ ରାଜନୀତିରୁ ଦୂରରେ ରହିଛନ୍ତି । ସେ ବୃତ୍ତିରେ ଜଣେଉଦ୍ଧବ ଠାକରେ ସଂରକ୍ଷକ ଏବଂ ବନ୍ୟପ୍ରାଣୀ ଗବେଷକ । ସେ ଅନେକ ନୂତନ ପ୍ରଜାତି ମଧୁର ଜଳ କଙ୍କଡ଼ା ସହିତ ଝିଟିପିଟି ଆବିଷ୍କାର କରିଛନ୍ତି, ଯେଉଁଥିରୁ ଗୋଟିଏ ଠାକରେ ପରିବାର ନାମରେ ନାମିତ ହୋଇଛି । ସାଧାରଣତଃ ଶାନ୍ତ ରହୁଥିବା ତେଜସ୍ ଗତ ବର୍ଷ ଅନନ୍ତ ଅମ୍ବାନୀଙ୍କ ସଙ୍ଗୀତ ସମାରୋହରେ ନାଚିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଠାକରେ ପରିବାର ସମର୍ଥକମାନଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି ଏବଂ ଆଶା

## ଡୋନାଲ୍ଡ ୩ ବର୍ଷ ମଧ୍ୟରେ ଚାଲିଯିବେ ,କାଲିଫର୍ନିଆ ରାଜ୍ୟପାଳ ୟୁରୋପକୁ ଦେଲେ ଆଶ୍ୱାସନା



ୱାସିଂଟନ: କାଲିଫର୍ନିଆର ରାଜ୍ୟପାଳ ଗାଭିନ୍ ନ୍ୟୁସମ୍ କହିଛନ୍ତି, ଡୋନାଲ୍ଡ ଟ୍ରମ୍ପ କେବଳ ୨୦୨୮ ପର୍ଯ୍ୟନ୍ତ ରାଷ୍ଟ୍ରପତି ରହିବେ । ସେ ତିନି ବର୍ଷ ପରେ ବିଦାୟ ନେବେ । ତେଣୁ ୟୁରୋପ ତାଙ୍କୁ ଅସ୍ଥାୟୀ ଭାବରେ ଦେଖିବା ଉଚିତ । ସେ ୟୁରୋପକୁ ଆମେରିକା ଉପରେ ବିଶ୍ୱାସ ବଜାୟ ରଖିବାକୁ ଅନୁରୋଧ କରିଛନ୍ତି ।

ଡେମୋକ୍ରାଟିକ୍ ପାର୍ଟିର ନେତା ନ୍ୟୁସମ୍ ୟୁରୋପ ସହିତ ଟ୍ରମ୍ପ ପ୍ରଶାସନର ଉତ୍ତେଜନାର ପ୍ରତିକ୍ରିୟାରେ ଏହି ବିବୃତି ଦେଇଛନ୍ତି । ଦ୍ୱିତୀୟ ଥର ପାଇଁ ରାଜ୍ୟପାଳ ହୋଇଥିବା ନ୍ୟୁସମ୍ ୨୦୨୮ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀ ହୋଇପାରନ୍ତି । ଜର୍ମାନୀରେ ମ୍ୟୁନିଚ୍ ସୁରକ୍ଷା ସମ୍ମିଳନୀରେ ଏଭଳି କହି ସେ ଟ୍ରମ୍ପଙ୍କୁ କଟାକ୍ଷ କରିଛନ୍ତି । ବିଶ୍ୱସ୍ତରୀୟ ମଞ୍ଚରେ ଡୋନାଲ୍ଡ ଟ୍ରମ୍ପଙ୍କୁ ଟାର୍ଗେଟ କରି, ଗାଭିନ୍ ନ୍ୟୁସମ୍ ନିଜକୁ ଆମେରିକା ରାଷ୍ଟ୍ରପତିଙ୍କ ସବୁଠାରୁ ଶକ୍ତିଶାଳୀ ପ୍ରତିପକ୍ଷ ଭାବରେ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିଛନ୍ତି । ଯଦିଓ ନ୍ୟୁସମ୍ ଏପର୍ଯ୍ୟନ୍ତ ନିଜକୁ ସିଧାସଳଖ ରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିନାହାନ୍ତି, ସେ ଏନେଇ ସଙ୍କେତ ଦେଇଛନ୍ତି । ଡୋନାଲ୍ଡ ଟ୍ରମ୍ପ୍ ଗତ କିଛି ମାସ ଧରି ୟୁରୋପୀୟ ଦେଶମାନଙ୍କ ସହିତ ମତଭେଦରେ ଅଛନ୍ତି । ଗ୍ରିନ୍ ?ଲାଣ୍ଡକୁ ଆମେରିକା ସହିତ ମିଶାଇବା ପାଇଁ ଟ୍ରମ୍ପ ଦେଇଥିବା ଧମକ ୟୁରୋପକୁ ବିଶେଷ ଭାବରେ ଅସନ୍ତୁଷ୍ଟ କରିଛି । ଆମେରିକା ଓ ୟୁରୋପୀୟ ଦେଶମାନଙ୍କ ମଧ୍ୟରେ ଦଶନ୍ଧି ଧରି ରହିଥିବା ସହଯୋଗକୁ ଦୃଷ୍ଟିରେ ରଖି ୟୁରୋପୀୟ ଦେଶମାନେ ଏହାକୁ ଏକ ବଡ଼ ଅପମାନ ମନେ କରୁଛନ୍ତି । ଗାଭିନ୍ ନ୍ୟୁସମ୍ ଏହାର ସୁଯୋଗ ନେଇ ଟ୍ରମ୍ପଙ୍କୁ ଟାର୍ଗେଟ କରିଥିବା କୁହାଯାଉଛି ।

## ରାହୁଲଙ୍କ ମୁହଁରେ ଚାଷୀ ସୁରକ୍ଷା କଥା ହାସ୍ୟାସ୍ପଦ: ଶାହ



ନୂଆଦିଲ୍ଲୀ: ଆଜି ପୁଣି ଥରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ । ୟୁରୋପ ସଂଘ ଓ ଆମେରିକା ସହ ବାଣିଜ୍ୟ ଚୁକ୍ତିକୁ ନେଇ ରାହୁଲ ଗାନ୍ଧୀ ଅପପ୍ରଚାର କରୁଥିବା ଅଭିଯୋଗ ଆଣିଛନ୍ତି ଶାହ । ଗାନ୍ଧୀନଗରରେ ଏକ ସଭାକୁ ସମ୍ବୋଧିତ କରି ସେ କହିଛନ୍ତି, ଯେତେବେଳେ ସଂସଦରେ ରାହୁଲ ଗାନ୍ଧୀ ଛିଡ଼ା ହୋଇ ଚାଷୀ ସୁରକ୍ଷା କଥା ଉଠାନ୍ତି ସେତେବେଳେ ମତେ ବହୁତ ହସ ଲାଗେ । ଦେଶକୁ ଭ୍ରମିତ କରିବାରେ କଂଗ୍ରେସ ଦଳର ଅନେକ ଇତିହାସ ରହିଛି । କିନ୍ତୁ ଏବେ ବାଣିଜ୍ୟ ଚୁକ୍ତିକୁ ନେଇ ପ୍ରଶ୍ନ ଉଠାଉଛନ୍ତି । ମୁଁ ଦେଶର ସବୁ ଚାଷୀଭାଇମାନଙ୍କୁ ଆଶ୍ୱସନା ଦେଇ କହିବାକୁ ଚାହୁଛି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁ ପ୍ରକାର ବାଣିଜ୍ୟ ଚୁକ୍ତିରେ ଚାଷ ଓ ଚାଷୀଙ୍କ ହିତକୁ ଗୁରୁତ୍ୱ ଦେଇଛନ୍ତି, ତେଣୁ ଚିନ୍ତା କରିବାର କୌଣସି କଥା ନାହିଁ ।

ଶାହ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରି ଦୁଗ୍ଧ ଶିଳ୍ପକୁ ନଷ୍ଟ କରିଦେବା ଭଳି ରାହୁଲ ଗାନ୍ଧୀଙ୍କ ଅଭିଯୋଗ ଭିତ୍ତିହୀନ । ତାଙ୍କ କଥାରେ କୌଣସି ଦମ୍ ନାହିଁ । ସେ କେବଳ ଲୋକଙ୍କୁ ମିଛ କହି ଭ୍ରମିତ କରୁଛନ୍ତି । ଆମେ ଦୁଗ୍ଧ କ୍ଷେତ୍ରର ସମ୍ପ୍ରସାରଣ କରିଛୁ, ଏହାକୁ ଦୁର୍ବଳ କରିନାହୁଁ । ସମସ୍ତ ଚୁକ୍ତିନାମାରେ ଦୁଗ୍ଧ କ୍ଷେତ୍ରକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯାଇଛି ବୋଲି ଶାହ କହିଛନ୍ତି ।

# ଜେଲରୁ ମୁକୁଳିବେ ଇମ୍ରାନ ଖାନ୍, ଚିକିତ୍ସା ପାଇଁ ହସ୍ପିଟାଲକୁ ହେବେ ସ୍ଥାନାନ୍ତର




ଇସଲାମାବାଦ୍: ଆଦିଆଲା ଜେଲରେ ବନ୍ଦୀ ଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନଥିବା ଖବର ପ୍ରକାଶ ପାଇବା ପରେ ଦେଶବ୍ୟାପୀ ତୀବ୍ର ପ୍ରତିବାଦ ଦେଖିବାକୁ ମିଳିଛି । ଇମ୍ରାନ ଖାନଙ୍କୁ ତୁରନ୍ତ ଜେଲରୁ ବାହାର କରି ତାଙ୍କର ଚିକିତ୍ସା କରାଇବା ଦାବିରେ ପାକିସ୍ତାନ ତେହେରିକ୍-ଏ-ଇନସାଫ (ପିଟିଆଇ)ର କର୍ମଚାରୀମାନେ ଇସଲାମାବାଦ, କରାଚୀ, ସ୍ୱାବୀ ଓ ରାୱଲପିଣ୍ଡି ଭଳି ବିଭିନ୍ନ ସହରରେ ରାସ୍ତାରୋକ କରିଛନ୍ତି । ସରକାରଙ୍କ ବିରୋଧରେ

ଇମ୍ରାନଙ୍କୁ ଜେଲରୁ ହସ୍ପିଟାଲକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ନେଇଛି । ଇମ୍ରାନ ଖାନଙ୍କ ଉତ୍ତମ ଚିକିତ୍ସା ପାଇଁ ସରକାର ବିଶେଷଜ୍ଞ ଡାକ୍ତରଙ୍କ ଏକ ଟିମ୍ ଗଠନ କରିଛନ୍ତି । ରାୱଲପିଣ୍ଡିର ଅଲ୍ ଶିଫା ଚକ୍ଷୁ ହସ୍ପିଟାଲର ଡାକ୍ତର ମହମ୍ମଦ ଅମଜାଦ ଓ ଡାକ୍ତର ନଦୀମ କୁରେଶୀଙ୍କୁ ଏହି ଟିମରେ ସାମିଲ ଅଛନ୍ତି । ସେପଟେ କିନ୍ତୁ ପ୍ରତିବାଦ ଜାରି ରଖିଛି ''ପିଟିଆଇ'' ।

ସୂଚନା ଅନୁଯାୟୀ, ଗତ ଅକ୍ଟୋବରରେ ଇମ୍ରାନ ଖାନଙ୍କ ଡାହାଣ ଆଖିରେ ସମସ୍ୟା ଦେଖାଦେଇଥିଲା । ସେ ଠିକ୍ ଭାବରେ ଦେଖିପାରୁନଥିଲେ, ତାଙ୍କୁ ସବୁକିଛି ରକ୍ତଚାପର ଉପଯୁକ୍ତ ଚିକିତ୍ସା ଅଭାବରୁ ଏହି ସମସ୍ୟା ଆହୁରି ବଢ଼ିଯାଇଛି । ତାଙ୍କର ରକ୍ତଚାପ କିଛି ମାସ ପର୍ଯ୍ୟନ୍ତ ସ୍ୱାଭାବିକ ଠାରୁ ଅଧିକ ରହିଥିଲା, କିନ୍ତୁ ତାଙ୍କ ଔଷଧରେ କୌଣସି ଆବଶ୍ୟକୀୟ ପରିବର୍ତ୍ତନ କରାଯାଇ ନଥିଲା । ନଭେମ୍ବରରେ ଦୃଷ୍ଟିଶକ୍ତି ହ୍ରାସ ଅଭିଯୋଗ କରିବା ସତ୍ତ୍ୱେ, ତାଙ୍କୁ ଅଧିକ ଚିକିତ୍ସା ପାଇଁ ହସ୍ପିଟାଲକୁ ନିଆଯାଇ ନଥିଲା । ପ୍ରଥମେ ତାଙ୍କୁ କେବଳ ଆଖି ଡ୍ରପ୍ ଦିଆଯାଇଥିଲା । ଜାନୁଆରୀ ମାସରେ ଯେତେବେଳେ ତାଙ୍କ ଡାହାଣ ଆଖି ପ୍ରାୟ ୮୫ ପ୍ରତିଶତ ଦୃଷ୍ଟିଶକ୍ତି ହରାଇବସିଲା ସେତେବେଳେ

# ସୁପର-୮ରେ ୱେଷ୍ଟଇଣ୍ଡିଜ୍




ନୂଆଦିଲ୍ଲୀ, ୧୫/୨ : ଟି-୨୦ ବିଶ୍ୱକପ ୨୦୨୬ ବେଶ ରୋମାଞ୍ଚକ ହେବାରେ ଲାଗିଛି । ବିଜୟ ପାଇଁ ସମସ୍ତ ଦଳ ପ୍ରୟାସ ଜାରି ରଖିଥିବାବେଳେ ପ୍ରଥମ ଦଳ ଭାବେ ସୁପର-୮ରେ ସ୍ଥାନ ପକ୍କା କରିଛି ୱେଷ୍ଟଇଣ୍ଡିଜ୍ । ରବିବାର ଖେଳାଯାଇଥିବା ନେପାଳ ବିପକ୍ଷ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୯ ୱିକେଟରେ ବିଜୟୀ ହୋଇଛି । ଲଗାତାର ତୃତୀୟ ବିଜୟ ସହ ଆଗାମୀ ପର୍ଯ୍ୟାୟକୁ ଉନ୍ନିତ ହୋଇଛି ଦୁଇଥର ଟି-୨୦ ବିଶ୍ୱକପ ହାତେଇଥିବା ଏହି ଦଳ ।

ରବିବାର ମୁମ୍ବାଇର ୱାଖେଡେ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ନେପାଳ ବିପକ୍ଷରେ ଏକପାଖିଆ ଖେଳିଥିଲା ଶକ୍ତିଶାଳି ୱେଷ୍ଟଇଣ୍ଡିଜ୍ । ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା ୱେଷ୍ଟଇଣ୍ଡିଜ୍ । ନେପାଳକୁ ମାତ୍ର ୧୩୩ ରନ୍ ମଧ୍ୟରେ ସୀମିତ ରଖିଥିଲା । ୮ ୱିକେଟ ହରାଇ ନେପାଳ ୧୩୩ ରନ କରିଥିଲା । ଦଳ ପକ୍ଷରୁ ଦଳ ପକ୍ଷରୁ ଦୀପେନ୍ଦ୍ର ସର୍ବାଧିକ ୫୮ ରନ କରିବାରେ ସକ୍ଷମ ହୋଇଥିଲେ । ବାକି କେଣସି ଖେଳାଳି ବଡ଼ ସ୍କୋର କରିପାରିନଥିଲେ । ୱେଷ୍ଟଇଣ୍ଡିଜ୍ ପକ୍ଷରୁ ହୋଲଡର ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିଲେ ।

୧୩୪ ରନ୍ ବିଜୟ ଲକ୍ଷ୍ୟ ରହିଥିବାବେଳେ ୱେଷ୍ଟଇଣ୍ଡିଜ୍ ୧୫ ଓଭର ୨ଟି ବଲରେ ଗୋଟିଏ ୱିକେଟ୍ ହରାଇ ବିଜୟ ହାସଲ କରିଥିଲା । ସାଇ ହୋପ୍ ୬୧ ରନ୍ ଏବଂ ସିମରନ୍ ହେଟମାୟାର ୪୬ ରନର ପାଳି ଖେଳିଥିଲେ । ଓପନର ବ୍ୟାଟ୍ସମ୍ୟାନ ବ୍ରାଣ୍ଡନ୍ କିଙ୍ଗ ୨୨ ରନ କରିଥିଲେ । ତେବେ ଏହି ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରିଥିବା ହୋଲଡର ମ୍ୟାନ୍ ଅଫ୍ ଦ ମ୍ୟାଚ୍ ବିବେଚ୍ଚିତ ହୋଇଥିଲେ । ସହଜ ବିଜୟ ହାସଲ କରିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ପହଞ୍ଚିଛି ୱେଷ୍ଟଇଣ୍ଡିଜ୍ ।

ୱେଷ୍ଟଇଣ୍ଡିଜ୍ ପ୍ରଥମ ମ୍ୟାଚ୍ ସ୍କଟଲ୍ୟାଣ୍ଡ ବିପକ୍ଷରେ ଖେଳିଥିଲା । ଯେଉଁଥିରେ ୩୫ ରନରେ ବିଜୟ ହାସଲ କରିଥିଲା । ଏହାପରେ ଦ୍ୱିତୀୟ ମ୍ୟାଚ୍‌ରେ ଦୁଇଥର ଟି-୨୦ ବିଶ୍ୱକପ ଜିତିଥିବା ଇଂଲଣ୍ଡକୁ ଭେଟିଥିଲା । ଏହି ମ୍ୟାଚ୍‌କୁ ୩୫ ରନରେ ବିଜୟ ହାସଲ କରିଥିଲା । ଆଉ ଏବେ ୯ ୱିକେଟରେ ବିଜୟ ହାସଲ କରିଥିବାବେଳେ ଚଳିତ ବିଶ୍ୱକପରେ ପ୍ରଥମ ସୁପର-୮ରେ ପହଞ୍ଚିଥିବା ଦଳ ଭାବେ ଉଭା ହୋଇଛି । ସେପଟେ ଆଜି ଭାରତ-ପାକିସ୍ତାନ ମଧ୍ୟରେ କଡ଼ା ଟକ୍କର ହେବାକୁ ଥିବାବେଳେ ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟ ହେବ ସେ ମଧ୍ୟ ସୁପର-୮ରେ ସ୍ଥାନ ପକ୍କା କରିବ । ଏଣୁ ଆଜିର ମ୍ୟାଚ୍‌ଟି ବେଶ ରୋମାଞ୍ଚକ ହେବ ବୋଲି ଆଶା ରଖିଛନ୍ତି କ୍ରିକେଟପ୍ରେମୀ ।

ପାରାଦୀପରେ ୨୫ତମ ଆମନ୍ତ୍ରଣ କପ ଗଲ୍ଫ

# ଅକ୍ଷୟ ସୁତାର ଚମ୍ପିୟନ



ପାରାଦୀପ – ପାରାଦୀପ ଗଲ୍ଫ କ୍ଲବର ବାର୍ଷିକ ଆମନ୍ତ୍ରଣ କପ ଗଲ୍ଫ ଟୁର୍ଣ୍ଣାମେଣ୍ଟ ୨୦୨୬ ଚଳିତ ଫେବୃଆରୀ ୧୪ ଓ ୧୫ ତାରିଖ ଦୁଇଦିନ ପର୍ଯ୍ୟନ୍ତ ପାରାଦୀପ ପୋର୍ଟ ଗଲ୍ଫ କୋର୍ସରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ପାରାଦୀପ ଗଲ୍ଫ କ୍ଲବ ଦ୍ୱାରା ଆୟୋଜିତ ହୋଇଥିଲା । ପାରାଦୀପ ପୋର୍ଟ ଅଥରିଟି (ପିପିଏ)ର ଉପାଧ୍ୟକ୍ଷ ଟି.ଭେନୁ ଗୋପାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ । ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ଅସିତ କୁମାର ତ୍ରିପାଠି ଏବଂ ପାରାଦୀପ ବନ୍ଦର ଟ୍ରାଫିକ ବିଭାଗର ପରାମର୍ଶଦାତା ଏ.କେ. ବୋଷ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ବିଜେତାମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ । ପାରାଦୀପ ଗଲ୍ଫ କ୍ଲବର ଅକ୍ଷୟ ଚନ୍ଦ୍ର ସୂତାର ହ୍ୟାଣ୍ଡିକ୍ୟାପ୍ (୦-୧୦) ବର୍ଗରେ ଚମ୍ପିଅନ୍ ହୋଇଥିଲେ । ଭୁବନେଶ୍ୱର ଗଲ୍ଫ କ୍ଲବର ଡକ୍ଟର ଦେବଦର୍ଶୀ ରଥ ହ୍ୟାଣ୍ଡିକ୍ୟାପ୍ (୧୧-୧୯) ବର୍ଗରେ ଚମ୍ପିଅନ୍ ହୋଇଥିବା ବେଳେ ପାରାଦୀପ ଗଲ୍ଫ କ୍ଲବର ରଞ୍ଜିତ କୁମାର ବୋମାଲି ହ୍ୟାଣ୍ଡିକ୍ୟାପ୍ (୨୦-୨୪) ବର୍ଗରେ ଚମ୍ପିଅନ୍ ଟାଇଟଲ୍ ଜିତିଥିଲେ । ଭୁବନେଶ୍ୱର ଗଲ୍ଫ କ୍ଲବର ଶାଶ୍ୱତ ପଣ୍ଡା ଶ୍ରେଷ୍ଠ ଗ୍ରସ୍ ପୁରସ୍କାର ପାଇଥିଲେ । ପାରାଦୀପ ଗଲ୍ଫ କ୍ଲବର ସଭାପତି ସୁଶୀଲ ଚନ୍ଦ୍ର ନାହାକ, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠି, କ୍ୟାପଟେନ ଏ.ସି.ସୁତାର ଏବଂ ସମ୍ପାଦକ ମନୋଜ କୁମାର ମହନ୍ତ ସଫଳତାର ସହ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ । ଭାରତର ବିଭିନ୍ନ ସ୍ଥାନରୁ ୭ ଟି ପ୍ରମୁଖ ଗଲ୍ଫ କ୍ଲବର ୭୧ ଜଣ ଗଲ୍ଫ ଖେଳାଳି ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିଲେ ।

# ଜାତୀୟ ସ୍ପିଡ୍‌ସ୍କେଟିଂରେ ଦେବାଂଶଙ୍କୁ ସ୍ୱର୍ଣ୍ଣପଦକ

ବରୀ: ଚେନ୍ନାଇର ଜବହାରଲାଲ ନେହୁରୁ ଷ୍ଟାଡିୟମରେ ଆୟୋଜିତ ଜାତୀୟ ସ୍ପିଡ଼ସ୍କେଟିଂ ପ୍ରତିଯୋଗିତାରେ ଦେବାଂଶ କର କୃତିତ୍ୱ ହାସଲ କରିଛନ୍ତି । ଦେବାଂଶ ୪୦୦ ମିଟର ସ୍ପିଡ଼ସ୍କୟଟିଂରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣପଦକ ଓ ଟ୍ରଫି ଜିତିଛନ୍ତି । ଦେବାଂଶ ହେଉଛନ୍ତି ବରୀ ବ୍ଲକ ଅନ୍ତର୍ଗତ ଇଷାଣପୁର ଗ୍ରାମପଞ୍ଚାୟତର ଶଙ୍କରାକୂଳ ଗ୍ରାମର ସ୍ୱର୍ଗତ ମଧୁସୂଦନ କରଙ୍କ ଅଣନାତି ଓ କର୍ଣ୍ଣଲ ଅକ୍ଷୟ କୁମାର କର ଓ ବୈଜୟନ୍ତ କରଙ୍କ ନାତି ତଥା ନିରଞ୍ଜନ କର ଓ ସମାପିକା ମିଶ୍ରଙ୍କ ପୁଅ । ଦେବାଂଶଙ୍କ ଏହି ସଫଳତା ପାଇଁ ବରୀ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି । ହରମୋହନ କର, ମହେଶ୍ୱର କର, ଅନନ୍ତ କର, କମଳାକାନ୍ତ କର, ଅହଲ୍ୟା କର, ହରି ପ୍ରଶନ୍ନ କର ତଥା ଗ୍ରାମବାସୀ ଶୁଭେଚ୍ଛା ଜଣାଇଛନ୍ତି ।




# ଫାଇନାଲରେ ଟମାଣ୍ଡୋ ଭୁବନେଶ୍ୱର ଏବଂ ରାଇଜିଂ ଷ୍ଟୁଡେଣ୍ଟ୍ କଟକ



ଅନୁଗୋଳ, ୧୫।୨: ଗୋଟମରା ଖେଳ ପଡ଼ିଆ ଠାରେ ୧୩ତମ ସର୍ବ ଭାରତୀୟ ଏ.ପି. ସିଂହ ମେମୋରିଆଲ ଏବଂ ୩୩ତମ ମା ବ୍ରହ୍ମାୟଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏନଆରସିଏ ଏବଂ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ମଧ୍ୟରେ ଖେଳା ଯାଇଥିବା ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ଏନ ଆର ସି ଏ ଦଳକୁ ପରାସ୍ତ କରି ଗ୍ରାଣ୍ଡ ଫାଇନାଲ ମ୍ୟାଚ୍‌ରେ ପ୍ରବେଶ କରିଛନ୍ତି । ଆସନ୍ତା ୧୫ ତାରିଖ ଦିନ ଟମାଣ୍ଡୋ ଭୁବନେଶ୍ୱର ଏବଂ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ମଧ୍ୟରେ ଚିତ୍ତାକର୍ଷକ ଏବଂ ରୋମାଞ୍ଚକର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ର ମାନ୍ୟବର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ । ଏଥି ସହିତ ପୂର୍ବତନ ବିଧାୟକ ପାଲ୍ଲହରା ମୁକେଶ ପାଳ ଏବଂ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇଥିଲେ । ଅନୁଗୋଳ ବ୍ଲକ ବିଜେଡ଼ି ସଭାପତି ତଥା ସରପଞ୍ଚ କୁମୁରିସିଂହା ଶ୍ରୀ ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ବିଜେଡ଼ି ସମ୍ପାଦକ ଶ୍ରୀ ଅଜିତ ଦ୍ୱିବେଦୀ, କାଉନସିଲର ଶ୍ରୀ ସଦାନନ୍ଦ ପଣ୍ଡା, କାଉନସିଲର ଶ୍ରୀ ସୁଶିଲ ମୁଖୀ, କାଉନସିଲର ରଞ୍ଜିତ ମାଣ୍ଡୋଠିଆ, ଯୁବ ବିଜେଡ଼ି ନେତା ରଶ୍ମି ରଞ୍ଜନ ସାମଲ, ଯୁବ ବିଜେଡ଼ି ନେତା ଅଶୋକ ସାହୁ, ବରିଷବରିଷ୍ଠ ନେତା ନୀଳକଣ୍ଠ ସାହୁ, ସମାଜସେବୀ ରାଜା ନାଥ, ସମାଜସେବୀ ବିଶ୍ୱଜିତ୍ ନାଥ, ସତ୍ୟ ପ୍ରକାଶ ମିଶ୍ର, ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ । MBCC କ୍ଲବ୍ ସଭାପତି ସୁବାଷ ଚନ୍ଦ୍ର ପଟ୍ଟନାୟକ, ଯୁବ ନେତା ଅରୁଣାଭ ସିଂହ ଏବଂ ସମସ୍ତ କ୍ଲବ ସଦସ୍ୟ ଖେଳ ପରିଚାଳନା କରିଥିଲେ ।

# ସି.ଏମ୍ ଟ୍ରଫି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଫୁଟବଲ ଉଦ୍‌ଯାପିତ




କେନ୍ଦ୍ରାପଡ଼ା, ୧୫/୨: ସି.ଏମ୍ ଟ୍ରଫି ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ଫୁଟବଲ ଚୟନ ପ୍ରତିଯୋଗିତା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରର ଖେଳପଡିଆରେ ଜିଲ୍ଲାର ବ୍ଲକ ଓ ପୌରା□ଳ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ବାଳକ ଓ ବାଳିକା ଫୁଟବଲ ଖେଳାଳୀମାନେ ଭାଗ ନେଇଥିଲେ । ପାଖାପାଖି ୪୦୦ରୁ ଉର୍ଦ୍ଧ୍ୱ ଖେଳାଳୀ ଅଂଶ ଗ୍ରହଣ କରିଥିଲେ । ଏଥିରୁ ବଛା ବଛି ଭଲ ପ୍ରଦର୍ଶନ କରିଥିବା ୧୦ଟି ଦଳ ବାଳକ ଓ ୬ଟି ଦଳ ବାଳିକା ବିଭାଗର ଖେଳାଳୀ ମାନେ ଜିଲ୍ଲା ପ୍ରତିଯୋଗିତାରେ ଭାଗନେବେ ବୋଲି କ୍ରିଡା ସଂସଦର ସାଧାରଣ ସମ୍ପାଦକ ସୟଦ ଅକମଲ ଅଲି ଜଣାଇଛନ୍ତି । କ୍ରିଡା ଶିକ୍ଷକ ଜ୍ୟୋର୍ତିମୟ ଦାସ, ଦେବେନ୍ଦ୍ର କୁମାର ସାହୁ, ପ୍ରତିମା ମହାନ୍ତି, ପୂର୍ବତନ ଇ□ରନେସନାଲ ଫୁଟବଲ ଖେଳାଳୀ ଆଲୋଚନା ସେନାପତି, ମେନକା ମଲ୍ଲିକ, ଅନିମା ମଲ୍ଲିକ, ରଶ୍ମିତା ପାତ୍ର ପୂର୍ବତନ ରାଜ୍ୟ ଖେଳାଳୀ ପ୍ରଭୃତି ଅଂଶ ଗ୍ରହଣ କରିଥିଲେ ।

# ମହିଳା ଏ କ୍ରିକେଟ : ପାକିସ୍ତାନକୁ ହରାଇଲା ଭାରତ




ବ୍ୟାଙ୍କକ୍, ୧୫।୨: କଲମ୍ବୋରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ହାଇଭୋଲଟେଜ୍ ପୁରୁଷ ଟି-୨୦ ବିଶ୍ୱକପ୍ ମ୍ୟାଚ୍ ପୂର୍ବରୁ, ବ୍ୟାଙ୍କକରେ ଭାରତୀୟ ମହିଳା 'ଏ' ଦଳ ପାକିସ୍ତାନକୁ ମାତ୍ ଦେଇଛି । 'ମହିଳା ଏସିଆ କପ୍ ରାଇଜିଂ ଷ୍ଟାର୍ସ'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଭାରତୀୟ ମହିଳା ଦଳ ପାକିସ୍ତାନକୁ ୮ ୱିକେଟରେ ପରାସ୍ତ କରି ନିଜର ବିଜୟ ଅଭିଯାନ ଆରମ୍ଭ କରିଛି ।

ୟୁଏଇ (ଟଇର) ନିକଟରୁ ପ୍ରଥମ ମ୍ୟାଚ୍‌ରେ ପରାଜୟ ପରେ ଚାପରେ ଥିବା ଭାରତୀୟ ଦଳ ଏହି ମ୍ୟାଚ୍‌ରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛି । ପ୍ରଥମେ ବୋଲିଂ ଏବଂ ପରେ ଦମଦାର ବ୍ୟାଟିଂ ବଳରେ ଭାରତ ଏହି ଏକପାଖିଆ ବିଜୟ ହାସଲ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ ଦଳ ଭାରତୀୟ ବୋଲରଙ୍କ ସାମ୍ନାରେ ଆତ୍ମସମର୍ପଣ କରିଥିଲା । ରାଧା ଯାଦବ (୨/୧୧), ସାଇମା ଠାକୋର (୨/୧୪) ଏବଂ ପ୍ରେମା ରାୱତଙ୍କ (୨/୧୬) ଘାତକ ବୋଲିଂ ଯୋଗୁଁ ପାକିସ୍ତାନ ୧୮.୫ ଓଭରରେ ମାତ୍ର ୯୩ ରନ କରି ଅଲଆଉଟ୍ ହୋଇଯାଇଥିଲା । ପାକିସ୍ତାନ ପକ୍ଷରୁ ଶାୱାଲ ଜୁଲଫିକର ସର୍ବାଧିକ ୨୩ ରନ କରିଥିବା ବେଳେ ଗୁଲ୍ ରୁଖ୍ ୨୧ ରନ ସଂଗ୍ରହ କରିଥିଲେ । ୯୪ ରନର ସହଜ ଲକ୍ଷ୍ୟକୁ ପିଛା କରି ଭାରତୀୟ ଦଳ ମାତ୍ର ୧୦.୧ ଓଭରରେ ୨ଟି ୱିକେଟ୍ ହରାଇ ବିଜୟ ହାସଲ କରିଥିଲା । ପ୍ରଥମ ବଲରେ ହୁମାଇରା କାଜିଙ୍କ ୱିକେଟ୍ ହରାଇଥିଲେ ମଧ୍ୟ ଓପନର୍ ବୃନ୍ଦା ଦିନେଶ ବିସ୍ଫୋରକ ବ୍ୟାଟିଂ କରି ପାକିସ୍ତାନୀ ବୋଲରଙ୍କୁ ନାକେଦମ କରିଥିଲେ । ବୃନ୍ଦା ମାତ୍ର ୨୯ଟି ବଲରୁ ୧୨ଟି ଚୌକା ସହାୟତାରେ ଅପରାଜିତ ୫୫ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ତାଙ୍କୁ ଅନୁଷ୍କା ଶର୍ମା (୨୪ ରନ) ଭରପୂର ସହଯୋଗ କରିଥିଲେ । ଏହି ବୃହତ ବିଜୟ ସହ ଭାରତୀୟ ଦଳ ନିଜର ରନ-ରେଟରେ ସୁଧାର ଆଣିବା ସହ ସେମିଫାଇନାଲ ଦୌଡ଼ରେ ନିଜକୁ ବଜାୟ ରଖିଛି ।

# ମ୍ୟାଟ୍ରିକ୍ ପରୀକ୍ଷା ଦେବେନି ବୈଭବ

ସମସ୍ତିପୁର: ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବେନି । ୧୯ ବର୍ଷରୁ କମ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଚମତ୍କାର ପ୍ରଦର୍ଶନ କରିଥିବା ଏହି ଯୁବ ତାରକା ତାଙ୍କର ଅଭ୍ୟାସ ଶିବିର ଓ ପ୍ରତିଯୋଗିତା ସହ ଅଧିକ କ୍ରିକେଟ୍ କାର୍ଯ୍ୟସୂଚୀ ଥିବାରୁ ଯୋଗୁଁ ପରୀକ୍ଷା ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ବିହାରର ତେଜପୁରରେ ରହୁଥିବା ବେଭବ ସ୍ଥାନୀୟ ମଡାଷ୍ଟି ସ୍କୁଲ୍‌ରେ ପୁଛନ୍ତି । ପରୀକ୍ଷା ଲାଗି ସେ ଫର୍ମ ପୂରଣ କରିଥିଲା ବେଳେ ଆଡ୍‌ମିଟ୍ କାର୍ଡ ପାଇ ସାରିଛନ୍ତି ଏବଂ ପରୀକ୍ଷା କେନ୍ଦ୍ର ବି ସ୍ଥିର ହୋଇଛି । ହେଲେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ତାଙ୍କ ବାପା ସଞ୍ଜୀବ ସୂର୍ଯ୍ୟବଂଶୀଙ୍କ ମଧ୍ୟରେ ଆଲୋଚନା ପରେ ବେଭବ ପରୀକ୍ଷା ଦେବେନି ବୋଲି ନିଷ୍ପତ୍ତି ହୋଇଛି । ମ୍ୟାଚ୍ ଲାଗି ବିଭିନ୍ନ ସ୍ଥାନକୁ ଗସ୍ତ କରିବା ଏବଂ ଖେଳିବା ଯୋଗୁଁ ସେ ପରୀକ୍ଷା ଲାଗି ପ୍ରସ୍ତୁତ ହୋଇ ପାରି ନଥିଲେ ।

ଅରାଙ୍ଗ ବାଲୁଙ୍କେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ପଳାଶପୁର୍ ଓ ଗୁରୁଜଙ୍ଗ ବିଜୟୀ, ସେମିରେ ଗୁରୁଜଙ୍ଗ

ଖୋର୍ଦ୍ଧା ୧୫।୨ (ଖୋର୍ଦ୍ଧା ଉପକଣ୍ଠ ଅରାଙ୍ଗ ଖେଳପଡିଆ ଠାରେ ଅରାଙ୍ଗ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୪ ତମ ବାଲୁଙ୍କଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଆଜିର ଉଦଘାଟନୀ ଦିବସ ରେ ଗ୍ରାମର ସମାଜସେବୀ ଶ୍ରୀ ସୁଶାନ୍ତ କୁମାର ନାଟୁଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ । ଆଜିର ପ୍ରଥମ ମ୍ୟାଚ୍‌ରେ ପଳାସପୁର୍ ଦଳ ଅରିସଲ ଦଳ କୁ ୦୨ ରନ୍ ରେ ପରାସ୍ତ କରିଛି । ଟସ ଜିତି ଅରିସଲ୍ ଦଳ ପ୍ରଥମେ ବୋଲିଂ କରିବାର ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ପଳାଶପୁର୍ ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୦୬ ୱିକେଟ ହରାଇ ୧୧୮ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଚନ୍ଦନ କୁମାର ସାହୁ ୩୨ ରନ୍ ସଂଗ୍ରହ କରିଥିଲେ । ଜବାବ ରେ ଆରିସଲ ଦଳ ୧୦ ଓଭର ରେ ୫ ଟି ୱିକେଟ ହରାଇ ୧୧୬ ରନ୍ ସଂଗ୍ରହ ପରାସ୍ତ ହୋଇଥିଲେ । ପଳାଶ ପୁର ଦଳ ପକ୍ଷରୁ ଚନ୍ଦନ କୁମାର ସାହୁ ୩୨ ରନ୍ ଓ ୩ ଟି ୱିକେଟ ନେଇ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚ୍ଚିତ ହୋଇଥିଲେ । ଦ୍ୱିତୀୟ ମ୍ୟାଚ୍ ଗୁରୁଜଙ୍ଗ ଏବଂ ଯାଆଁଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ୍ ରେ ବିଜୟ ଲାଭ କରି ଯାଆଁଳା ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଯାଆଁଳା ଦଳ ନିର୍ଦ୍ଧାରିତ ୧୦ ଓଭର ରୁ ୯ ୱିକେଟ ହରାଇ ୯୬ରନ ସଂଗ୍ରହ କରିଥିଲେ ।



ଜବାବରେ ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ୮ ଓଭର ରୁ ୯୮ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲେ । ଗୁରୁଜଙ୍ଗ ଦଳର ଅନିଲ ବରାଳ ୪ ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳୀ ବିବେଚ୍ଚିତ ହୋଇଥିଲେ । ଆଜିର ଦିତୀୟାର୍ଦ୍ଧ ରେ ଗୁରୁଜଙ୍ଗ ଓ ପଳାଶ ପୁର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା ଟସ୍ ରେ ବିଜୟ ଲାଭ କରି ପଳାଶ ପୁର ଦଳ ପ୍ରଥମେ ବୋଲିଙ୍ଗ କରିବାର ନିଷ୍ପତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଗୁରୁଜଙ୍ଗ ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୩ ୱିକେଟ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା । ଜବାବ ରେ ପଳାଶପୁର ଦଳ ନିର୍ଦ୍ଧାରିତ ୧୦ ଓଭର ରୁ ୧୧୦ ରନ୍ ସଂଗ୍ରହ କରି ୪୯ ରନ୍ ରେ ପରାସ୍ତ ହୋଇଥିଲା ଓ ଗୁରୁଜଙ୍ଗ ସେମି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା । ଗୁରୁଜଙ୍ଗ ଦଳ ର ବିଶ୍ୱାସ ରଥ ଧୁଁଆଧାର ୮୩ ରନ୍ ର ପାରି ଖେଳି ଶ୍ରେଷ୍ଠ ଖେଳାଳି ବିବେଚ୍ଚିତ ହୋଇଥିଲେ । ଆଜିର ଖେଳକୁ ସୁମନ୍ତ ବେହେରା, ଶିବରାମ ପୃଷ୍ଟି ଓ ସୂର୍ଯ୍ୟକାନ୍ତ ସ୍ୱାଇଁ ପରିଚାଳନା କରିଥିବା ବେଳେ ସ୍କରର ଦାୟିତ୍ୱରେ ପ୍ରକାଶ ସାହୁ ଓ ଆଲୋକ ପ୍ରତିହାରୀ ରହିଥିଲେ । ସେହିପରି ଭାଷ୍ୟକାର ଭାବରେ ପ୍ରଶାନ୍ତ ନାଟୁଆ ଓ ସତ୍ୟବ୍ରତ ଦାସ କାର୍ଯ୍ୟ କରିଥିଲେ । ସୁଭେନ୍ଦୁ ପୃଷ୍ଟି ମ୍ୟାଚ୍ ରେଫରୀ ଦାୟିତ୍ୱ ତୁଲାଇଥିଲେ । ଦିତୀୟ ଦିବସ ସୋମବାର ପ୍ରଥମ ମ୍ୟାଚ୍ ଗଙ୍ଗପଡା ବନାମ ପାନବରଜ ଓ ଦ୍ୱିତୀୟ ମ୍ୟାଚ୍ କୁମାରବସ୍ତ ବନାମ ଭାଲିଆବାଡି ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୁଜିତ୍ ସାମନ୍ତରାୟ ଜଣାଇଛନ୍ତି । ଆଜିର ମ୍ୟାଚ୍‌ଗୁଡ଼ିକୁ ଅରାଙ୍ଗ କ୍ରିକେଟ କ୍ଲବ ର ସମସ୍ତ ସଦସ୍ୟ ପ୍ରମୁଖ ସହଯୋଗ କରିଥିଲେ ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k